ଶ୍ରୀଶ୍ରୀଗୁରୁଗୌରାଙ୍ଗୌ ଜୟତଃ




❀ Year-1 ଗୌରାବ୍ଦ—୫୩୪ Kartik Issue, October, 2020 Issue-4 ❀

## ବିଷୟସୂଚୀ


| | | | |
|---|---|---|---|
| ୧. | ଶ୍ରୀମୁକୁନ୍ଦମାଳା-ସ୍ତୋତ୍ରମ୍-୨ | ଶ୍ରୀମତ୍ କୁଳଶେଖର | ୩ |
| ୨. | ଗୀତାର ତାତ୍ପର୍ଯ୍ୟ | ଶ୍ରୀଳ ଭକ୍ତିବିନୋଦ ଠାକୁର | ୫ |
| ୩. | ସ୍ମାର୍ତ୍ତ ଓ ବୈଷ୍ଣବ | ଶ୍ରୀଳ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଠାକୁର ପ୍ରଭୁପାଦ | ୮ |
| ୪. | ଦଶମ (ସ୍କନ୍ଧ)ରେ ଦଶମ ଲକ୍ଷଣ | ଶ୍ରୀ ଶ୍ରୀମଦ୍ ଭକ୍ତିପ୍ରଜ୍ଞାନ କେଶବ ଗୋସ୍ୱାମୀ ମହାରାଜ | ୧୩ |
| ୫. | ଶ୍ରୀଭଗବାନଙ୍କ କଥା-୮ | ଶ୍ରୀଯୁକ୍ତ ଅଭୟ ଚରଣ ଦେ | ୧୬ |
| ୬. | ଶ୍ରୀନାମ ହିଁ କଳିଭୟ ନାଶନ | ଶ୍ରୀ ଶ୍ରୀମଦ୍ ଭକ୍ତିପ୍ରମୋଦ ପୁରୀ ଗୋସ୍ୱାମୀ ମହାରାଜ | ୨୦ |
| ୭. | ଶୁଦ୍ଧ ବର୍ଣ୍ଣାଶ୍ରମ-ଧର୍ମ | ଶ୍ରୀ ଶ୍ରୀମଦ୍ ଭକ୍ତିବେଦାନ୍ତ ବାମନ ଗୋସ୍ୱାମୀ ମହାରାଜ | ୨୪ |
| ୮. | ଶ୍ରୀକାମ୍ୟବନ (କାମବନ) | ଶ୍ରୀ ଶ୍ରୀମଦ୍ ଭକ୍ତିବେଦାନ୍ତ ନାରାୟଣ ଗୋସ୍ୱାମୀ ମହାରାଜ | ୨୬ |
| ୯. | ପରମାର୍ଥରେ ଭେଜାଲ | | ୨୯ |
| ୧୦. | ଶ୍ରୀଳ ଗୁରୁଦେବଙ୍କ ଅପ୍ରାକୃତ ଶିକ୍ଷାମୂଳକ ଜୀବନଚରିତ ଓ ସ୍ମୃତି-୮ | ଶ୍ରୀପାଦ ଭକ୍ତିବେଦାନ୍ତ ମାଧବ ମହାରାଜ | ୩୨ |
| ୧୧. | ଶ୍ରୀ ଶ୍ରୀମଦ୍ ଭକ୍ତିବିଜ୍ଞାନ ଭାରତୀ ଗୋସ୍ୱାମୀ ମହାରାଜଙ୍କ ଅପ୍ରାକୃତ ଜୀବନଚରିତ ଓ ସ୍ମୃତି-୮ | ଶ୍ରୀପାଦ ଭକ୍ତିବେଦାନ୍ତ ସିଦ୍ଧାନ୍ତି ମହାରାଜ | ୩୫ |



# ପ୍ରେରଣା ସ୍ରୋତ

ନିତ୍ୟଲୀଳାପ୍ରବିଷ୍ଟ ପରମହଂସ ଓଁ ବିଷ୍ଣୁପାଦ ଅଷ୍ଟୋତ୍ତରଶତଶ୍ରୀ

## ଶ୍ରୀମଦ୍ ଭକ୍ତିପ୍ରଜ୍ଞାନ କେଶବ ଗୋସ୍ୱାମୀ ମହାରାଜଙ୍କ

ଅନୁଗୃହୀତ ଏବଂ ଗୌଡ଼ୀୟ ବେଦାନ୍ତ ପ୍ରକାଶନର

ସଂସ୍ଥାପକ

ନିତ୍ୟଲୀଳାପ୍ରବିଷ୍ଟ ଓଁ ବିଷ୍ଣୁପାଦ ଅଷ୍ଟୋତ୍ତରଶତଶ୍ରୀ

## ଶ୍ରୀମଦ୍ ଭକ୍ତିବେଦାନ୍ତ ନାରାୟଣ ଗୋସ୍ୱାମୀ ମହାରାଜ


**ସମ୍ପାଦକ**— ଶ୍ରୀଉତ୍ତମକୃଷ୍ଣଦାସ ବ୍ରହ୍ମଚାରୀ

**ପ୍ରଚାର-ସମ୍ପାଦକ**— ଶ୍ରୀପାଦ ଭକ୍ତିବେଦାନ୍ତ ବୋଧାୟନ ମହାରାଜ, ଶ୍ରୀବଳରାମଦାସ ବ୍ରହ୍ମଚାରୀ, ଶ୍ରୀନରହରି ଦାସ ବ୍ରହ୍ମଚାରୀ ଶ୍ରୀଜିତକୃଷ୍ଣ ଦାସାଧିକାରୀ, ଶ୍ରୀପ୍ରାଣଗୋପାଳ ଦାସାଧିକାରୀ

**ସହକାରୀ ସମ୍ପାଦକ ସଂଘ**—

(୧) ତ୍ରିଦଣ୍ଡୀସ୍ୱାମୀ ଶ୍ରୀମଦ୍ଭକ୍ତିବେଦାନ୍ତ ତୀର୍ଥ ମହାରାଜ
(୨) ତ୍ରିଦଣ୍ଡୀସ୍ୱାମୀ ଶ୍ରୀମଦ୍ଭକ୍ତିବେଦାନ୍ତ ମାଧବ ମହାରାଜ
(୩) ମହାମହୋପାଧ୍ୟାୟ ପ୍ରଫେସର ଶ୍ରୀରଙ୍ଗାଧର ଷଡ଼ଙ୍ଗୀ
(୪) ପ୍ରଫେସର ଡା. ଶ୍ରୀପ୍ରମୋଦ ମିଶ୍ର (ସାହିତ୍ୟ ବିଭାଗ ମୁଖ୍ୟ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ)
(୫) ପ୍ରଫେସର ଡା. ଶ୍ରୀପ୍ୟାରୀମୋହନ ପଟ୍ଟନାୟକ (ଆଚାର୍ଯ୍ୟ, ଦର୍ଶନ ବିଭାଗ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ)
(୬) ପ୍ରଫେସର ଡା. ଶ୍ରୀହରେକୃଷ୍ଣ ମହାପାତ୍ର (ଆଚାର୍ଯ୍ୟ, ବ୍ୟାକରଣ ବିଭାଗ, ସଦାଶିବ କେନ୍ଦ୍ରିୟ ବିଦ୍ୟାପୀଠ, ପୁରୀ)

**କାର୍ଯ୍ୟାଧ୍ୟକ୍ଷ**— ଶ୍ରୀପାଦ ପ୍ରେମାନନ୍ଦଦାସ ବ୍ରହ୍ମଚାରୀ 'ସେବାରତ୍'

**କାର୍ଯ୍ୟକାରୀ ମଣ୍ଡଳ**– ଶ୍ରୀପାଦ ଭକ୍ତିବେଦାନ୍ତ ନିଷ୍କିଞ୍ଚନ ମହାରାଜ, ଶ୍ରୀକୃଷ୍ଣକାରୁଣ୍ୟଦାସ ବ୍ରହ୍ମଚାରୀ, ଶ୍ରୀସୂର୍ଯ୍ୟକାନ୍ତଦାସ ବ୍ରହ୍ମଚାରୀ, ଶ୍ରୀଅନୁପମଦାସ ବ୍ରହ୍ମଚାରୀ, ଶ୍ରୀମଧୁମଙ୍ଗଳ ଦାସାଧିକାରୀ, ଶ୍ରୀଜନାର୍ଦ୍ଦନ ଦାସାଧିକାରୀ



ଜୟଶ୍ରୀଦାମୋଦର ଗୌଡ଼ୀୟ ମଠ
ସି. ଟି. ରୋଡ୍, ପୁରୀ-୨ (ଓଡ଼ିଶା)ରୁ ପ୍ରକାଶିତ



ଫୋନ୍: (୦୬୭୫୨) ୨୨୩୩୭୫,
୦୭୨୦୫୮୦୨୩୭୦, ୮୨୪୯୧୩୪୪୩୦

**Visit us at:**
www.damodargaudiyamath.com
www.purebhakti.com

**E-mail:**
uttamkrsnadas@gmail.com



# ଶ୍ରୀମୁକୁନ୍ଦମାଲା-ସ୍ତୋତ୍ରମ୍-୨

## (ଶ୍ରୀମତ୍ କୁଲଶେଖର-କୃତମ୍)

(ପୂର୍ବ-ପ୍ରକାଶିତ ଲେଖର ପରବର୍ତ୍ତୀ ଅଂଶ)

ତୃଷ୍ଣାତୋୟେ ମଦନପବନୋଦ୍ଧୂତି-ମୋହୋର୍ମ୍ମିମାଲେ
ଦାରାବର୍ତ୍ତେ ତନୟ-ସହଜ-ଗ୍ରାହସଙ୍ଘାକୁଳେ ଚ।
ସଂସାରାଖ୍ୟେ ମହତି ଜଲଧୌ ମଜ୍ଜତାଂ ନ ସ୍ତ୍ରିଧାମନ୍
ପଦାମ୍ଭୋଜେ ବରଦ ଭବତୋ ଭକ୍ତିଭାବଂ ପ୍ରୟଚ୍ଛ।।୧୩।।

ହେ ତ୍ର୍ୟଧୀଶ! ତୃଷ୍ଣାରୂପକ ଜଳ, କାମରୂପକ ବାୟୁବିକ୍ଷେପ, ମୋହରୂପକ ତରଙ୍ଗମାଳା, ଦାରାରୂପକ ଆବର୍ତ୍ତ ଓ ପୁତ୍ରକନ୍ୟା ଆଦି-ସହଜ ଜଳଜନ୍ତୁସମୂହରେ ପରିବ୍ୟାପ୍ତ ସଂସାରାଖ୍ୟ ମହାସମୁଦ୍ରରେ ଆମେ ନିମଗ୍ନ। ହେ ବରଦ! ତୁମର ପାଦପଦ୍ମରେ ଆମ୍ଭମାନଙ୍କୁ ଭକ୍ତିଭାବ ଦିଅ।।୧୩।।

ପୃଥ୍ୱୀରେଣୁରଣୁଃ ପୟାଂସି କଣିକାଃ ଫଲ୍‌ଗୁସ୍ଫୁଲିଙ୍ଗୋ ଲଘୁ-
ସ୍ତେଜୋ ନିଃଶ୍ୱସନଂ ମରୁତ୍ତନୁତରଂ ରନ୍ଧ୍ରଂ ସୁସୂକ୍ଷ୍ମଂ ନଭଃ।
କ୍ଷୁଦ୍ରା ରୁଦ୍ରପିତାମହ-ପ୍ରଭୃତୟଃ କୀଟାଃ ସମସ୍ତାଃ ସୁରାଃ
ଦୃଷ୍ଟେ ଯତ୍ର ସ ତାବକୋ ବିଜୟତେ ଭୂମାବଧୂତାବଧିଃ।।୧୪।।

ଯାହାଙ୍କ ନିକଟରେ ପୃଥିବୀ କ୍ଷୁଦ୍ର ରେଣୁତୁଲ୍ୟ, ସିନ୍ଧୁସମୂହ ଜଳକଣାସଦୃଶ, ସୂର୍ଯ୍ୟ ନିସ୍ତେଜ, ବାୟୁ କ୍ଷୁଦ୍ରତର ନିଶ୍ୱାସଭଳି, ଆକାଶ ସୁସୂକ୍ଷ୍ମ ରନ୍ଧ୍ରମାତ୍ର, ରୁଦ୍ର-ବ୍ରହ୍ମା ପ୍ରଭୃତି ଦେବତା କୀଟତୁଲ୍ୟ, ଏପରି ଦୃଷ୍ଟ ଅବଧୂତରୂପକ ପରମହଂସମାନଙ୍କ ପ୍ରାପ୍ୟ ସେଇ ଭୂମା-ପୁରୁଷ ସର୍ବଦା ଜୟଯୁକ୍ତ ହୁଅନ୍ତୁ।।୧୪।।

ହେ ଲୋକାଃ ଶୃଣୁତ ପ୍ରସୂତି-ମରଣ ବ୍ୟାଧେଶ୍ଚିକିତ୍ସାମିମାଂ
ଯୋଗଜ୍ଞାଃ ସମୁଦାହରନ୍ତି ମୁନୟୋ ଯାଂ ଯାଜ୍ଞବଲ୍କ୍ୟାଦୟଃ।
ଅନ୍ତର୍ଜ୍ୟୋତିରୟମେକମମୃତଂ କୃଷ୍ଣାଖ୍ୟମାପୀୟତାଂ
ତତ୍ ପୀତଂ ପରମୌଷଧଂ ବିତନୁତେ ନିର୍ବାଣମାତ୍ୟନ୍ତିକମ୍।।୧୫।।

ହେ ମାନବମାନେ! ଜନ୍ମ-ମୃତ୍ୟୁ-ବ୍ୟାଧିର ଏଇ ଚିକିତ୍ସାର କଥା ଶୁଣ, ଯାହା ଯାଜ୍ଞବଲ୍କ୍ୟ ଆଦି ଯୋଗବିଦ୍ ମୁନିମାନେ ସର୍ବଦା ନିର୍ଦ୍ଦେଶ କରନ୍ତି—'କୃଷ୍ଣ'-ନାମକ ଅନ୍ତଃତେଜବିଶିଷ୍ଟ ଏଇ ଏକମାତ୍ର ଅମୃତକୁ ଆକଣ୍ଠ ପାନ

କର। ସେଇ ପରମୌଷଧ ପାନ କଲେ ତାହା ବିଷ୍ଣୁଙ୍କ ପାଦପଦ୍ମ-ସେବାଲାଭରୂପକ ଆତ୍ୟନ୍ତିକ ମୁକ୍ତି ଦିଏ।।୧୫।।

ହେ ମର୍ତ୍ତ୍ୟାଃ ପରମଂ ହିତଂ ଶୃଣୁତ ବୋ ବକ୍ଷ୍ୟାମି ସଂକ୍ଷେପତଃ
ସଂସାରାର୍ଣ୍ଣବମାପଦୂର୍ମ୍ମି-ବହୁଳଂ ସମ୍ୟକ୍ ପ୍ରବିଶ୍ୟ ସ୍ଥିତାଃ।
ନାନାଜ୍ଞାନମପାସ୍ୟ ଚେତସି ନମୋ ନାରାୟଣାୟେତ୍ୟମୁଂ
ମନ୍ତ୍ରଂ ସପ୍ରଣବଂ ପ୍ରଣାମସହିତଂ ପ୍ରାବର୍ତ୍ତୟଧ୍ୱଂ ମୁହୁଃ।।୧୬।।

ହେ ମର୍ତ୍ତ୍ୟବାସୀ ଜୀବମାନେ! ପରମ ହିତକଥା ଶୁଣ—ସଂକ୍ଷେପରେ ତୁମ୍ଭମାନଙ୍କୁ କହୁଅଛି। ବିପଦରୂପକ ତରଙ୍ଗବହୁଳ ଯେଉଁ ସଂସାରସାଗରର ଗଭୀରରେ ପ୍ରବେଶ କରି ତୁମ୍ଭେମାନେ ଅବସ୍ଥିତ, (ସେଥିରୁ ଯଦି ପରିତ୍ରାଣ ଋହୁଁଛ, ତେବେ) କୃଷ୍ଣେତର ଅନ୍ୟାନ୍ୟ ଜ୍ଞାନ ପରିତ୍ୟାଗପୂର୍ବକ "ନମୋ ନାରାୟଣାୟ"—ଏଥିରେ ପ୍ରଣବସଂଯୁକ୍ତପୂର୍ବକ ପ୍ରଣତିସହ ହୃଦୟରେ ସେଇ ମନ୍ତ୍ରକୁ ବାରମ୍ବାର ଆବୃତ୍ତି କର ଅର୍ଥାତ୍ ଜପ କର।।୧୬।।

ନାଥେ ନଃ ପୁରୁଷୋତ୍ତମେ ତ୍ରିଜଗତାମେକାଧିପେ ଚେତସା
ସେବ୍ୟେ ସ୍ୱସ୍ୟ ପଦସ୍ୟ ଦାତରି ପରେ ନାରାୟଣେ ତିଷ୍ଠତି।
ଯଂ କଞ୍ଚିତ୍ ପୁରୁଷାଧମଂ କତିପୟ-ଗ୍ରାମେଶମଳ୍ପାର୍ଥଦଂ
ସେବାୟୈ ମୃଗୟାମହେ ନରମହୋ ମୂଢ଼ା ବରାକା ବୟମ୍।।୧୭।।

ଆମ୍ଭମାନଙ୍କର ପରମନାଥ ସେଇ ପୁରୁଷୋତ୍ତମ, ଯିଏ ତ୍ରିଭୁବନର ଏକମାତ୍ର ଅଧିପତି, ହୃଦୟରେ ସର୍ବଦା ସେବ୍ୟ, ସ୍ୱ-ଚରଣଦାତା, ସେଇ ନାରାୟଣ ଥାଉ ଥାଉ ଆମ୍ଭେ କାହିଁକି କେତୋଟି ଗ୍ରାମର ଯିଏ ମାଲିକମାତ୍ର, ଯିଏ ଜୀବର ସାମାନ୍ୟ ପ୍ରୟୋଜନ ପୁରଣକାରୀ (ଅର୍ଥାତ୍ ସମଗ୍ର ପ୍ରୟୋଜନ-ପୁରଣରେ ଅସମର୍ଥ), ସେଇ ଅକିଞ୍ଚିତ୍କର ପୁରୁଷାଧମର ସେବା ପାଇଁ ଅନ୍ୱେଷଣ କରୁଁ। ଆହା! ଆମେ କେଡ଼େ ନିର୍ବୋଧ ଓ ମୂଢ଼।।୧୭।।

ବଦ୍ଧେନାଞ୍ଜଳିନା ନତେନ ଶିରସା ଗାତ୍ରୈଃ ସରୋମୋଦ୍ଗମୈଃ
କଣ୍ଠେନ ସ୍ୱରଗଦ୍ଗଦେନ ନୟନେନୋଦ୍ଗୀର୍ଣ୍ଣ-ବାଷ୍ପାମ୍ବୁନା।
ନିତ୍ୟଂ ତ୍ୱଚ୍ଚରଣାରବିନ୍ଦଯୁଗଳ-ଧ୍ୟାନାମୃତାସ୍ୱାଦିନା-
ମସ୍ମାକଂ ସରସୀରୁହାକ୍ଷ ସତତଂ ସମ୍ପଦ୍ୟତାଂ ଜୀବିତମ୍।।୧୮।।

ହେ କମଳନୟନ! ତୁମର ଚରଣକମଳଯୁଗଳ ଧ୍ୟାନାମୃତ-ଆସ୍ୱାଦନରେ ରତ ଆମ୍ଭମାନଙ୍କ ଜୀବନପ୍ରତି (ଏହି କୃପା) ସମ୍ପାଦନ କର, ଯାହାଦ୍ୱାରା ଆମେ ସର୍ବଦା ବଦ୍ଧାଞ୍ଜଳି ଓ ପ୍ରଣତ ହୋଇ (ତୁମର ନାମ ଗ୍ରହଣରେ) ରୋମାଞ୍ଚିତ ଦେହ, ଗଦ୍ଗଦ କଣ୍ଠସ୍ୱର ଏବଂ ଅଶ୍ରୁଯୁକ୍ତ ନେତ୍ର ହୋଇ ପାରୁଁ।।୧୮।।

ଯତ୍ କୃଷ୍ଣପ୍ରଣିପାତ-ଧୂଳିଧବଳଂ ତଦ୍ୱର୍ଷ୍ମ ତଦ୍ୱୈ ଶିର-
ସ୍ତେ ନେତ୍ରେ ତମସୋଜ୍ଝିତେ ସୁରୁଚିରେ ଯାଭ୍ୟାଂ ହରିର୍ଦୃଶ୍ୟତେ।
ସା ବୁଦ୍ଧିର୍ବିମଳେନ୍ଦୁ-ଶଙ୍ଖଧବଳା ଯା ମାଧବ-ଧ୍ୟାୟିନୀ
ସା ଜିହ୍ୱାଽମୃତବର୍ଷିଣୀ ପ୍ରତିପଦଂ ଯା ସ୍ତୌତି ନାରାୟଣମ୍।।୧୯।।

ତାହା ହିଁ ପ୍ରକୃତ ଦେହ ଏବଂ ମସ୍ତକ, ଯାହା ଶ୍ରୀକୃଷ୍ଣଙ୍କୁ ପ୍ରଣାମ କରି ଧୂଳି-ଧୂସରିତ ହୁଏ; ତାହା ହିଁ ସେଇ ତମୋରହିତ ଏବଂ ମନୋହର ନେତ୍ର, ଯାହାଦ୍ୱାରା ଶ୍ରୀହରି ଦୃଷ୍ଟ ହୁଅନ୍ତି; ଯେଉଁ ବୁଦ୍ଧି ସର୍ବଦା ମାଧବଙ୍କ ଧ୍ୟାନରେ ରତା, ତାହା ଚନ୍ଦ୍ରଙ୍କ ଭଳି ବିମଳ ଏବଂ ଶଙ୍ଖ ଭଳି ଧବଳା; ସେଇ ଜିହ୍ୱା ହିଁ ଅମୃତବର୍ଷିଣୀ, ଯାହା ପ୍ରତିପଦରେ ନାରାୟଣଙ୍କୁ ସ୍ତୁତି କରେ।।୧୯।।

ଜିହ୍ୱେ କୀର୍ତ୍ତୟ କେଶବଂ ମୁରରିପୁଂ ଚେତୋ ଭଜ ଶ୍ରୀଧରଂ
ପାଣିଦ୍ୱନ୍ଦ୍ୱ ସମର୍ଚ୍ଚୟାଚ୍ୟୁତକଥାଃ ଶ୍ରୋତ୍ରଦ୍ୱୟ ତ୍ୱଂ ଶୃଣୁ।
କୃଷ୍ଣଂ ଲୋକୟ ଲୋଚନଦ୍ୱୟ ହରେର୍ଗଚ୍ଛାଙ୍ଘ୍ରି-ଯୁଗ୍ମାଳୟଂ
ଜିଘ୍ର ଘ୍ରାଣ ମୁକୁନ୍ଦ-ପାଦତୁଳସୀଂ ମୂର୍ଦ୍ଧନ୍ନମାଧୋକ୍ଷଜମ୍।।୨୦।।

ହେ ଜିହ୍ୱେ! ତୁମେ କେଶବଙ୍କ (ନାମ) କୀର୍ତ୍ତନ କର, ହେ ଚିତ୍ତ! ତୁମେ ମୁରାରିଙ୍କୁ ଭଜନା କର, ହେ କରଯୁଗଳ! ତୁମେ ଶ୍ରୀଧରଙ୍କୁ ଅର୍ଚ୍ଚନ କର, ହେ କର୍ଣ୍ଣଦ୍ୱୟ! ତୁମେ ଅଚ୍ୟୁତକଥା ଶ୍ରବଣ କର, ହେ ଲୋଚନଦ୍ୱୟ! ତୁମେ ଶ୍ରୀକୃଷ୍ଣଙ୍କୁ ଅବଲୋକନ କର, ହେ ପଦଦ୍ୱୟ! ତୁମେ ଶ୍ରୀହରିମନ୍ଦିରକୁ ଗମନ କର, ହେ ମସ୍ତକ! ତୁମେ ଶ୍ରୀଅଧୋକ୍ଷଜଙ୍କୁ ନମସ୍କାର କର।।୨୦।।



# ଗୀତାର ତାତ୍ପର୍ଯ୍ୟ

ଶ୍ରୀଲ ଭକ୍ତିବିନୋଦ ଠାକୁର

**ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।**
**ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ।।**

(ଗୀ. ୧୮/୬୬)

(ଏଇ ଶ୍ଳୋକରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି,)—ବ୍ରହ୍ମଜ୍ଞାନ ଓ ଐଶ୍ୱରଜ୍ଞାନର ଉପଦେଶ-ସ୍ଥଳେ ବର୍ଣ୍ଣାଶ୍ରମ ଆଦି ଧର୍ମ, ଯତି-ଧର୍ମ, ବୈରାଗ୍ୟ ଶମ-ଦମ ଆଦି-ଧର୍ମ, ଧ୍ୟାନଯୋଗ, ଈଶ୍ୱରଙ୍କ ଈଶିତାର ବଶୀଭୂତତା ପ୍ରଭୃତି ଯେତେପ୍ରକାର ଧର୍ମର କଥା କହିଅଛି, ସେ ସବୁକୁ ପରିତ୍ୟାଗପୂର୍ବକ ଭଗବଦ୍‌ସ୍ୱରୂପ ମୋତେ ଏକମାତ୍ର ଶରଣାଗତ ହୁଅ, ତାହା ହେଲେ ହିଁ ମୁଁ ତୁମକୁ ସଂସାର-ଦଶାର ସମସ୍ତ ପାପରୁ, ତଥା ପୂର୍ବୋକ୍ତ-ଧର୍ମ-ପରିତ୍ୟାଗର ପାପ ସବୁରୁ ରକ୍ଷା କରିବି । ତୁମେ ଅକୃତକର୍ମା ବୋଲି ଶୋକ କର ନାହିଁ । ମୋତେ ନିର୍ଗୁଣା ଭକ୍ତି ଆଚରଣ କଲେ ଜୀବର ଚିତ୍‌ସ୍ୱଭାବ ସହଜରେ ହିଁ ସ୍ୱାସ୍ଥ୍ୟଲାଭ କରେ । ସେଠାରେ ଧର୍ମ-ଆଚରଣ, କର୍ତ୍ତବ୍ୟ-ଆଚରଣ ଓ ପ୍ରାୟଶ୍ଚିତ୍ତ ଆଦି ତଥା ଜ୍ଞାନାଭ୍ୟାସ, ଯୋଗାଭ୍ୟାସ ଓ ଧ୍ୟାନାଭ୍ୟାସ କିଛି ହିଁ ଆବଶ୍ୟକ ହୁଏ ନା । ବଦ୍ଧ ଅବସ୍ଥାରେ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସମସ୍ତ କର୍ମ କର, କିନ୍ତୁ ସେ କର୍ମରେ ବ୍ରହ୍ମନିଷ୍ଠା ଓ ଈଶ୍ୱରନିଷ୍ଠା ତ୍ୟାଗପୂର୍ବକ ଭଗବତ୍ ସୌନ୍ଦର୍ଯ୍ୟରେ-ମାଧୁର୍ଯ୍ୟରେ ଆକୃଷ୍ଟ ହୋଇ ଏକମାତ୍ର ଭଗବାନଙ୍କୁ ଶରଣାଗତ ହୁଅ । ତାତ୍ପର୍ଯ୍ୟ ହେଉଛି, ଶରୀରୀ ଜୀବ ଜୀବନ-ନିର୍ବାହ ପାଇଁ ଯେତେପ୍ରକାର କର୍ମ କରେ, ସେ ସବୁକୁ ସେଇ ତିନିପ୍ରକାର ନିଷ୍ଠାରୁ ଅଥବା ଇନ୍ଦ୍ରିୟସୁଖନିଷ୍ଠାରୂପକ ଅଧମ-ନିଷ୍ଠାରୁ କରିଥାଏ । ଅଧମ-ନିଷ୍ଠାରୁ ଅକର୍ମ ଓ ବିକର୍ମ ହୁଏ, ତାହା—ଅନର୍ଥଜନକ । ତିନିପ୍ରକାର ଉତ୍ତମ-ନିଷ୍ଠାର ନାମ ବ୍ରହ୍ମନିଷ୍ଠା, ଈଶ୍ୱରନିଷ୍ଠା ଓ ଭଗବଦ୍‌ନିଷ୍ଠା । ବର୍ଣ୍ଣାଶ୍ରମ ଓ ବୈରାଗ୍ୟ ଇତ୍ୟାଦି କର୍ମମାନ ଗୋଟିଏ ଗୋଟିଏ ପ୍ରକାର ନିଷ୍ଠାକୁ ଅବଲମ୍ବନପୂର୍ବକ ଏକ ଏକ ପ୍ରକାର ଭାବକୁ ପାଏ । ସେମାନେ ବ୍ରହ୍ମନିଷ୍ଠାର ଅଧୀନ ହେଲେ, ତାହା କର୍ମ ଓ ଜ୍ଞାନରୂପେ ପ୍ରକାଶ ପାଏ; ଈଶ୍ୱରନିଷ୍ଠାର ଅଧୀନ ହେଲେ ଈଶ୍ୱର-ଅର୍ପିତ କର୍ମଯୋଗ ଓ ଧ୍ୟାନଯୋଗ ଆଦି ଭାବର ଉଦୟ ହୁଏ; ଭଗବନ୍ନିଷ୍ଠାର ଅଧୀନ ହେଲେ ତାହା ଶୁଦ୍ଧା-ଭକ୍ତି ବା କେବଳା-ଭକ୍ତିରୂପେ ପରିଣତ ହୁଏ । ଅତଏବ ସେଇ ଭକ୍ତି ହିଁ ଗୁହ୍ୟତମ ତତ୍ତ୍ୱ ଏବଂ ପ୍ରେମ ହିଁ ଜୀବର ଚରମ ପ୍ରୟୋଜନ । ଏହା ହିଁ ଗୀତାଶାସ୍ତ୍ରର ମୁଖ୍ୟ ତାତ୍ପର୍ଯ୍ୟ । କର୍ମୀ, ଜ୍ଞାନୀ, ଯୋଗୀ ଓ ଭକ୍ତ—ଏଇମାନଙ୍କର ଜୀବନ ଏକ ହିଁ ପ୍ରକାର ହେଲେ ମଧ୍ୟ ନିଷ୍ଠାଭେଦରେ ଏମାନେ ଅତ୍ୟନ୍ତ ପୃଥକ୍ ।

ଅଷ୍ଟାଦଶ ଅଧ୍ୟାୟରେ ଗୀତାଶାସ୍ତ୍ରର ତାତ୍ପର୍ଯ୍ୟ ସଂକ୍ଷେପରେ ବର୍ଣ୍ଣିତ ହୋଇଛି । ଆତ୍ମା-ଅବଲୋକନ ଫଳଜନକ ଧ୍ୟାନଯୋଗ-ପ୍ରଧାନ କର୍ମଯୋଗ ଗୋଟିଏ ପର୍ବ ଏବଂ ହରିବିଷୟିଣୀ ଶ୍ରଦ୍ଧାରୁ ଉଦିତ ଶୁଦ୍ଧଭକ୍ତିଯୋଗ ଆଉ ଗୋଟିଏ ପର୍ବ; ଏହା ହିଁ ଗୀତାଶାସ୍ତ୍ରର ସାର-ସଂଗ୍ରହ । ତାହା ମଧ୍ୟରେ ମାନବମାନଙ୍କର ସ୍ୱଭାବସିଦ୍ଧ-ବର୍ଣ୍ଣକ୍ରମେ ଧର୍ମଜୀବନ ଅବଲମ୍ବନପୂର୍ବକ ନିଷ୍କାମଭାବେ କର୍ମାନୁଷ୍ଠାନ-

ଦ୍ୱାରା କ୍ରମଶଃ ଜ୍ଞାନପଥ ଲାଭ ହିଁ 'ଗୁହ୍ୟ' ଉପଦେଶ; ଜୀବର ଧ୍ୟାନଯୋଗକୁ ସଂଯୋଗପୂର୍ବକ କ୍ରମଶଃ ଆତ୍ମାବଲୋକନରୂପକ ଜ୍ଞାନ-ଅନୁଷ୍ଠାନ ହିଁ ଗୁହ୍ୟତର ଏବଂ ଶ୍ରୀକୃଷ୍ଣଙ୍କ ଠାରେ ଶରଣାପତ୍ତିଦ୍ୱାରା ଭକ୍ତିଯୋଗର ଅନୁଷ୍ଠାନ ହିଁ ସର୍ବ-ଗୁହ୍ୟତମ ଉପଦେଶ। ଏହା ହିଁ ଅଷ୍ଟାଦଶ ଅଧ୍ୟାୟର ତାତ୍ପର୍ଯ୍ୟ। ସମସ୍ତ ଗୀତାଶାସ୍ତ୍ରର ତାତ୍ପର୍ଯ୍ୟ ହେଉଛି ଅଦ୍ୱୟବସ୍ତୁ ହିଁ ଏକମାତ୍ର ତତ୍ତ୍ୱ; ଭଗବତ୍ତା ହିଁ ସେଇ ତତ୍ତ୍ୱର ସମ୍ୟକ୍ ପରିଚୟ। ଅନ୍ୟ ସମସ୍ତ ତତ୍ତ୍ୱ ହିଁ ସେଇ ଭଗବଦ୍-ବସ୍ତୁର ଶକ୍ତି-ନିଃସୃତ। ଚିଚ୍ଛକ୍ତିଦ୍ୱାରା ଭଗବଦ୍‌ସ୍ୱରୂପ ଓ ଚିଦ୍‌ବୈଭବ, ଜୀବଶକ୍ତିଦ୍ୱାରା ମୁକ୍ତ ଓ ବଦ୍ଧଭେଦରେ ଦ୍ୱିବିଧ ଅନନ୍ତ ଜୀବ, ମାୟାଶକ୍ତିଦ୍ୱାରା ପ୍ରଧାନ ଠାରୁ ସ୍ତମ୍ଭପର୍ଯ୍ୟନ୍ତ ଚତୁର୍ବିଂଶତି ଜଡ଼ତତ୍ତ୍ୱ; କାଳଶକ୍ତିଦ୍ୱାରା ସୃଷ୍ଟି, ସ୍ଥିତି, ସଂହାର ଓ ସର୍ବ-ଅବସ୍ଥାର କଳନ ଏବଂ କ୍ରିୟାଶକ୍ତିଦ୍ୱାରା ସର୍ବବିଧ କର୍ମ-ଆବିଷ୍କାର। ଈଶ୍ୱର, ପ୍ରକୃତି, ଜୀବ, କାଳ ଓ କର୍ମ—ଏଇ ପାଞ୍ଚୋଟି ତତ୍ତ୍ୱ ଏକମାତ୍ର ଭଗବଦ୍‌ତତ୍ତ୍ୱରୁ ନିଃସୃତ। ବ୍ରହ୍ମ, ପରମାତ୍ମା ପ୍ରଭୃତି ଭାବସକଳ ଭଗବଦ୍‌ତତ୍ତ୍ୱର ଅନ୍ତର୍ଗତ। ଉକ୍ତ ପଞ୍ଚବିଧ ତତ୍ତ୍ୱ—ପୃଥକ୍ ହୋଇ ମଧ୍ୟ ଯୁଗପତ୍ ଭଗବଦ୍‌ତତ୍ତ୍ୱର ଆୟତ୍ତାଧୀନ ଏକ ତତ୍ତ୍ୱମାତ୍ର; ଏକ ତତ୍ତ୍ୱ ହୋଇ ମଧ୍ୟ ବିଶେଷ ଧର୍ମ ବଶତଃ ନିତ୍ୟ ପୃଥକ୍। ଏଇ ଗୀତାଶାସ୍ତ୍ରୋକ୍ତ ଭେଦାଭେଦତତ୍ତ୍ୱ ମାନବଯୁକ୍ତିର ଅତୀତ। ଏଣୁ ପୂର୍ବ ମହାଜନମାନେ ଗୀତାଶାସ୍ତ୍ରରେ (ଉପଦିଷ୍ଟ) ତତ୍ତ୍ୱର ନାମ 'ଅଚିନ୍ତ୍ୟଭେଦାଭେଦତତ୍ତ୍ୱ' ବୋଲି ନିର୍ଦ୍ଦେଶ କରିଛନ୍ତି ଏବଂ ସେ ସମ୍ବନ୍ଧୀୟ ଜ୍ଞାନର ନାମ ହିଁ ତତ୍ତ୍ୱଜ୍ଞାନ।

ଜୀବ ସ୍ୱରୂପତଃ ଶୁଦ୍ଧଚେତନ, ଚିତ୍‌ସୂର୍ଯ୍ୟସ୍ୱରୂପ ଶ୍ରୀକୃଷ୍ଣଙ୍କ କିରଣପରମାଣୁ-ଗତ ତତ୍ତ୍ୱବିଶେଷ; ସେ ସ୍ୱଭାବତଃ ଚିତ୍ ଓ ଅଚିତ୍ ଉଭୟ ଜଗତରେ ରହିବାକୁ ଯୋଗ୍ୟ। ଚିତ୍ ଓ ଅଚିତ୍ ଜଗତର ସନ୍ଧିସ୍ଥଳରେ ତାହାର ପ୍ରଥମ ଅବସ୍ଥାନ। ସେ 'ଚେତନ' ହୋଇଥିବାରୁ ସ୍ୱଭାବତଃ ସ୍ୱତନ୍ତ୍ର; ଚିଜ୍ଜଗତରେ ରତ ହେଲେ କୃଷ୍ଣୋନ୍ମୁଖ ହୋଇ ଚିଦ୍‌ଗତା ହ୍ଲାଦିନୀଶକ୍ତିର ସାହାଯ୍ୟରେ ଶୁଦ୍ଧ ଆନନ୍ଦ ଭୋଗିବାକୁ ସମର୍ଥ, ଆଉ ତାହାର ଏକ ପାର୍ଶ୍ୱରେ ସ୍ଥିତ ମାୟିକ ଜଗତରେ ରତ ହେଲେ ମାୟାଶକ୍ତିର ଆକର୍ଷଣରେ କୃଷ୍ଣ ବହିର୍ମୁଖ ହୋଇ ଜଡ଼ସୁଖ-ଦୁଃଖରେ ନିପତିତ। ଯେଉଁମାନେ ଚିଦ୍‌ରତି-ବିଶିଷ୍ଟ, ସେମାନେ ନିତ୍ୟମୁକ୍ତ ଏବଂ ଯେଉଁମାନେ ଜଡ଼ରତି-ବିଶିଷ୍ଟ ସେମାନେ ନିତ୍ୟବଦ୍ଧ; ଉଭୟବିଧ ଜୀବର ସଂଖ୍ୟା ଅନନ୍ତ।

ବଦ୍ଧଜୀବ ଲୁପ୍ତପ୍ରାୟସ୍ୱଭାବ ହୋଇ ଜଡ଼ସମୁଦ୍ରରେ ହାବୁଡୁବୁ ଖାଉ ଖାଉ କୌଣସି ସମୟରେ ନିର୍ବେଦ ପାଇ ତଦୁପଯୁକ୍ତ ଗୁରୁପଦାଶ୍ରୟରୁ କର୍ମଯୋଗଦ୍ୱାରା ଧ୍ୟାନପରିପାକ ହେଲେ ସ୍ୱ-ସ୍ୱଭାବ ଅର୍ଥାତ୍ ଭଗବଦ୍‌ରତି ଲାଭ କରେ। କେବେ ବା ଭଗବଦ୍-କଥାରେ ଶ୍ରଦ୍ଧାବାନ୍ ହୋଇ ତଦୁପଯୁକ୍ତ ଗୁରୁପଦାଶ୍ରୟ ଦ୍ୱାରା ସାଧନ(ଭକ୍ତି), ଭାବ(ଭକ୍ତି) ଓ ପ୍ରେମ(ଭକ୍ତି) ପର୍ଯ୍ୟନ୍ତ ପାଏ। ଉକ୍ତ ଦ୍ୱିବିଧ ଉପାୟ ବ୍ୟତୀତ ଆତ୍ମାନୁଭବ-ଲାଭର ଅନ୍ୟ ଉପାୟ ନାହିଁ। ଉକ୍ତ ଦ୍ୱିବିଧ ଉପାୟର ମଧ୍ୟରୁ ଧ୍ୟାନପ୍ରଧାନ ଆତ୍ମଯାଥାତ୍ମ୍ୟପ୍ରଦ କର୍ମଯୋଗ ହିଁ ସାଧାରଣଙ୍କ ପକ୍ଷେ ଅବଲମ୍ବନୀୟ; ଯେହେତୁ ତାହା—ସ୍ୱଚେଷ୍ଟାର ଅଧୀନ। ଶ୍ରଦ୍ଧୋଦିତ ଭକ୍ତିଯୋଗ କର୍ମଯୋଗ ଅପେକ୍ଷା ପ୍ରଶସ୍ତତର ଓ ସହଜ ହେଲେ ମଧ୍ୟ ଭଗବଦ୍‌କୃପା ବା ସାଧୁକୃପାରୂପକ ଭାଗ୍ୟୋଦୟ ନ ହେଲେ ତାହା ଘଟେ ନା। ଅତଏବ ଜଗତର ଅଧିକାଂଶ ଲୋକ ହିଁ ଜ୍ଞାନଗର୍ଭ କର୍ମଯୋଗପ୍ରିୟ। ସେଥିମଧ୍ୟରୁ ଯେଉଁମାନଙ୍କର ଭାଗ୍ୟୋଦୟ ହୁଏ, ସେଇମାନଙ୍କୁ ଭକ୍ତିଯୋଗରେ ଶ୍ରଦ୍ଧା ହୁଏ ଏବଂ ସେଇମାନଙ୍କ ଠାରେ ଗୀତାର ଚରମ ଶ୍ଳୋକୋକ୍ତ ପ୍ରପତ୍ତିରୂପା ଶରଣାପତ୍ତି ଉଦିତ ହୁଏ; ଏହା ହିଁ ସର୍ବବେଦର ଅଭିଧେୟ।

କାମ୍ୟ କର୍ମମାର୍ଗରେ ମିଳୁଥିବା ଚତୁର୍ଦ୍ଦଶ-ଲୋକଗତ ଜଡ଼ସୁଖ-ଭୋଗ ବା ଭୁକ୍ତି ଚେତନସ୍ୱରୂପ ଜୀବ ପକ୍ଷେ ଅତ୍ୟନ୍ତ ତୁଚ୍ଛ ବା ହେୟ। ଗୀତାର ପ୍ରାରମ୍ଭରେ ହିଁ ସେଇ କାମ୍ୟକର୍ମ ଓ ସେଥିରୁ ମିଳୁଥିବା ଭୁକ୍ତି ନିତାନ୍ତ ତୁଚ୍ଛୀକୃତ ହୋଇଅଛି। ଜରାମରଣମୋକ୍ଷ ପରେ କେବଳ-



ଅଦ୍ୱୈତସିଦ୍ଧିରୂପକ ସାଯୁଜ୍ୟ-ନିର୍ବାଣ ଆଦି ଚତୁର୍ବିଧ ଐଶ୍ୱରଧାମପ୍ରାପ୍ତିରୂପକ ମୁକ୍ତିସ୍ଥାନକୁ ଭେଦି ଭଗବଦ୍‌ଲୀଳାରୂପକ ଆମ୍ଭର ଚରମପ୍ରାପ୍ତିସ୍ଥାନରେ ପ୍ରବେଶପୂର୍ବକ ଭାବ ଅର୍ଥାତ୍ ନିର୍ମଳ ପ୍ରେମ ଲାଭ କରିବା ହିଁ ଜୀବର ଚରମ ପ୍ରୟୋଜନ। ତାହା ହିଁ ଅନେକସ୍ଥଳରେ ଶେଷ ସିଦ୍ଧାନ୍ତ ବୋଲି କୁହାଯାଇଛି।

ଅତଏବ ଗୀତାଶାସ୍ତ୍ରରେ ସମସ୍ତ ବେଦ ଓ ବେଦାନ୍ତର ସାର ସଂଗ୍ରହପୂର୍ବକ ଜୀବର ଚରମ-ଉପାସ୍ୟରୂପକ ଦ୍ୱିଭୁଜ ଶ୍ୟାମସୁନ୍ଦର ଭଗବାନ୍ ଏଇମାତ୍ର ସିଦ୍ଧାନ୍ତ କରିଛନ୍ତି ଯେ, ସମ୍ବନ୍ଧ-ଜ୍ଞାନପୂର୍ବକ ଭକ୍ତିଯୋଗ ଅନୁଷ୍ଠାନଦ୍ୱାରା ପରମପ୍ରୟୋଜନରୂପକ ପ୍ରେମ ଲାଭ କର; ସ୍ୱ ସ୍ୱ-ଅଧିକାର ଅନୁସାରେ ଧର୍ମ ଜୀବନର ସହିତ ସର୍ବଦା ଶ୍ରବଣ-କୀର୍ତ୍ତନ ଆଦି ଭକ୍ତିଯୋଗ ଅବଲମ୍ବନ କର; ଭକ୍ତିଯୋଗର ଅନୁକୂଳ ଆଚରଣ-ରୂପକ ସ୍ୱଧର୍ମ ଅବଲମ୍ବନପୂର୍ବକ ଜୀବନ ନିର୍ବାହ କର ଏବଂ ଶ୍ରଦ୍ଧା ସହକାରେ କ୍ରମଶଃ ସ୍ୱନିଷ୍ଠା ତ୍ୟାଗପୂର୍ବକ ଶରଣାଗତିଦ୍ୱାରା ଜୀବନଯାତ୍ରା ନିର୍ବାହ କର। ତାହା ହେଲେ ସ୍ୱଳ୍ପକାଳ ମଧ୍ୟରେ ମୁଁ ତୁମକୁ ନିରପେକ୍ଷ–ସେବିତ ବିଶୁଦ୍ଧପ୍ରେମ ଦାନ କରିବି। ଏଇରୂପ ଶୁଦ୍ଧସତ୍ତ୍ୱ ବ୍ୟାପାରରେ ପ୍ରବେଶ କରିବାମାତ୍ରେ ଅଶୋକ, ଅଭୟ ଓ ଅମୃତ ସ୍ୱରୂପ ମୋ'ପ୍ରସାଦ ଲଭି ମୋର ନିତ୍ୟ-ପ୍ରେମରେ ଆବିଷ୍ଟ ହେବ।

(ଭକ୍ତିବିନୋଦ ଠାକୁରଙ୍କ 'ପ୍ରବନ୍ଧାବଳୀ' ଗ୍ରନ୍ଥରୁ ଅନୁଦିତ)

**ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ। ହରେ ରାମ ହରେ ରାମ ରାମ ରାମ ହରେ ହରେ ।।**



# ସ୍ମାର୍ତ୍ତ ଓ ବୈଷ୍ଣବ

ଶ୍ରୀଲ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଠାକୁର ପ୍ରଭୁପାଦ

ଜୀବ ଯେତେବେଳେ ଦେହରେ ଓ ମନରେ ଆତ୍ମବୁଦ୍ଧିପୂର୍ବକ ନିଜେ ଫଳଭୋଗକାମୀ ହୋଇ ନାନାବିଧ କର୍ମର ଆବାହନ କରେ, ସେତେବେଳେ ସେ ସ୍ମାର୍ତ୍ତ ନାମରେ ଅଭିହିତ ହୁଏ। ଯେଉଁ ଜୀବମାନେ ଭଗବାନଙ୍କ ଠାରେ ଶରଣାପନ୍ନ ନୁହଁନ୍ତି କିମ୍ବା ସାଧୁଜନଙ୍କ ଠାରେ ପ୍ରପନ୍ନ ନୁହଁନ୍ତି, କେବଳମାତ୍ର ନିଜ ନିଜ ଦୈହିକ ଚେଷ୍ଟାରେ ହିଁ ବ୍ୟାପୃତ, ସେମାନଙ୍କୁ ଶାସନ କରିବାପାଇଁ ସ୍ମୃତି-ଉକ୍ତ ବିଧାନସମୂହ ରଚିତ ହୋଇଅଛି। ଯେଉଁମାନେ ସର୍ବଦା ହିଁ ନିଜ ସ୍ୱାର୍ଥଲାଭର ଉଦ୍ଦେଶ୍ୟରେ ମିଥ୍ୟା କଥା, ପ୍ରବଞ୍ଚନା, ଅସଦାଚାର, ପରଦ୍ରବ୍ୟରେ ଲୋଭ, ପରହିଂସା ପ୍ରଭୃତି ଅସତ୍‌କାର୍ଯ୍ୟରେ ନିଯୁକ୍ତ, ସେମାନଙ୍କର ଏ ସକଳ କୁପ୍ରବୃତ୍ତିକୁ ସଙ୍କୁଚିତ କରିବାପାଇଁ ହିଁ ସ୍ମୃତିର କଠୋର ଆଦେଶ। ସୁତରାଂ ସ୍ମୃତି-ଉକ୍ତ କାର୍ଯ୍ୟସମୂହ ନିତ୍ୟ ନୁହେଁ—ନୈମିତ୍ତିକମାତ୍ର ଅର୍ଥାତ୍ କୌଣସି ନିମିତ୍ତକୁ ଅବଲମ୍ବନ କରି ସୃଷ୍ଟି ହୋଇଛି। କିନ୍ତୁ ଭଗବଦ୍‌କାର୍ଯ୍ୟସମୂହ ନିତ୍ୟ; ଯେହେତୁ ସେଠାରେ କାର୍ଯ୍ୟର ଫଳଭୋକ୍ତା ସ୍ୱୟଂ ଭଗବାନ୍ ଏବଂ ତାହା ଏକମାତ୍ର ଭଗବଦ୍ ଉଦ୍ଦେଶ୍ୟରେ ହିଁ କରାଯାଏ ଏବଂ ପରେ ମଧ୍ୟ ନିତ୍ୟକାଳ କରା ହେବ। ସ୍ମାର୍ତ୍ତ ରଘୁନନ୍ଦନର ଅଷ୍ଟାବିଂଶତି ତତ୍ତ୍ୱ-ଉଲ୍ଲିଖିତ 'ଦାୟଭାଗ', 'ସଂସ୍କାର', 'ଶୁଦ୍ଧିନିର୍ଣ୍ଣୟ', 'ପ୍ରାୟଶ୍ଚିତ', 'ଶ୍ରାଦ୍ଧ' ପ୍ରଭୃତି କାର୍ଯ୍ୟ ମାନବର ଶତବର୍ଷ ପରମାୟୁକାଳର ପାଇଁ; ପୁଣି ସେଠାରେ ମଧ୍ୟ ଫଳଭୋକ୍ତା ହେଉଛି ଏଇ ମାନବ। ସେଠାରେ ଜୀବର ସତ୍‌ସ୍ୱରୂପଗତ କୌଣସି କୃତ୍ୟର ଉଲ୍ଲେଖ ନାହିଁ। ଦୁର୍ଗା-ଉତ୍ସବ-ଏକାଦଶୀ ଆଦି ନିର୍ଣ୍ଣୟ, ବୃଷୋତ୍ସର୍ଗ ପ୍ରଭୃତି କାର୍ଯ୍ୟ ମଧ୍ୟ ଭୁକ୍ତି-ମୁକ୍ତିମୂଳକ। ସୁତରାଂ ତାହା ସବୁ ନୈମିତ୍ତିକ। କିନ୍ତୁ ଭଗବାନଙ୍କ ଠାରେ ଶରଣାପନ୍ନ ବୈଷ୍ଣବମାନଙ୍କ ନୈମିତ୍ତିକ କର୍ମର ଆବାହନ ନାହିଁ। ସେମାନେ ସର୍ବଦା ହିଁ ଭଗବାନଙ୍କ ଉଦ୍ଦେଶ୍ୟରେ ଭଗବାନଙ୍କୁ ଏକମାତ୍ର ସର୍ବଫଳଭୋକ୍ତା ଜାଣି ନିତ୍ୟ ଭକ୍ତି ଯାଜନ କରନ୍ତି। ସେମାନେ ଜାଣନ୍ତି—

**ସ୍ମର୍ତ୍ତବ୍ୟ ସତତଂ ବିଷ୍ଣୁର୍ବିସ୍ମର୍ତ୍ତବ୍ୟୋ ନ ଜାତୁଚିତ୍।**
**ସର୍ବେ ବିଧିନିଷେଧାଃ ସ୍ୟୁରେତୟୋରେବ କିଙ୍କରାଃ।।**

(ଭକ୍ତିରସାମୃତସିନ୍ଧୁଧୃତ ପାଦ୍ମବଚନ)

ଅର୍ଥାତ୍ ବିଷ୍ଣୁ ହିଁ ସର୍ବଦା ସ୍ମରଣୀୟ—ଏହା ହିଁ ଏକମାତ୍ର ବିଧି, ଆଉ ବିଷ୍ଣୁଙ୍କୁ କେବେହେଲେ ବିସ୍ମୃତ ନ ହେବା—ଏହା ହିଁ ନିଷେଧ। ଏଇ ଦୁଇଟି ବିଧି ଓ ନିଷେଧ-ବାକ୍ୟକୁ ଅବଲମ୍ବନ କରି ସମସ୍ତ ବିଧି-ନିଷେଧ ବିଧାନସମୂହ ଜନ୍ମି ଅଛି ଅର୍ଥାତ୍ ଯାହା ଅବଲମ୍ବନ କଲେ ଭଗବାନ୍ ସର୍ବଦା ସ୍ମରଣପଥରେ ଆସିବେ, ତାହା ହିଁ ବିଧି। ଯେଉଁ କାର୍ଯ୍ୟଦ୍ୱାରା ଭଗବାନଙ୍କ ବିସ୍ମରଣ ହୁଏ, ତାହା ହିଁ ନିଷେଧ।

ବୈଷ୍ଣବମାନେ ଭଗବାନଙ୍କୁ ଶରଣାଗତ; ଅତଏବ ସେମାନଙ୍କର ଯାବତୀୟ କର୍ମ ଭଗବାନଙ୍କ ସେବାତାତ୍ପର୍ଯ୍ୟବିଶିଷ୍ଟ। ବୈଷ୍ଣବମାନେ ନିର୍ମତ୍ସର ଓ ନିର୍ବ୍ୟଲୀକ; ଯେହେତୁ ଭଗବାନଙ୍କ ସହିତ ସେମାନଙ୍କର ସମ୍ବନ୍ଧ ସ୍ଥାପିତ ହୋଇଛି। ଜଗତରେ ବଡ଼ ହେବା, ଅନ୍ୟଙ୍କୁ ଛୋଟ ଦେଖାଇବା ଅଥବା

ବହୁ ଯାଗ, ଯଜ୍ଞ, ଧ୍ୟାନ, ଜପ, ତପସ୍ୟା, ଶ୍ରାଦ୍ଧ, ତର୍ପଣ, ବହୁତୀର୍ଥ-ଭ୍ରମଣ, ଦୁର୍ଗା-ଉତ୍ସବରେ ବହୁ ବହୁ ବଳି ଦେଇ ଜଗତରେ ସୁନାମ ଓ ପରଲୋକରେ ସ୍ୱର୍ଗାଦି ପାଇବାର ଇଚ୍ଛା ସେମାନଙ୍କ ହୃଦୟରେ ବିନ୍ଦୁମାତ୍ରେ ହେଲେ ନାହିଁ କିମ୍ବା ସେମାନେ ଜନ୍ମ-ମୃତ୍ୟୁର ହାତରୁ ଉଦ୍ଧାର ପାଇ ମୁକ୍ତିସୁଖ ଭୋଗିବାକୁ ମଧ୍ୟ ଆକାଙ୍କ୍ଷା କରନ୍ତି ନାହିଁ। କୋଟୀ କୋଟୀ ଜନ୍ମରେ, ଏପରିକି ନରକ-ବାସରେ ମଧ୍ୟ ଆରାଧ୍ୟଦେବଙ୍କ ସେବା ମିଳୁ, ଏହା ହିଁ ସେମାନଙ୍କର ପ୍ରାର୍ଥିତବ୍ୟ-ବିଷୟ। ଭଗବାନଙ୍କ ପ୍ରୀତିରେ ହିଁ ସେମାନଙ୍କର ପ୍ରୀତି। ଶ୍ରୀମଦ୍ଭାଗବତର ଷଷ୍ଠ ସ୍କନ୍ଧରେ ଦେଖାଯାଏ, ପୁରା-କାଳରେ ଅଜାମିଳଙ୍କୁ ନେଇ ହରିଜନଙ୍କ ସହିତ ପ୍ରକୃତିଜନ (ଯମଦୂତ)ଙ୍କ ବିଚାର ହୋଇଥିଲା। ସେ ପ୍ରସଙ୍ଗରେ ଯମରାଜ ତାହାଙ୍କ ଦୂତମାନଙ୍କୁ କହିଥିଲେ—ଅନ୍ୟର କି କଥା, ଜୈମିନୀ ଆଦି ବା ମନୁ ଆଦି କର୍ମକାଣ୍ଡୀୟ ମହାଜନମାନେ ମଧ୍ୟ ହରିଜନଙ୍କ ସ୍ୱଭାବକୁ ସମ୍ୟକ୍ ଭାବେ ହୃଦୟଙ୍ଗମ କରିପାରନ୍ତି ନାହିଁ। ଯେହେତୁ ସେମାନଙ୍କ ବୁଦ୍ଧି (ବେଦ) ତ୍ରୟୀର ମଧୁପୁଷ୍ପିତ ବାକ୍ୟସମୂହଦ୍ୱାରା ବିଜଡ଼ିତ ହୋଇଅଛି। ସେମାନଙ୍କ ବିବେକଶକ୍ତି ଦୈବୀମାୟାଦ୍ୱାରା ବିମୋହିତ। ସେଥିପାଇଁ ବହୁ ବିସ୍ତାରଶୀଳ, ଆଡ଼ମ୍ବର-ପରିପୂର୍ଣ୍ଣ ସ୍ମୃତି-ଉକ୍ତ କର୍ମସମୂହକୁ ହିଁ ସେମାନେ ବହୁମାନନ କରନ୍ତି। ସେମାନେ ଦେହରେ ଆତ୍ମବୁଦ୍ଧି ବଶତଃ 'କାମୁକାଃ ପଶ୍ୟନ୍ତି କାମିନୀମୟଂ ଜଗତ୍' (ଅର୍ଥାତ୍ କାମୁକମାନେ ଜଗତକୁ କାମିନୀମୟ ହିଁ ଦର୍ଶନ କରନ୍ତି); ଏଇ ନ୍ୟାୟ ଅନୁସାରେ ସେମାନେ ଶୁଦ୍ଧ-ବୈଷ୍ଣବଙ୍କ ଭକ୍ତିଚେଷ୍ଟାରେ ମଧ୍ୟ ନାନାବିଧ ଦୋଷାରୋପ କରି ଥାଆନ୍ତି; ସେମାନେ (ବିଷ୍ଣୁ-ବୈଷ୍ଣବଙ୍କ) ପାଦୋଦକରେ ସାମନ୍ୟ ଜଳ-ବୁଦ୍ଧି କରନ୍ତି ଅର୍ଥାତ୍ ଭଗବାନଙ୍କ ଓ ଭକ୍ତଙ୍କ, ଚରଣାମୃତକୁ ସାଧାରଣ ଜଳ ମଣନ୍ତି। ଶ୍ରୀନାରାୟଣ ଶୂଦ୍ରସ୍ପର୍ଶରେ ଅପବିତ୍ର ହୋଇ ଗଲେ ପୁଣି ପଞ୍ଚଗବ୍ୟ ଆଦି ଦ୍ୱାରା ଶୋଧନଯୋଗ୍ୟ ମଣନ୍ତି ଅର୍ଥାତ୍ ସାକ୍ଷାତ୍ ଭଗବାନଙ୍କ ଠାରେ ମଧ୍ୟ ସ୍ପର୍ଶଦୋଷ ସମ୍ଭବ ଏବଂ ଗୋମୟ ଆଦି ଭଗବାନଙ୍କୁ ପବିତ୍ର କରିପାରେ—ଏପରି ବୁଦ୍ଧି କରିଥାଆନ୍ତି। ସେମାନେ ବୈଷ୍ଣବଙ୍କ ଠାରେ ଜାତିବୁଦ୍ଧି କରନ୍ତି; ଭଗବଦ୍-ପ୍ରସାଦକୁ ସାମାନ୍ୟ ଭାତ-ଡ଼ାଲି ମଣନ୍ତି ଏବଂ ତାହା ସ୍ପର୍ଶ-ଦୋଷରେ ଦୁଷିତ ହୁଏ—ଏଭଳି ବିଚାର ମଧ୍ୟ କରନ୍ତି; ଶିଷ୍ୟଦ୍ୱାରା ରନ୍ଧା ହୋଇଥିବା ଅନ୍ନକୁ ଗୁରୁ ଗ୍ରହଣ କଲେ ବା ଭଗବାନଙ୍କୁ ନିବେଦନ କଲେ ଗୁରୁଙ୍କ ଓ ଭଗବାନଙ୍କ ଜାତି ଚାଲିଯିବ—ଏପରି ବୁଦ୍ଧି କରନ୍ତି; ଅରୁଆ-ଅନ୍ନ ଭୋଜନ, ତ୍ରିସନ୍ଧ୍ୟା ସ୍ନାନ, ପଥ ଡ଼େଇଁ ଚାଲିବା, ରେଶମୀଧୋତି ପରିଧାନ ପ୍ରଭୃତି କାର୍ଯ୍ୟରେ ହିଁ ଭଗବଭକ୍ତି ବିରାଜିତ ବୋଲି ମଣନ୍ତି; ବୈଷ୍ଣବଙ୍କୁ କର୍ମଫଳବାଧ୍ୟ ଜୀବ ମଣନ୍ତି; ଆସୁର-ବର୍ଣ୍ଣାଶ୍ରମର ଉଦ୍ଦିଷ୍ଟ କାର୍ଯ୍ୟ ନ କଲେ ପ୍ରତ୍ୟବାୟ ହେବ ବୋଲି ବିବେଚନା କରନ୍ତି, ଧର୍ମକୁ ସମାଜର ଅଧୀନ ବୋଲି ଜ୍ଞାନ କରନ୍ତି, ଭଗବଦ୍ବିରୋଧୀ ସମାଜକୁ ବହୁମାନନ କରିଥାଆନ୍ତି। କିନ୍ତୁ ପ୍ରମାଣ-ଶିରୋମଣି ସିଦ୍ଧାନ୍ତସାର ଶ୍ରୀଗୀତା (୧୮/୬୬)ରେ ଭଗବାନ୍ ଶ୍ରୀମୁଖରେ କହିଛନ୍ତି—

**ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ।**
**ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ।।**

ସମସ୍ତ ବର୍ଣ୍ଣ-ଧର୍ମ ଓ ଆଶ୍ରମ-ଧର୍ମ ପରିତ୍ୟାଗ କରି ମୋର ଶରଣାଗତ ହୁଅ। ମୁଁ ତୁମକୁ ସେଇ ସକଳ ବର୍ଣ୍ଣଗତ ଓ ଆଶ୍ରମଗତ କର୍ତ୍ତବ୍ୟ କର୍ମର ଅକରଣେ ଯେଉଁ ସକଳ ପାପ ହେବ ସେଥିରୁ ମୁକ୍ତ କରିବି।

ସେ ତୃତୀୟ ଅଧ୍ୟାୟରେ ପୁଣି ମଧ୍ୟ କହିଛନ୍ତି—

**ଯଜ୍ଞଶିଷ୍ଟାଶିନଃ ସନ୍ତୋ ମୁଚ୍ୟନ୍ତେ ସର୍ବକିଲ୍ବିଷୈଃ।**
**ଭୁଞ୍ଜତେ ତେ ତ୍ୱଘଂ ପାପା ଯେ ପଚନ୍ତ୍ୟାତ୍ମକାରଣାତ୍।।**

(ଗୀ. ୩/୧୩)

ଯେଉଁ ସକଳ ସାଧୁବ୍ୟକ୍ତି ଭଗବଦ୍-ଉଚ୍ଛିଷ୍ଟ (ମହାପ୍ରସାଦ) ସେବନ କରନ୍ତି ସେଇମାନେ ହିଁ କର୍ମମାର୍ଗୀୟ ପଞ୍ଚସୂନା ଆଦି ପାପରୁ ମୁକ୍ତ ହୁଅନ୍ତି। ଆଉ ଯେଉଁମାନେ ନିଜେ ଭୋକ୍ତା ସାଜି ନିଜର ଭୋଗ ଉଦ୍ଦେଶ୍ୟରେ ଉପକରଣ ସଂଗ୍ରହ କରନ୍ତି ଓ ତାକୁ ଭୋଗନ୍ତି, ସେଇମାନେ ପାପ

ଭୋଜନ କରିଥାଆନ୍ତି । ଶ୍ରୀଗୀତାରେ ଭଗବାନ୍ ଆହୁରି ମଧ୍ୟ କହିଛନ୍ତି—

**"ଯଜ୍ଞାର୍ଥାତ୍ କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମବନ୍ଧନଃ ।"**

(ଗୀ. ୩/୯)

ଯଜ୍ଞ ଅର୍ଥାତ୍ ପରମେଶ୍ୱର ବିଷ୍ଣୁଙ୍କ ପାଇଁ ହିଁ କର୍ମ କରିବା କର୍ତ୍ତବ୍ୟ; ନତୁବା କର୍ମ ବନ୍ଧନର କାରଣମାତ୍ର ହୋଇଥାଏ । ବିଷ୍ଣୁଙ୍କ ଉଦ୍ଦେଶ୍ୟରେ କର୍ମ ହିଁ ଭକ୍ତି ଏବଂ ତାହା ହିଁ କ୍ରମେ ପରାଭକ୍ତିରୂପେ ପରିଣତ ହୋଇପାରେ ।

ଶ୍ରୀନାରଦପଞ୍ଚରାତ୍ରରେ କୁହାଯାଇଛି—

**ସୁରର୍ଷେ ବିହିତା ଶାସ୍ତ୍ରେ ହରିମୁଦ୍ଦିଶ୍ୟ ଯା କ୍ରିୟା ।**
**ସୈବ ଭକ୍ତିରିତି ପ୍ରୋକ୍ତା ଯୟା ଭକ୍ତିଃ ପରାଭବେଦିତି ।।**

ଅନ୍ୟତ୍ର ପୁଣି କୁହାଯାଇଛି—

**ଲୌକିକୀ ବୈଦିକୀ ବାପି ଯା କ୍ରିୟା କ୍ରିୟତେ ମୁନେ ।**
**ହରିସେବାନୁକୂଲୈବ ସା କାର୍ଯ୍ୟା ଭକ୍ତିମିଚ୍ଛତା ।।**

ଯିଏ ଭକ୍ତି ଇଚ୍ଛା କରନ୍ତି ସେ ଲୌକିକୀ ହେଉ ବା ବୈଦିକୀ ହେଉ ଯାହା କିଛି କାର୍ଯ୍ୟ କରନ୍ତୁ ନା କାହିଁକି ହରିସେବାର ଅନୁକୂଳରେ ହିଁ କରିବା ଉଚିତ । ଅତଏବ ଭକ୍ତର ଯାବତୀୟ କାର୍ଯ୍ୟ ହିଁ ହରିସେବାମୂଳକ ହୋଇଥିବାରୁ ତାହା ସର୍ବପାପାନିର୍ମୁକ୍ତ ଓ ନିର୍ଗୁଣ ପରାଭକ୍ତି ଲାଭରେ ସହାୟକ ଏବଂ ଅଭକ୍ତ ସ୍ମାର୍ତ୍ତର ଯାବତୀୟ କାର୍ଯ୍ୟ ନିଜର ଭୋଗତାତ୍ପର୍ଯ୍ୟପରକ ହୋଇଥିବାରୁ ତାହା ପାପଯୁକ୍ତ । ସ୍ମାର୍ତ୍ତ-ବିଚାରଗତ ସତ୍‌କାର୍ଯ୍ୟଗୁଡ଼ିକ ମଧ୍ୟ ସମ୍ପୂର୍ଣ୍ଣରୂପେ ପାପ-ନିର୍ମୁକ୍ତ ନୁହେଁ । ଯେପରି ସାତ୍ତ୍ୱିକ-ଦ୍ରବ୍ୟ-ଭୋଜନ ହେଉଛି ଏକ ସତ୍‌କାର୍ଯ୍ୟ; କିନ୍ତୁ କର୍ମମାର୍ଗୀମାନେ ଯେଉଁ ସାତ୍ତ୍ୱିକ ଦ୍ରବ୍ୟ ଘେନନ୍ତି ତାହାଦ୍ୱାରା ମଧ୍ୟ ଜୀବ ହିଂସା ହୁଏ । ଯେହେତୁ ଫଳ-ମୂଳ ମଧ୍ୟ ଜୀବ । ସେମାନଙ୍କୁ କାଟି ଖାଇଲେ ମଧ୍ୟ ଜୀବହିଂସା-ପାପରୁ ନିର୍ମୁକ୍ତ ହେବାର ଉପାୟ ନାହିଁ । କିନ୍ତୁ ଶରଣାଗତ ଭକ୍ତ ଯଥାଶାସ୍ତ୍ର ହରିଙ୍କ ଉଦ୍ଦେଶ୍ୟରେ ଭକ୍ତିସହକାରେ, ଫଳ-ମୂଳ-ଜଳ ଯାହା କିଛି ଅର୍ପଣ କରନ୍ତି, ଭଗବାନ୍ ତାହା ହିଁ ଆଦରର ସହିତ ଗ୍ରହଣ କରନ୍ତି ଏବଂ ସେଇ ଭକ୍ତ ଯେତେବେଳେ ନିର୍ଗୁଣ ଭଗବଦୁଚ୍ଛିଷ୍ଟ ସେବନ କରନ୍ତି, ସେତେବେଳେ ତାହାଙ୍କୁ କୌଣସି ପାପ ସ୍ପର୍ଶ କରିପାରେ ନାହିଁ । ଶ୍ରୀମଭାଗବତ ଏକାଦଶ-ସ୍କନ୍ଧୋକ୍ତ ବଚନକୁ ଶ୍ରୀଳ କବିରାଜ ଗୋସ୍ୱାମୀ ପ୍ରଭୁ ଅନୁବାଦ କରି ଲେଖିଛନ୍ତି—

**ଚାରି ବର୍ଣ୍ଣାଶ୍ରମୀ ଯଦି କୃଷ୍ଣ ନାହିଁ ଭଜେ ।**
**ସ୍ୱକର୍ମ କରିତେ ଓ ସେ ରୌରବେ ପଡ଼ି ମଜେ ।।**

ଭଗବଦ୍‌ଭଜନ ବ୍ୟତୀତ, ନିଜ ନିଜ ବର୍ଣ୍ଣଗତ ଓ ବର୍ଣ୍ଣୋଚିତ କର୍ମ କଲେ ମଧ୍ୟ, ତାହାକୁ ପାପଭୋଗ କରିବାକୁ ହୁଏ । ଯେହେତୁ ଭଗବଦ୍‌ଭକ୍ତି ବ୍ୟତୀତ ଯାବତୀୟ ଚେଷ୍ଟା ହେଉଛି ଭୋଗମୂଳକ; ଅତଏବ ପାପସଂଯୁକ୍ତ । ଏକମାତ୍ର ଭଗବଦ୍‌ସେବାମୂଳକ କାର୍ଯ୍ୟ ହିଁ ସମ୍ପୂର୍ଣ୍ଣ ପାପନିର୍ମୁକ୍ତ ।

ଶ୍ରୀଭଗବାନ୍ କହିଛନ୍ତି—

**ମନ୍ନିମିତ୍ତଂ କୃତଂ ପାପମପି ଧର୍ମାୟ କଳ୍ପତେ ।**
**ମାମନାଦୃତ୍ୟ ଧର୍ମୋଽପି ପାପଂ ସ୍ୟାନ୍ମତ୍ପ୍ରଭାବତଃ ।।**

(ଭକ୍ତିସନ୍ଦର୍ଭ-ଧୃତ, ପାଦ୍ମବଚନ)

ଭଗବାନ୍ କହୁଛନ୍ତି,— 'ମୋ ପାଇଁ କରାଯାଇଥିବା ପାପ ମଧ୍ୟ ଧର୍ମ ବୋଲି ପରିଗଣିତ । ଆଉ ମୋତେ ଅନାଦର କରି ଯଦି କର୍ମ ମଧ୍ୟ କରା ହୁଏ, ତେବେ ତାହା ମୋ' ପ୍ରଭାବରୁ ପାପରୂପେ ପରିଗଣିତ ହୁଏ । ଆମେ ରାମାନୁଜଶାଖାର ଉର୍ଦ୍ଧ୍ୱତନ କୌଣସି ମହାପୁରୁଷଙ୍କ ଚରିତ୍ରରୁ ଏଇ ବିଷୟଟିକୁ ପ୍ରମାଣ କରିବୁ । ଶ୍ରୀଜୀବ ଗୋସ୍ୱାମୀ ପାଦ ଶ୍ରୀମଭାଗବତର ଟୀକାରେ ଏଇ ଆଖ୍ୟାୟିକାଟିକୁ ଉଲ୍ଲେଖ କରିଛନ୍ତି,—

ପୂର୍ବକାଳରେ ଦାକ୍ଷିଣାତ୍ୟ ପ୍ରଦେଶରେ ଥିରୁମଙ୍ଗଇ ନାମରେ ଜଣେ ଶ୍ରୀବିଷ୍ଣୁଭକ୍ତ ଥିଲେ । ଯୁବାକାଳରୁ ହିଁ ସେ ଭଗବାନଙ୍କ ସେବା ଉଦ୍ଦେଶ୍ୟରେ ନାନାତୀର୍ଥ ପର୍ଯ୍ୟଟନ କରି ବୁଲୁଥିଲେ । ତୀର୍ଥପର୍ଯ୍ୟଟନକାଳେ ଚାରିଜଣ ସିଦ୍ଧପୁରୁଷ

ତାହାଙ୍କ ଶିଷ୍ୟତ୍ୱ ଗ୍ରହଣ କଲେ। ପ୍ରଥମ ଶିଷ୍ୟର ନାମ 'ତର୍କଚୂଡ଼ାମଣି', ଦ୍ୱିତୀୟ ଶିଷ୍ୟର ନାମ 'ଦ୍ୱାର ଉନ୍ମୋଚକ', ତୃତୀୟ ଶିଷ୍ୟର ନାମ 'ଛାୟାଗ୍ରହ' ଅର୍ଥାତ୍ ଯେ କୌଣସି ବସ୍ତୁର ଛାୟା ସ୍ପର୍ଶ କରିବାମାତ୍ରେ ତାହାର ଗତିରୋଧ ହୋଇଯାଏ; ଚତୁର୍ଥ ଶିଷ୍ୟର ନାମ 'ଜଳୋପରିଚର' ଅର୍ଥାତ୍ ସେ ଜଳ ଉପରେ ମଧ୍ୟ ପରିଭ୍ରମଣ କରି ପାରୁଥିଲେ। ଉକ୍ତ ଚାରିଜଣ ଶିଷ୍ୟଙ୍କ ସହିତ ତୀର୍ଥପର୍ଯ୍ୟଟନ କରୁ କରୁ ଥରେ ତିରୁମଙ୍ଗଇ ଶ୍ରୀରଙ୍ଗନାଥଙ୍କ ମନ୍ଦିର ସମ୍ମୁଖରେ ଆସି ଉପସ୍ଥିତ ହେଲେ। ଦେଖିଲେ, ମନ୍ଦିର ଭଗ୍ନପ୍ରାୟ—ଅତି କ୍ଷୁଦ୍ର ପରିସର ଏବଂ ତାହା ମଧ୍ୟ ବାଦୁଡ଼ିମାନଙ୍କ ନିବାସଭୂମିରୂପେ ପରିଣତ ହୋଇଅଛି। ଚତୁର୍ଦ୍ଦିଗ ଜଙ୍ଗଲରେ ପରିପୂର୍ଣ୍ଣ; ବ୍ୟାଘ୍ର୍ୟ-ଶୃଗାଳ ପ୍ରଭୃତି ହିଂସ୍ର ଜନ୍ତୁଙ୍କ ଭୟରେ ଭୀତ ହୋଇ ସେବକମାନେ ଦିନବେଳା ଥରେମାତ୍ର ଆସି ଶ୍ରୀରଙ୍ଗନାଥଙ୍କ ଅର୍ଚ୍ଚନ ସେବା ସମ୍ପନ୍ନ କରି ଯାଉଛନ୍ତି। ତାହା ଦେଖି ଥିରୁମଙ୍ଗଇ ଆଲୋୟାରଙ୍କ ପ୍ରାଣରେ ଯୁଗପତ୍ ଦୁଃଖ ଓ କ୍ରୋଧର ସଞ୍ଚାର ହେଲା। ସେ ଭାବିବାକୁ ଲାଗିଲେ, ବିଷୟି-ଭୋଗିମାନେ ସୁରମ୍ୟପ୍ରାସାଦରେ ଅଧିଷ୍ଠିତ ହୋଇ ଭୋଗ୍ୟା-କାମିନୀଙ୍କ ସହ ନାନା କ୍ରୀଡ଼ାରସରେ ବିଭୋର ଅଛନ୍ତି; ଆଉ ବିଶ୍ୱେଶ୍ୱର, ରାଜ-ରାଜେଶ୍ୱର, ସେଇ ପ୍ରାଣର ଦେବତାଙ୍କୁ ସେମାନେ କ୍ଷୁଦ୍ର, ଭଗ୍ନପ୍ରାୟ ମନ୍ଦିରରେ ପୋପାଡ଼ି ରଖିଛନ୍ତି। ଆଜି କୃଷ୍ଣଙ୍କ ସଂସାରକୁ ଅସୁରମାନେ ଲୁଟି ଖାଉଛନ୍ତି। ସେ ନିଜେ କପର୍ଦ୍ଦକହୀନ। କ'ଣ କରିବେ, କିଛି ହିଁ ସ୍ଥିର କରି ପାରିଲେ ନାହିଁ। ଅବଶେଷରେ ସେ ଚାରିଜଣ ଶିଷ୍ୟଙ୍କ ସହ ଯେଉଁଠାରେ କୌଣସି ଧନୀ ବ୍ୟକ୍ତିଙ୍କ ନାମ ଶୁଣିବାକୁ ପାଉଥିଲେ, ସେଠାରେ ଭିକ୍ଷାପାଇଁ ଉପସ୍ଥିତ ହେବାକୁ ଲାଗିଲେ। ଧନ-ଦୁର୍ମ୍ମଦାନ୍ଧ ବ୍ୟକ୍ତିମାନେ ତାହାଙ୍କୁ ଅର୍ଥ ଦାନ କରିବା ଦୂରେ ଥାଉ, ଚୋର-ତସ୍କର ସଂଜ୍ଞାରେ ସଂଜ୍ଞିତ କଲେ, କେହି ବା 'ସାଧୁର ପୁଣି ଅର୍ଥର ଦରକାର କ'ଣ'? ଇତ୍ୟାଦି ବ୍ୟଙ୍ଗ ବାକ୍ୟ କହି ଘଉଡ଼ାଇ ଦେଲେ। କିନ୍ତୁ ଥିରୁମଙ୍ଗଇ କୌଣସିପ୍ରକାରେ ହେଲେ ନିଜ ସଂକଳ୍ପରୁ ବିଚ୍ୟୁତ ହେଲେ ନାହିଁ। ସେ ଦେଖିଲେ ଯେ, ଧନିମାନେ ଭଗବାନଙ୍କ ଅର୍ଥ ଅପହରଣ କରି ଭୋଗ କରୁଛନ୍ତି ଏବଂ ନିଜକୁ ଧନବାନ୍ ମଣୁଛନ୍ତି; ସେଇ ସକଳ ଭଗବାନଙ୍କ ବିତ୍ତାପହାରୀ ତସ୍କର ଧନିମାନଙ୍କ ନିକଟରୁ ଯେ-କୌଣସି ଉପାୟରେ ହେଉ ଭଗବାନଙ୍କ ଅର୍ଥ ଆଣି ତାହାକୁ ଭଗବାନଙ୍କ ସେବାକାର୍ଯ୍ୟରେ ଲଗାଇବାକୁ ସେ କୃତସଙ୍କଳ୍ପ ହେଲେ। ଥିରୁମଙ୍ଗଇ ଶିଷ୍ୟମାନଙ୍କ ସହ ଏକ ଦସ୍ୟୁ-ଦଳ ବାନ୍ଧିଲେ। ତାହାଙ୍କ 'ତର୍କଚୂଡ଼ାମଣି' ନାମକ ଶିଷ୍ୟ ବିଷୟିମାନଙ୍କୁ ତର୍କଜାଲରେ ବିଜଡ଼ିତ କରୁଥାଆନ୍ତି, 'ଦ୍ୱାରଉନ୍ମୋଚକ' ନାମକ ଶିଷ୍ୟ ଧନାଗାରର ଦ୍ୱାର ଉଦ୍‌ଘାଟନ କରି ଦିଅନ୍ତି, 'ଛାୟାଗ୍ରହ' ନାମକ ଶିଷ୍ୟ ଅନ୍ୟର ଗତିଶକ୍ତି ରୋଧ କରନ୍ତି ଏବଂ 'ଜଳୋପରିଚର' ନାମକ ଶିଷ୍ୟ ପରିଖାବେଷ୍ଟିତ ରାଜପୁରୀରେ ପଶି କୋଷାଗାରରୁ ସମସ୍ତ ଧନରାଶି ଲୁଣ୍ଠନ କରି ଆଣନ୍ତି। ଏହିପରି ଭାବେ ସେମାନେ ଅର୍ଥ ଲୁଣ୍ଠନ କରିଲାଗିଲେ।

ଏହାପରେ ବିପୁଳ ଅର୍ଥରାଶି ସଂଗୃହୀତ ହେଲେ ଥିରୁମଙ୍ଗଇ ନାନା ଦେଶରୁ ସହସ୍ର ସହସ୍ର ଶିଳ୍ପୀ ଆଣି ସପ୍ତପ୍ରାକାରବିଶିଷ୍ଟ ପରମ ରମଣୀୟ ଶ୍ରୀମନ୍ଦିର ନିର୍ମାଣ କରାଇଲେ। କିନ୍ତୁ ଥିରୁମଙ୍ଗଇ ନିଜେ ଦିବସର ଶେଷରେ ନିଜ ହାତରେ ରାନ୍ଧି, ବିଷ୍ଣୁ ନିବେଦିତ ଅନ୍ନ ଥରେମାତ୍ର ପାଉଥିଲେ। ସେ ଭଗବାନଙ୍କ ଶରଣାଗତ ହୋଇ ସର୍ବେନ୍ଦ୍ରିୟଦ୍ୱାରା ଭଗବାନଙ୍କ ସେବାରେ ନିଯୁକ୍ତ ଥିଲେ ଏବଂ ଶିଷ୍ୟମାନଙ୍କୁ ଭଗବାନଙ୍କ ସେବାରେ ନିଯୁକ୍ତ କରୁଥିଲେ। ସେ ଊର୍ଦ୍ଧ୍ୱରେତା ଜିତେନ୍ଦ୍ରିୟ ଗୋସ୍ୱାମୀ ଥିଲେ।

ଜଣେ ନୈତିକ ବା ସ୍ମାର୍ତ୍ତର ଦୃଷ୍ଟିରେ ଦେଖିଲେ, ଥିରୁମଙ୍ଗଇ ଆଲୋୟାରଙ୍କ ଉପରିଉକ୍ତ କାର୍ଯ୍ୟଟି ଜଣେ ଦସ୍ୟୁର କାର୍ଯ୍ୟ ବୋଲି ଜଣାପଡ଼େ; କିନ୍ତୁ ଥିରୁମଙ୍ଗଇ ନିଜେ ଏଇରୂପ ଦସ୍ୟୁଦଳର ନେତା ହୋଇ ଶିଷ୍ୟମାନଙ୍କ ଦ୍ୱାରା ଭଗବାନଙ୍କ ସେବା ଉଦ୍ଦେଶ୍ୟରେ ଏଇ କାର୍ଯ୍ୟଟି କରିଥିଲେ। ଏହି କାର୍ଯ୍ୟରେ ତାହାଙ୍କ ବିନ୍ଦୁମାତ୍ରେ ମଧ୍ୟ ଭୋଗର ବା ପ୍ରତିଷ୍ଠାର ଆଶା ନଥିଲା। ସେ ଜାଣୁଥିଲେ ଯାବତୀୟ ଧନ ହିଁ





ଶ୍ରୀପତି ନାରାୟଣଙ୍କର। କେବଳ ମୋହବଶତଃ ଧନିମାନେ ଭଗବାନଙ୍କ ସେବାର ଅର୍ଥଦ୍ୱାରା ନିଜ ନିଜ ଭୋଗତୃପ୍ତି ସାଧନ କରୁଛନ୍ତି। ଅତଏବ ସେମାନେ ହିଁ ପ୍ରକୃତ ଦସ୍ୟୁ-ପଦବାଚ୍ୟ। ଅତଏବ ସେଇସବୁ ଦସ୍ୟୁମାନଙ୍କ ନିକଟରୁ ସିଧା ଉପାୟରେ ଯେତେବେଳେ ଧନ ମିଳିଲା ନାହିଁ, ସେତେବେଳେ ଭଗବାନଙ୍କ ସେବା ଉଦ୍ଦେଶ୍ୟରେ ଯେ-କୌଣସି ଉପାୟରେ ତାହା ଗ୍ରହଣ କରିବା ଉଚିତ। ଥିରୁମଙ୍ଗଇଙ୍କର ଏଇ ଦସ୍ୟୁଚିତ କାର୍ଯ୍ୟଟି ହରିଜନମାନଙ୍କ ବିଚାରରେ ଭଗବଦ୍ଭକ୍ତି ଓ ତୃଣାଦପି ସୁନୀଚତା ଅଟେ। ଯେପରି—ହନୁମାନଙ୍କ ଲଙ୍କା-ଦହନ ଭଗବଦ୍ଭକ୍ତି ଓ ଗୁରୁସେବା ଏବଂ ତୃଣାଦପି ସୁନୀଚତାର ହିଁ ପରିଚୟ ଅଟେ। ଯେହେତୁ ଏଇ କାର୍ଯ୍ୟରେ ତାଙ୍କର ନିଜର ଭୁକ୍ତି-ମୁକ୍ତିର କୌଣସି ଗନ୍ଧମାତ୍ର ମଧ୍ୟ ନଥିଲା। ଆଉ ଭୁକ୍ତି-ମୁକ୍ତିମୂଳକ ଯେଉଁସବୁ କାର୍ଯ୍ୟ ଜଗତର ଚକ୍ଷୁରେ ଅତି ସତ୍‌କାର୍ଯ୍ୟ ବୋଲି ବିବେଚିତ, ତାହା ମଧ୍ୟ ଅସତ୍; ଯେହେତୁ ତାହା ଏକମାତ୍ର ସଦ୍‌ବସ୍ତୁ ଭଗବାନଙ୍କ ଉଦ୍ଦେଶ୍ୟରେ କୃତ ହୋଇ ନାହିଁ। ଅତଏବ ଶ୍ରୀମଦ୍ଭାଗବତର ଉପଦେଶ ହେଉଛି ଏହି ଯେ,—

**ନେହ ଯତ୍ କର୍ମ ଧର୍ମାୟ ନ ବିରାଗାୟ କଳ୍ପତେ।**
**ନ ତୀର୍ଥପାଦସେବାୟୈ ଜୀବନ୍ନପି ମୃତୋ ହି ସଃ।।**

(ଭା. ୩/ ୨୩/ ୫୨)

ଇହ ସଂସାରରେ ଯେଉଁ ବ୍ୟକ୍ତିର କର୍ମ ତ୍ରୈବର୍ଗିକ ଧର୍ମାଭିମୁଖୀ ଅନୁଷ୍ଠିତ ହୁଏ ନାହିଁ, ଯେଉଁ ଧର୍ମ ନିଷ୍କାମ ହୋଇ କୃଷ୍ଣେତର ବିଷୟରେ ବୈରାଗ୍ୟ ଉତ୍ପାଦନ କରେ ନାହିଁ, ପୁଣି ଯେଉଁ ବୈରାଗ୍ୟ ତିର୍ଥପଦ ଶ୍ରୀହରିଙ୍କ ସେବାରେ ପର୍ଯ୍ୟବସିତ ହୁଏ ନାହିଁ, ସେହି ବ୍ୟକ୍ତି ଜୀବିତ ହେଲେ ମଧ୍ୟ ମୃତ ଅଟେ।

(ଶ୍ରୀଗୌଡ଼ୀୟ ପତ୍ରିକା, ୧୭ଶ ବର୍ଷ, ୪ର୍ଥ ସଂଖ୍ୟାରୁ ଅନୁଦିତ)

**ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ। ହରେ ରାମ ହରେ ରାମ ରାମ ରାମ ହରେ ହରେ ।।**



# ଦଶମ ସ୍କନ୍ଧରେ ଦଶମ ଲକ୍ଷଣ

ଶ୍ରୀ ଶ୍ରୀମଦ୍ ଭକ୍ତିପ୍ରଜ୍ଞାନ କେଶବ ଗୋସ୍ୱାମୀ ମହାରାଜ

**ଦଶମେ ଦଶମଂ ଲକ୍ଷ୍ୟମାଶ୍ରିତାଶ୍ରୟ ବିଗ୍ରହମ୍।**
**ଶ୍ରୀକୃଷ୍ଣାଖ୍ୟଂ ପରଂ ଧାମ ଜଗଦ୍ଧାମ ନମାମି ତତ୍।।**

(ଭା. ୧୦/୧/୧ - ସ୍ୱାମୀ-ଟୀକା)

ଆମେ (ଶ୍ରୀଗୌଡ଼ୀୟ ପତ୍ରିକାର) ୯ମ ବର୍ଷ ଅତିକ୍ରମ କରି ୧୦ମ ବର୍ଷ ପରିକ୍ରମାର ଆୟୋଜନ କରିଅଛୁଁ। ଦଶମର ଅନ୍ତର୍ଗତ ହିଁ ନଅଟି ଲକ୍ଷଣ ବା ନବ ଲକ୍ଷଣ। ଶାସ୍ତ୍ରକାରମାନେ ଦଶମର ବିଶେଷ ଆଦର କରିଅଛନ୍ତି। ତତ୍ତ୍ୱ-ନିରୂପଣବେଳେ ଆଚାର୍ଯ୍ୟବର୍ଗଙ୍କ ମଧ୍ୟରେ ଅନେକେ ହିଁ ଦଶମର ପ୍ରତି ବିଶେଷ ଦୃଷ୍ଟି ନିକ୍ଷେପ କରିଅଛନ୍ତି। ଆଚାର୍ଯ୍ୟ-ସମାଜର ମୂଳ-ପୁରୁଷ ଶ୍ରୀଳ କୃଷ୍ଣଦ୍ୱୈପାୟନ ବ୍ୟାସ ସ୍ୱୟଂ ହିଁ ଦଶମର ବିଶେଷ ପ୍ରଶଂସା କରିଅଛନ୍ତି। କେବଳ ସେତିକି ନୁହେଁ, ପ୍ରଥମରୁ ନବମ ତତ୍ତ୍ୱପର୍ଯ୍ୟନ୍ତ ଯାବତୀୟ ତତ୍ତ୍ୱ ଦଶମର ହିଁ ଅନ୍ତର୍ଗତ ବୋଲି ବିଚାର କରିଛନ୍ତି। ଶ୍ରୀମଦ୍ଭାଗବତର ଦଶମ-ସ୍କନ୍ଧ ଏହାରି ଉପରେ ହିଁ ପ୍ରତିଷ୍ଠିତ। ଭାଗବତର ୨ୟ ସ୍କନ୍ଧ ୧୦ମ ଅଧ୍ୟାୟରେ ଏହାର ନିର୍ଦ୍ଦେଶ ଦେଇଛନ୍ତି—

**ଅତ୍ର ସର୍ଗୋ ବିସର୍ଗଶ୍ଚ ସ୍ଥାନଂ ପୋଷଣମୂତୟଃ।**
**ମନ୍ୱନ୍ତରେଶାନୁକଥା ନିରୋଧୋ ମୁକ୍ତିରାଶ୍ରୟଃ।।**
**ଦଶମସ୍ୟ ବିଶୁଦ୍ଧ୍ୟର୍ଥଂ ନବାନାମିହ ଲକ୍ଷଣମ୍।**
**ବର୍ଣ୍ଣୟନ୍ତି ମହାତ୍ମାନଃ ଶ୍ରୁତେନାର୍ଥେନ ଚାଞ୍ଜସା।।**

ଏହି ଶ୍ଳୋକକୁ ଅବଲମ୍ବନପୂର୍ବକ ଜଗଦ୍‌ଗୁରୁ ଶ୍ରୀଳ ଠାକୁର ଭକ୍ତିବିନୋଦ ଅମୃତପ୍ରବାହ ଭାଷ୍ୟରେ ଲେଖିଛନ୍ତି—ଏଇ ଭାଗବତ-ଶାସ୍ତ୍ରରେ ସର୍ଗ, ବିସର୍ଗ, ସ୍ଥାନ, ଉତି, ପୋଷଣ, ମନ୍ୱନ୍ତର, ଈଶକଥା, ନିରୋଧ, ମୁକ୍ତି ଓ ଆଶ୍ରୟ—ଏଇ ନଅଟି ବିଷୟ ବିବୃତ ହୋଇଅଛି। ଦଶମ ତତ୍ତ୍ୱ ହେଉଛି ଆଶ୍ରୟ, ତାହାର ବିଶୁଦ୍ଧ ଆଲୋଚନା ପାଇଁ ପୂର୍ବ ନଅଟି ଲକ୍ଷଣ ମହାତ୍ମାମାନେ କୌଣସି ସ୍ଥଳରେ ସ୍ତୁତି-ଛଳରେ ଓ ଆଖ୍ୟାନ ଛଳରେ ତଥା କୌଣସି ସ୍ଥଳରେ ସାକ୍ଷାଦ୍ ବିଚାରଦ୍ୱାରା ବର୍ଣ୍ଣନା କରିଅଛନ୍ତି। ଦଶମ ସ୍କନ୍ଧରେ ଆଶ୍ରିତମାନଙ୍କର "ଆଶ୍ରୟ"—ବିଗ୍ରହସ୍ୱରୂପ ଶ୍ରୀକୃଷ୍ଣ ଲକ୍ଷିତ ହୋଇଅଛନ୍ତି। ସେଇ ଶ୍ରୀକୃଷ୍ଣାଖ୍ୟ ପରମଧାମଙ୍କୁ ଓ ଜଗଦ୍ଧାମଙ୍କୁ ମୁଁ ନମସ୍କାର କରୁଅଛି। ତାତ୍ପର୍ଯ୍ୟ ହେଉଛି,—ଜଗତରେ ଦୁଇଟି ତତ୍ତ୍ୱ ଅଛି। ଅର୍ଥାତ୍, ଆଶ୍ରୟ ଓ ଆଶ୍ରିତ। ଯାହାକୁ ଆଶ୍ରୟ କରି ସମସ୍ତ ଆଶ୍ରିତ-ତତ୍ତ୍ୱ ବିରାଜମାନ, ସେଇ ମୂଳତତ୍ତ୍ୱ ହିଁ ହେଉଛି ଆଶ୍ରୟ। ସେଇ ମୂଳ-ତତ୍ତ୍ୱକୁ ଆଶ୍ରୟ କରି ଯେଉଁ ସବୁ ତତ୍ତ୍ୱ ଅଛନ୍ତି, ସେମାନେ ସମସ୍ତେ ଆଶ୍ରିତ-ତତ୍ତ୍ୱ। 'ସର୍ଗ' ଠାରୁ 'ମୁକ୍ତି' ପର୍ଯ୍ୟନ୍ତ ସମସ୍ତ ଆଶ୍ରିତ-ତତ୍ତ୍ୱ। ଅତଏବ ପୁରୁଷାବତାର ଓ ତଦନୁଗତ ସମସ୍ତ ଅବତାର, ସମସ୍ତ ଶକ୍ତି, ତଦନୁଗତ ଜୀବଜଗତ୍ ଓ ଜଡ଼ଜଗତ୍ ସମସ୍ତେ ହିଁ ସେଇ କୃଷ୍ଣରୂପକ ଆଶ୍ରୟର ଆଶ୍ରିତ। ଭାଗବତରେ ସ୍ତବ ଛଳରେ ଓ ଆଖ୍ୟାନ

ଛଳରେ କିଞ୍ଚିତ ଗୌଣରୂପେ ଏବଂ ସାକ୍ଷାଦ୍ ଉପଦେଶ ଛଳରେ ସାକ୍ଷାଦ୍ ଆଶ୍ରୟ ତତ୍ତ୍ୱର ହିଁ ବିଚାର କରିଅଛନ୍ତି। ଅତଏବ କୃଷ୍ଣଙ୍କ ସ୍ୱରୂପ ଓ ଶକ୍ତିତ୍ରୟ ଜ୍ଞାନର ପ୍ରୟୋଜନୀୟତା ଅଛି।

ଶ୍ରୀଳ କବିରାଜ ଗୋସ୍ୱାମୀ ଲେଖିଛନ୍ତି—

**କୃଷ୍ଣେର ସ୍ୱରୂପ ଆର ଶକ୍ତିତ୍ରୟ ଜ୍ଞାନ।**
**ଯାଁର ହୟ ତାର ନାହି କୃଷ୍ଣେତେ ଅଜ୍ଞାନ।।**

(ଚୈ. ଚ. ଆଦି. ୨/୯୬)

ଅତଏବ 'ଦଶମସ୍ୟ ବିଶୁଦ୍ଧ୍ୟର୍ଥଂ' ଅର୍ଥାତ୍ ଦଶମତତ୍ତ୍ୱର ବିଶୁଦ୍ଧ ଆଲୋଚନା ପାଇଁ ପୂର୍ବ ପୂର୍ବ 'ନବାନାମିହଲକ୍ଷଣମ୍'-ନଅଟି ହେଉଛି ଲକ୍ଷଣ।

ପରତତ୍ତ୍ୱ ହିଁ ଅଚିନ୍ତ୍ୟ ଭେଦାଭେଦତତ୍ତ୍ୱ। ସେହି ଅଚିନ୍ତ୍ୟଭେଦ ଓ ଅଭେଦ-ତତ୍ତ୍ୱ କହିଲେ ବସ୍ତୁ ବା ତତ୍ତ୍ୱଟି ଅଦ୍ୱୟ ବା ଅଭେଦ ନୁହେଁ। ଯେଉଁମାନେ ଅଚିନ୍ତ୍ୟ-ଭେଦାଭେଦକୁ 'ଅଭେଦବାଦ'ରେ ପରିଣତ କରିବାକୁ ଚେଷ୍ଟା କରନ୍ତି, ସେମାନେ ନିତାନ୍ତ ହିଁ ଭ୍ରାନ୍ତ। ଆମ୍ଭେ ଶ୍ରୀସୁନ୍ଦରାନନ୍ଦ ବିଦ୍ୟାବିନୋଦର ଗ୍ରନ୍ଥରେ ଦେଖିଛୁ— 'ବୈଷ୍ଣବମାତ୍ରେ ହିଁ ଅଦ୍ୱୈତବାଦୀ ବା ଅଭେଦବାଦୀ'। ବୈଷ୍ଣବମାନଙ୍କ ସମ୍ବନ୍ଧରେ ଏପରି ଉକ୍ତି ଅତ୍ୟନ୍ତ ହାସ୍ୟାସ୍ପଦ ଏବଂ ଦାର୍ଶନିକ ଜ୍ଞାନର ସମ୍ପୂର୍ଣ୍ଣ ଅଭାବର ପରିଚାୟକ। ସେ ଶ୍ରୀଳ ଜୀବ ଗୋସ୍ୱାମୀଙ୍କୁ ମଧ୍ୟ ସ୍ପଷ୍ଟ ଭାବେ 'ଅଭେଦବାଦ' ରୂପେ ଅଙ୍କିତ କରିବାକୁ କୌଣସି ଦ୍ୱିଧା ବୋଧ କରି ନାହାଁନ୍ତି, ଭୀତ ମଧ୍ୟ ହୋଇ ନାହାଁନ୍ତି। ଆମ୍ଭେ 'ଅଚିନ୍ତ୍ୟଭେଦାଭେଦ' ପ୍ରବନ୍ଧରେ ତାହାର ବିସ୍ତୃତ ଆଲୋଚନା କରୁଅଛୁ ଓ କରିବୁଁ। ଶ୍ରୀଳ ସନାତନ ଗୋସ୍ୱାମୀ ଶ୍ରୀମଦ୍ଭାଗବତର ଦଶମ ସ୍କନ୍ଧର 'ବୈଷ୍ଣବ ତୋଷଣୀ'ର ପ୍ରାରମ୍ଭରେ ହିଁ ଲେଖିଛନ୍ତି—

**"ନାଭେଦବାଦ ଇତ୍ୟେଷ ନାଲେଖି କ୍ଷମ୍ୟତାମିଦମ୍।"**

ଏକ ଆଶ୍ରୟ-ତତ୍ତ୍ୱର ଅନ୍ତରାଳରେ ନଅଟି ତତ୍ତ୍ୱ କ୍ରୋଡ଼ୀଭୂତ ହୋଇ ଅବସ୍ଥିତ। ଅତଏବ ଦଶମ ଏକ ବଚନାତ୍ମକ ଶବ୍ଦ ହେଲେ ମଧ୍ୟ ସେଥିରେ ଆହୁରି ନଅଟି ତତ୍ତ୍ୱ ଆଶ୍ରିତରୂପେ ନିତ୍ୟ ବର୍ତ୍ତମାନ। ଏଇ ବିଚାର ପରିତ୍ୟାଗ କଲେ ମାୟାବାଦୀଙ୍କ ଭଳି ଅଭେଦବାଦୀ ହେବାକୁ ହୁଏ। ବେଦର ପୂରଣକାରୀ ପୁରାଣସମୂହ ଦଶଲକ୍ଷଣରେ ପରିପୂର୍ଣ୍ଣ। ଗୌଡ଼ୀୟ ବୈଷ୍ଣବାଚାର୍ଯ୍ୟଙ୍କ ପୂର୍ବାଚାର୍ଯ୍ୟ ମଧ୍ୱମୁନିଙ୍କ ବିଚାରଧାରା ମଧ୍ୟ ଦଶଲକ୍ଷଣଦ୍ୱାରା ଲକ୍ଷିତ। 'ମଧ୍ୱ ପ୍ରାହ ତତ୍ତ୍ୱଂ ହରିମିହ ପରମଂ' ଇତ୍ୟାଦି ଶ୍ଲୋକ ହିଁ ତାହାର ପ୍ରମାଣ। ଶ୍ରୀଳ ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁରଙ୍କ ସମ୍ବନ୍ଧ-ଅଭିଧେୟ-ପ୍ରୟୋଜନମୂଳକ ତତ୍ତ୍ୱସମୂହରେ 'ଆରାଧ୍ୟୋ ଭଗବାନ୍ ବ୍ରଜେଶତନୟଃ' ଶ୍ଲୋକରେ ନବତତ୍ତ୍ୱାନ୍ୱିତ ଦଶମର କଥା ହିଁ ବିଚାରିତ ହୋଇଛି। ଶ୍ରୀଳ ଠାକୁର ଭକ୍ତିବିନୋଦ ଦଶମୂଳ ରଚନା କରି ସମଗ୍ର ବିଶ୍ୱବାସୀଙ୍କୁ ଦଶମର ଅର୍ଥାତ୍ ଶ୍ରୀକୃଷ୍ଣତତ୍ତ୍ୱର ସର୍ବଶ୍ରେଷ୍ଠତ୍ୱ ଜ୍ଞାପନ କରିଅଛନ୍ତି।

ଆମ୍ଭେ ଶ୍ରୀଳ ଭକ୍ତିବିନୋଦ ଧାରାରେ ସ୍ନାତ ହୋଇ ସାରସ୍ୱତ ଧାରାରେ ଅବସ୍ଥିତ ରହିବୁଁ। ଶ୍ରୀଳ ଭକ୍ତିବିନୋଦ ଠାକୁର ଦଶମୂଳ, ଅମ୍ନାୟ-ଦଶମୂଳ, ଭଗବଦ୍‌ଗୀତା-ଦଶମୂଳ, ଭାଗବତ-ଦଶମୂଳ, ଚରିତାମୃତ-ଦଶମୂଳ ପ୍ରଭୃତି ଗ୍ରନ୍ଥ ରଚନାପୂର୍ବକ ବର୍ତ୍ତମାନ ବିଶ୍ୱର ପ୍ରଭୂତ କଲ୍ୟାଣ ସାଧନ କରିଅଛନ୍ତି। ସମଗ୍ର ଦଶମୂଳ ଗ୍ରନ୍ଥସମୂହର ନିର୍ଯ୍ୟାସ-ସ୍ୱରୂପ ପୃଥକ୍ ଆଉ ଏକ 'ଦଶମୂଳ-ନିର୍ଯ୍ୟାସ' ଶୀର୍ଷକ ପ୍ରବନ୍ଧ ରଚନା କରଅଛନ୍ତି। ସେ ଏହି 'ନିର୍ଯ୍ୟାସ'-ଗ୍ରନ୍ଥରେ ଲେଖିଛନ୍ତି—ଦଶମୂଳକୁ 'ଯେଉଁମାନେ ହେଳା କରିବେ, ସେମାନଙ୍କର ହରିଭକ୍ତି ସୁଷ୍ଠୁ ହେବ ନାହିଁ।' ଅତଏବ ନବଧାଭକ୍ତି ଲାଭର ଏକମାତ୍ର ଉପାୟ-ସ୍ୱରୂପ— 'ଦଶମୂଳନିର୍ଯ୍ୟାସ' ଆଲୋଚନା କରିବା କର୍ତ୍ତବ୍ୟ।

ଯେଉଁମାନେ ଅଦ୍ୱୟବାଦୀ ବା ଅଦ୍ୱୈତବାଦୀ, ସେମାନେ ସର୍ବତ୍ର ଭେଦକୁ ବା ବୈଶିଷ୍ଟ୍ୟକୁ ସ୍ୱୀକାର କରିବାକୁ ନାରାଜ। ଏକତ୍ୱ ହିଁ ସେମାନଙ୍କର ମୂଳ ସ୍ୱରୂପ। ଏକ ବ୍ୟତୀତ ଦ୍ୱିତୀୟ କୌଣସି କଥା ସେମାନଙ୍କ ଚିନ୍ତାର ଭିତରେ ଗ୍ରହଣ କରିବାକୁ ଅକ୍ଷମ। ଆମ୍ଭେ ସେମାନଙ୍କର ଏପରି ଅକ୍ଷମତାରେ



ବିଶେଷ ଲକ୍ଷିତ ହେଉଅଛୁ। 'ଏକ'-ଶବ୍ଦ ବହୁତ୍ୱର ପରିପୋଷକ ଅଥବା ବହୁତ୍ୱର ସେବକ, ଗୋଲାମ ବା ଦାସ। ବହୁତ୍ୱ ସ୍ୱୀକୃତ ନ ହେଲେ ଏକତ୍ୱର କୌଣସି ମୂଲ୍ୟ ନାହିଁ। ବିଶେଷତଃ ଏକ ବୋଲି କୌଣସି ବସ୍ତୁର ଅଧିଷ୍ଠାନ ଦଶ-ପ୍ରମାଣର ଦ୍ୱାରା ଲକ୍ଷିତ ହୁଏ ନା। ଯେଉଁମାନେ ପ୍ରମାଣ-ଦଶକର ବହିର୍ଭୂତ କୌଣସି ତତ୍ତ୍ୱକୁ ସ୍ୱୀକାର କରିବାକୁ ଚେଷ୍ଟା କରନ୍ତି ସେମାନେ ଭ୍ରାନ୍ତ, ନାସ୍ତିକ ଓ ଅସୁର ଶ୍ରେଣୀଭୁକ୍ତ। ସେମାନେ 'ଏକ'ର ଅର୍ଥ କ'ଣ ଧାରଣା କରିଥାଆନ୍ତି? ଆମ୍ଭେ କହିବାକୁ ରହୁଁ—ଏକ 'ଆଶ୍ରୟ'-ତତ୍ତ୍ୱ ହିଁ ଯାବତୀୟ ଆଶ୍ରିତ ତତ୍ତ୍ୱର ମୂଳ ଆଶ୍ରୟ-ବିଗ୍ରହ। ଏଇ ଶ୍ରେଣୀର ଏକର ଅନ୍ତର୍ଗତ ଦ୍ୱିତ୍ୱ, ତ୍ରିତ୍ୱ, ବହୁତ୍ୱ ପ୍ରଚୁର ପରିମାଣରେ ବିଦ୍ୟମାନ। ଅତଏବ ଦଶମ କେବଳ ଦଶମ ନୁହେଁ—ଏହାର ଅନ୍ତର୍ଗତ ବହୁ ଲକ୍ଷିତ ହେଉଅଛି ଓ ହେବେ।

(ଶ୍ରୀଗୌଡ଼ୀୟ ପତ୍ରିକା, ୧୦ମ ବର୍ଷ, ୧ମ ସଂଖ୍ୟାରେ ପ୍ରକାଶିତ, 'ଶ୍ରୀକେଶବ-ପ୍ରବନ୍ଧାବଳୀ' ଗ୍ରନ୍ଥରୁ ଅନୁଦିତ)



ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ। ହରେ ରାମ ହରେ ରାମ ରାମ ରାମ ହରେ ହରେ ।।



# ଶ୍ରୀଭଗବାନଙ୍କ କଥା-୮

(ପୂର୍ବ-ପ୍ରକାଶିତ ଲେଖର ପରବର୍ତ୍ତୀ ଅଂଶ)

ଶ୍ରୀଯୁକ୍ତ ଅଭୟ ଚରଣ ଦେ (ସମ୍ପାଦକ- ବ୍ୟାକ୍ ଟୁ ଗଡ୍ ହେଡ୍)

ଯେଉଁମାନେ ଏପରି ମଣନ୍ତି ଯେ, କେବଳମାତ୍ର ଭାରତବର୍ଷରେ ହିଁ ବ୍ରାହ୍ମଣ-କ୍ଷତ୍ରିୟ ଆଦି ଚାରି ବର୍ଣ୍ଣର ଅସ୍ତିତ୍ୱ ଅଛି, ସେମାନେ ସମସ୍ତେ ହିଁ ଭ୍ରାନ୍ତ। କଳିର ପ୍ରଭାବରେ ସମସ୍ତେ ହିଁ ଶୂଦ୍ର ଏବଂ ଶୂଦ୍ରାଧମ ହୋଇଯିବେ—ଏପରି ଶାସ୍ତ୍ର-ସିଦ୍ଧାନ୍ତ ଥିଲେ ମଧ୍ୟ ଭାରତବର୍ଷରେ ଯେପରି କିଛି କିଛି ବ୍ରାହ୍ମଣ ଆଦି ଗୁଣଗତ ଉଚ୍ଚବର୍ଣ୍ଣର ମନୁଷ୍ୟ ଦେଖାଯାଆନ୍ତି, ସେଇପ୍ରକାର ସବୁଦେଶରେ ଅଛନ୍ତି—ସେ ବିଷୟରେ ଆଉ ସନ୍ଦେହ କ'ଣ? ସବୁ ଦେଶରେ ହିଁ ଗୁଣର ଓ କର୍ମର ବିଚାରରେ ଏଇ ଚାରୋଟି ବର୍ଣ୍ଣର ଅସ୍ତିତ୍ୱ ରହିଛି। ଗୁଣ-କର୍ମ-ହିସାବରେ ଶୂଦ୍ରାଧମ ଚଣ୍ଡାଳର ମଧ୍ୟ ଭଗବଦ୍‌ଭକ୍ତିରେ ଅଧିକାର ଅଛି। ଭଗବଦ୍‌ଭକ୍ତି-ପରାୟଣ ଚଣ୍ଡାଳ-ବଂଶଜାତ ବ୍ୟକ୍ତି ମଧ୍ୟ ତାହାର ଗୁଣର ପ୍ରଭାବରେ ସଭିଙ୍କର ପୂଜ୍ୟ ହୁଏ, ଏ ବିଷୟରେ ଶାସ୍ତ୍ରରେ ଭୂରି ଭୂରି ପ୍ରମାଣ ରହିଛି, ଯଥା—"**ନ ମେଽଭକ୍ତଶ୍ଚତୁର୍ବେଦୀ ମଦ୍ଭକ୍ତଃ ଶ୍ୱପଚଃ ପ୍ରିୟଃ**" (ଇତିହାସ-ସମୁଚ୍ଚୟ) ଇତ୍ୟାଦି। ଭଗବଦ୍‌ଭକ୍ତି-ପରାୟଣ ବ୍ରାହ୍ମଣ ଯେଉଁ ଗତି ପାଆନ୍ତି, ଭଗବଦ୍‌ଭକ୍ତି-ପରାୟଣ ଚଣ୍ଡାଳ ମଧ୍ୟ ସେଇ ପଦ ପାଆନ୍ତି।—"**ଚଣ୍ଡାଲୋଽପି ଦ୍ୱିଜଶ୍ରେଷ୍ଠଃ ହରିଭକ୍ତିପରାୟଣଃ**"। ଚଣ୍ଡାଳ-ବଂଶଜାତ ହରିଭକ୍ତି-ପରାୟଣ ବ୍ୟକ୍ତି ସାଧାରଣ ବ୍ରାହ୍ମଣ ଅପେକ୍ଷା ବହୁ ଗୁଣରେ ଶ୍ରେଷ୍ଠ। ସେ ମଧ୍ୟ ବ୍ରାହ୍ମଣଙ୍କର ଗୁରୁ ହୋଇ ପାରନ୍ତି, ତାହାର ପ୍ରମାଣ ପୂର୍ବ ପୂର୍ବ ଆଚାର୍ଯ୍ୟମାନେ ଆମ୍ଭମାନଙ୍କୁ ଦେଖାଇଛନ୍ତି। ଗୁଣ ଓ କର୍ମ-ବିଭାଗ ଦ୍ୱାରା ହିଁ ବ୍ରାହ୍ମଣ ଆଦି ବର୍ଣ୍ଣ-ବିଭାଗ ସ୍ଥିର ହୋଇଛି। କିନ୍ତୁ ଯିଏ ହରିଭକ୍ତି-ପରାୟଣ, ସେ ନିର୍ଗୁଣ ଅର୍ଥାତ୍ ଜଡ଼ଗୁଣରୁ ଅତୀତ; ସେପରି ଗୁଣାତୀତ ବ୍ୟକ୍ତିଙ୍କୁ କେବଳ ବ୍ରାହ୍ମଣ ବୋଲି ପୂଜା କଲେ ମଧ୍ୟ ତାହା ଯଥେଷ୍ଟ ନୁହେଁ। ଅତଏବ ଭଗବାନଙ୍କ ଶ୍ରୀପାଦପଦ୍ମକୁ ଆଶ୍ରୟ କଲେ ହିଁ ସମସ୍ତେ ସକଳ ଦେଶରେ ସବୁ ସମୟରେ ସବୁପ୍ରକାର ମଙ୍ଗଳର ଅଧିକାରୀ ହୋଇପାରନ୍ତି। ଶ୍ରୀମଦ୍‌ଭଗବଦ୍‌ଗୀତାରୁ ଆମ୍ଭେ ଏଇ ଶିକ୍ଷା ପ୍ରଚୁରଭାବେ ପାଇଥାଉ।

ଅତଏବ ବିଶ୍ୱ-ବ୍ରହ୍ମାଣ୍ଡରେ ଯିଏ ଯେଉଁଠାରେ ଅବସ୍ଥାନ କରନ୍ତୁ ନା କାହିଁକି, ସମସ୍ତେ ଯଦି ଭଗବାନଙ୍କ ବଚନ ଅନୁସାରେ ଗୀତା-ଶାସ୍ତ୍ରୋକ୍ତ କର୍ମଯୋଗର ଅନୁଷ୍ଠାନ କରନ୍ତି, ତା' ହେଲେ ସେମାନେ ସମସ୍ତ କର୍ମରେ ହିଁ ବ୍ରହ୍ମ-ସମାଧି ବା ଚିନ୍ମୟତ୍ୱ ପାଆନ୍ତି ଏବଂ ସେମାନେ ସମସ୍ତେ ବ୍ରାହ୍ମଣ ହୋଇ ଯାଆନ୍ତି। ଯଥା—

**ବ୍ରହ୍ମାର୍ପଣଂ ବ୍ରହ୍ମହବିର୍ବ୍ରହ୍ମାଗ୍ନୌ ବ୍ରହ୍ମଣା ହୁତମ୍।**
**ବ୍ରହ୍ମୈବ ତେନ ଗନ୍ତବ୍ୟଂ ବ୍ରହ୍ମକର୍ମ-ସମାଧିନା।।**

(ଗୀତା, ୪/୨୪)

ବିଷ୍ଣୁଙ୍କ ପ୍ରୀତ୍ୟର୍ଥେ ଯଜ୍ଞରୂପକ କର୍ମ ଦ୍ୱାରା କିଭଳି ବ୍ରହ୍ମଜ୍ଞାନ ଲାଭ ହୁଏ, ତାହା ହିଁ ଏଇ ଶ୍ଳୋକରେ ବ୍ୟାଖ୍ୟାତ ହୋଇଛି। ଶଙ୍କରାଚାର୍ଯ୍ୟ ମାୟାବାଦ-କଳ୍ପନାରେ "ସର୍ବଂ ଖଲ୍ୱିଦଂ ବ୍ରହ୍ମ"—ବାକ୍ୟ ଦ୍ୱାରା ଜଗତରେ ନିର୍ବିଶେଷ ବ୍ରହ୍ମର

ଅବତାରଣା କରି ଯେଉଁ ବିଚାର-ବିପର୍ଯ୍ୟୟ ଘଟାଇଛନ୍ତି, ତାହାର ହିଁ ସମ୍ୟକ୍ ଅନ୍ୱୟ ଏଇ ସୂତ୍ରରେ ବିଚାରିତ ହୋଇଛି। ଯଜ୍ଞାର୍ଥେ କର୍ମ କିଭଳି ଭାବେ ହୋଇପାରେ, ତାହାର ବିଚାର କରିବା ଆବଶ୍ୟକ ଏବଂ ଜନକ ଆଦି ମହାଜନମାନେ ଯଜ୍ଞାର୍ଥେ କିଭଳିଭାବେ କର୍ମ-ଯୋଜନା କରିଥିଲେ, ତାହା ଲକ୍ଷ୍ୟ କରିବା ପ୍ରୟୋଜନ। ସବୁ ଯଜ୍ଞର ମୂଳ-ତତ୍ତ୍ୱ ହେଉଛି ବିଷ୍ଣୁ-ପ୍ରୀତି ବା କୃଷ୍ଣ-ସେବା। ଆତ୍ମମାନଙ୍କର ବଦ୍ଧ-ଅବସ୍ଥାରେ ଶରୀରଯାତ୍ରା-ନିର୍ବାହ ଆଦି ସମସ୍ତ କାର୍ଯ୍ୟରେ ବା ସମସ୍ତ ବସ୍ତୁରେ ଜଡ଼-ସମ୍ବନ୍ଧ ଅନିର୍ବାର୍ଯ୍ୟ। କିନ୍ତୁ ସେଇସବୁ କାର୍ଯ୍ୟରେ ଯଦି ବ୍ରହ୍ମଭାବ "ସର୍ବଂ ଖଲ୍ୱିଦଂ ବ୍ରହ୍ମ" ଅର୍ଥାତ୍ ସମସ୍ତ କାର୍ଯ୍ୟ ହିଁ ବ୍ରହ୍ମର ପାଇଁ ଅଥବା ବ୍ରହ୍ମ-ସମ୍ବନ୍ଧୀୟ—ଏଇପ୍ରକାର ଚିଦ୍-ଆଲୋଚନା-ସମ୍ବଳିତ ହୁଏ ଏବଂ ଉପଯୁକ୍ତ ଆଚାରବାନ୍ ବ୍ୟକ୍ତିଙ୍କ ଦ୍ୱାରା ସେଇସବୁ କାର୍ଯ୍ୟ ସୁଷ୍ଠୁଭାବେ ସଂଶୋଧିତ ହୋଇ ପରିଚାଳିତ ହୁଏ, ତେବେ ସେଇ ସମସ୍ତ କାର୍ଯ୍ୟ 'ଯଜ୍ଞ'-ନାମରେ ଅଭିହିତ ହୁଏ। ଏଇପ୍ରକାରେ ବ୍ରହ୍ମଭାବ, ଚିଦ୍‌ଭାବ ବା ଭଗବଦ୍‌ଭାବ ଆବିର୍ଭୂତ ହେଲେ, ଜଡ଼ର ଜଡ଼ତ୍ୱ ନଷ୍ଟ ହୋଇଯାଏ ଏବଂ ସେତିକିବେଳେ ହିଁ "ସର୍ବଂ ଖଲ୍ୱିଦଂ ବ୍ରହ୍ମ"-ବିଚାରର ସାର୍ଥକତା ଘଟେ। ସେବାନୁକୂଳ ସମସ୍ତ ବିଷୟ ହିଁ 'ମାଧବ'—ବୈଷ୍ଣବମାନେ ଏଇ ବିଚାର ଗ୍ରହଣ କରିଥାଆନ୍ତି। ଲୌହ ଯେପରି ଅଗ୍ନି-ସଂଯୋଗରେ ଅଗ୍ନିମୟ ହୋଇ ଯାଏ ଏବଂ ସେତେବେଳେ ଲୌହର ଲୌହତ୍ୱ ସ୍ତବ୍ଧ ହୋଇ ଅଗ୍ନିର କାର୍ଯ୍ୟ କରେ, ସେଇପ୍ରକାରେ ବିଷ୍ଣୁ-ସମ୍ବନ୍ଧରେ ବା କୃଷ୍ଣ-ସମ୍ବନ୍ଧରେ ବା ଯଜ୍ଞାର୍ଥେ ଯାହା କିଛି ସମ୍ପନ୍ନ ହୁଏ, ସେ ସମସ୍ତ ହିଁ ବ୍ରହ୍ମତତ୍ତ୍ୱ ବା ଚିଦ୍-ତତ୍ତ୍ୱ ଜାଣିବାକୁ ହେବ। "ବ୍ରହ୍ମଣୋ ହି ପ୍ରତିଷ୍ଠାହମମୃତସ୍ୟାବ୍ୟୟସ୍ୟ ଚ। ଶାଶ୍ୱତସ୍ୟ ଚ ଧର୍ମସ୍ୟ ସୁଖସ୍ୟୈକାନ୍ତିକସ୍ୟ ଚ।।" (ଗୀ. ୧୪/୨୭) ଇତ୍ୟାଦି ବିଚାରରେ ବ୍ରହ୍ମ ଭଗବାନ୍ ଶ୍ରୀକୃଷ୍ଣଙ୍କ ଅଙ୍ଗଜ୍ୟୋତି-ସ୍ୱରୂପ। ବ୍ରହ୍ମତତ୍ତ୍ୱ ସେଇଥିରେ ହିଁ ପ୍ରତିଷ୍ଠିତ ହୋଇଥିବାରୁ ଯେଉଁଠାରେ କୃଷ୍ଣସେବା ବିଦ୍ୟମାନ, ସେଇଠାରେ "ସର୍ବଂ ଖଲ୍ୱିଦଂ ବ୍ରହ୍ମ"-ବିଚାରର ଉତ୍କର୍ଷ ସାଧିତ ହୁଏ। ଅର୍ପଣ, ହବିଃ, ଅଗ୍ନି, ହୋତା ଏବଂ ଫଳ ଏଇ ପାଞ୍ଚୋଟି ଯାଜ୍ଞିକ ତତ୍ତ୍ୱ କୃଷ୍ଣସମ୍ବନ୍ଧରେ ବ୍ରହ୍ମାଧିଷ୍ଠାନ ହେଲେ ତାହା ପ୍ରକୃତ 'ଯଜ୍ଞ' ନାମରେ ଅଭିହିତ ହୁଏ। ଯଜ୍ଞର ଅର୍ଥ ବିଷ୍ଣୁପ୍ରୀତି ହୋଇଥିବାରୁ ବିଷ୍ଣୁ-ପ୍ରୀତି ହିଁ ଶ୍ରେଷ୍ଠ ଯଜ୍ଞ ଅଟେ ଏବଂ ତାହା ହିଁ ଯଥାର୍ଥ ବ୍ରହ୍ମ-ସମାଧିରୂପେ ପରିଗଣିତ।

ସେଇପ୍ରକାରେ ଯେଉଁମାନେ ସବୁ କାର୍ଯ୍ୟକୁ 'ନିର୍ବନ୍ଧ-କୃଷ୍ଣ-ସମ୍ବନ୍ଧରେ' କରନ୍ତି, ସେମାନେ ବ୍ରହ୍ମ ସମାଧି ଲଭି ଅର୍ଥାତ୍ 'ଚିତ୍ତ-ଦର୍ପଣ-ମାର୍ଜନ' ଓ 'ଭବ-ମହାଦାବାଗ୍ନି-ନିର୍ବାପଣ' କରି ବିଶୁଦ୍ଧାତ୍ମା ହୁଅନ୍ତି। ସେମାନେ 'ଅବିଶୁଦ୍ଧ-ବୁଦ୍ଧି', 'ବିମୁକ୍ତମାନୀ' ମାୟାବାଦୀ ଅପେକ୍ଷା ଅନେକ ଉଚ୍ଚରେ ଅବସ୍ଥିତ। ସେମାନଙ୍କର ଆଉ ଅଧଃପତନର ସମ୍ଭାବନା ନାହିଁ। ସେମାନେ ବିଜିତାତ୍ମା ଏବଂ ଜିତେନ୍ଦ୍ରିୟ ଗୋସ୍ୱାମୀ ଅଟନ୍ତି। ସେଇମାନେ ହିଁ ପୃଥିବୀକୁ ଶାସନ କରିପାରନ୍ତି ଏବଂ ସେଇମାନେ ହିଁ ଜଗତର ପ୍ରକୃତ ମଙ୍ଗଳ କରିପାରନ୍ତି। ଈଶ-ତନ୍ତ୍ରରେ ଆବଦ୍ଧ ଜୀବମାନେ ଜଗତର କୌଣସି ଉପକାର କରି ନ ପାରନ୍ତି। ସେଇପ୍ରକାର କର୍ମ-ଯୋଗରେ ଆରୂଢ଼ ବ୍ୟକ୍ତିମାନେ ସର୍ବଦା ହିଁ ମୁକ୍ତ ଅବସ୍ଥାରେ ଥାଆନ୍ତି। ଯଥା—

**ଯୋଗଯୁକ୍ତୋ ବିଶୁଦ୍ଧାତ୍ମା ବିଜିତାତ୍ମା ଜିତେନ୍ଦ୍ରିୟଃ।**
**ସର୍ବଭୂତାତ୍ମଭୂତାତ୍ମା କୁର୍ବନ୍ନପି ନ ଲିପ୍ୟତେ।।**

(ଗୀ. ୫/୭)

ବିଶୁଦ୍ଧାତ୍ମା କର୍ମଯୋଗୀର ବିରୁଦ୍ଧାଚାରିମାନେ ଅର୍ଥାତ୍ ଯେଉଁମାନେ ଭଗବାନଙ୍କ ସହିତ ଯୋଗଯୁକ୍ତ ନୁହଁନ୍ତି ଏବଂ ସେଥିପାଇଁ ଚିତ୍ତର ବିଶୁଦ୍ଧତା ପାଇ ପାରି ନାହାଁନ୍ତି, ସେପରି ଅଜିତେନ୍ଦ୍ରିୟ ବ୍ୟକ୍ତିମାନେ ନିଜର ଇନ୍ଦ୍ରିୟ-ତୃପ୍ତିକର ଯଥେଚ୍ଛାଚାର ସାଧନପୂର୍ବକ "ସବୁକିଛି ଭଗବାନ୍ କରାଉଛନ୍ତି"—ଏପରି ଧୃଷ୍ଟତା ପ୍ରକାଶ କରନ୍ତି। ସେଇପ୍ରକାର ମାୟାବାଦଦୁଷ୍ଟ ଓ ନାସ୍ତିକ ଜୈନମାନେ ଛଳନାଦ୍ୱାରା ସବୁ ହିଁ ଭଗବାନଙ୍କ କାର୍ଯ୍ୟ ବୋଲି କହି ନିଜର ସ୍ୱେଚ୍ଛାଚାରକୁ ସମର୍ଥନ କରନ୍ତି। 'ସବୁକିଛି ଭଗବାନଙ୍କ

କାର୍ଯ୍ୟ' ଏଇ ମୋହର ଲଗାଇ ସେମାନେ ନିଜ ନିଜର ଦୁଷ୍କାର୍ଯ୍ୟଗୁଡ଼ିକୁ ସମର୍ଥନ ଦ୍ୱାରା ଜଗତର ପ୍ରଭୂତ ଅହିତସାଧନ କରନ୍ତି। ଯେଉଁମାନେ ବିଶୁଦ୍ଧାତ୍ମା, ସେମାନଙ୍କର ମନ, ପ୍ରାଣ ସର୍ବଦା ହିଁ କୃଷ୍ଣପାଦପଦ୍ମରେ ନିଯୁକ୍ତ ଥାଏ। "ସ ବୈ ମନଃ କୃଷ୍ଣପଦାରବିନ୍ଦୟୋଃ" ଇତ୍ୟାଦି ବିଚାରରେ ସେମାନେ ଉପରୋକ୍ତ ପ୍ରାକୃତ ଅପସମ୍ପ୍ରଦାୟକୁ ଦୂରରୁ ନମସ୍କାର କରନ୍ତି। ବିଶୁଦ୍ଧାତ୍ମା ବ୍ୟକ୍ତିମାନେ ଜାଣନ୍ତି ଯେ, ଜୀବ ଅଣୁଚୈତନ୍ୟ ହେଲେ ମଧ୍ୟ ତାହାର 'ଅଣୁ-ସ୍ୱାତନ୍ତ୍ର୍ୟ ସର୍ବଦା ବିଦ୍ୟମାନ। ଭଗବାନ୍ ସ୍ୱରାଟ୍, ପୂର୍ଣ୍ଣସ୍ୱତନ୍ତ୍ର ଏବଂ ପୂର୍ଣ୍ଣ ସ୍ୱେଚ୍ଛାଚାରୀ ହେଲେ ମଧ୍ୟ ଜୀବର ସହଜାତ 'ଅଣୁ-ସ୍ୱାତନ୍ତ୍ର୍ୟ'କୁ ନଷ୍ଟ କରିଦିଅନ୍ତି ନାହିଁ ବା ସେଥିରେ ହସ୍ତକ୍ଷେପ କରନ୍ତି ନାହିଁ। ଜୀବ ନିଜେ ହିଁ ସେଇ ଭଗବଦ୍ ପ୍ରଦତ୍ତ ଅଣୁ-ସ୍ୱାତନ୍ତ୍ର୍ୟ-ଧର୍ମର ଅପବ୍ୟବହାର କରି ଅବିଦ୍ୟାରୂପକ ମାୟାକୁ ଆଶ୍ରୟ କରିଥାଏ ଏବଂ ମାୟାର ଆଶ୍ରୟରେ ଜୀବର ସତ୍ତ୍ୱ, ରଜଃ, ତମଃ ପ୍ରଭୃତି ପ୍ରାକୃତ ସ୍ୱଭାବ ଓ ଜଡ଼ଗୁଣ ଉତ୍ପନ୍ନ ହୁଏ। ସେଇସବୁ ପ୍ରାକୃତ ଗୁଣସମୂହରୁ ଅତୀତ ନ ହେବା ପର୍ଯ୍ୟନ୍ତ ଜୀବ ପ୍ରକୃତିର ଗୁଣ-ବିତାଡ଼ିତ ହୋଇ ନୂତନ ସ୍ୱଭାବ ଲାଭ କରେ ଏବଂ ସେଇଭାବ ଅନୁଯାୟୀ କାର୍ଯ୍ୟ କରିଥାଏ। ତାହା ଯଦି ନ ହୁଅନ୍ତା ତା'ହେଲେ ଜଗତଗତ କାର୍ଯ୍ୟମାନଙ୍କରେ ଜଡ଼ ବୈଚିତ୍ର୍ୟ ଲକ୍ଷିତ ହୁଅନ୍ତା ନାହିଁ। ଏଇସବୁ ସୂକ୍ଷ୍ମାତିସୂକ୍ଷ୍ମ ପ୍ରକୃତିଗତ ନିୟମକୁ ବା ବିଚାରକୁ ନ ଜାଣି "ପରମେଶ୍ୱରଙ୍କ ଠାରୁ ସବୁ କର୍ମ ପ୍ରବର୍ତ୍ତିତ ହେଉଅଛି" ଅଥବା ଲୋକର କର୍ତ୍ତୃତ୍ୱ ଓ କର୍ମ-ଯୋଜନା ପରମେଶ୍ୱରଙ୍କ ଦ୍ୱାରା ହୁଏ"—ଏଇସବୁ ବିଚାର ଅବତାରଣା କଲେ ପରମେଶ୍ୱରଙ୍କ ବୈଷମ୍ୟତା ଏବଂ ନୈର୍ଘୃଣ୍ୟତା ସ୍ୱୀକାର କରିବାକୁ ହୁଏ। ପରମେଶ୍ୱରଙ୍କ ଇଚ୍ଛାରେ ଜଣେ ଗୋଟିଏ କାର୍ଯ୍ୟ କରି ଦୁଃଖ ପାଏ, ଆଉ ଜଣେ ସେଇ କାର୍ଯ୍ୟ କରି ବା ଅନ୍ୟ କାର୍ଯ୍ୟ କରି ସୁଖ-ପାଏ—ଏପରି ବୈଷମ୍ୟ ତାଙ୍କ ଠାରେ କଦାପି ହେଲେ ରହି ନ ପାରେ। ସେ ବରଂ ସମସ୍ତଙ୍କୁ ଜଡ଼-ବୈଷମ୍ୟଯୁକ୍ତ କର୍ମମାନଙ୍କୁ ତ୍ୟାଗ କରିବାକୁ ହିଁ ଉପଦେଶ ଦେଇଥାଆନ୍ତି। ଭଗବଦ୍-ବିସ୍ମୃତିଫଳେ ଜୀବର ଅନାଦି-ବହିର୍ମୁଖତା-ହେତୁ ଅବିଦ୍ୟାର ସ୍ୱଭାବଜାତ କର୍ମ ଉଦ୍ଭୂତ ହୋଇଥାଏ। ଭଗବଦ୍ ଗୀତା (୫/୧୪)ରେ କୁହାଯାଇଛି—

**ନ କର୍ତ୍ତୃତ୍ୱଂ ନ କର୍ମାଣି ଲୋକସ୍ୟ ସୃଜତି ପ୍ରଭୁଃ।**
**ନ କର୍ମଫଳ-ସଂଯୋଗଂ ସ୍ୱଭାବସ୍ତୁ ପ୍ରବର୍ତ୍ତତେ।।**

ଅତଏବ ଯଜ୍ଞାର୍ଥେ ହେଉଥିବା କର୍ମ ବ୍ୟତୀତ ଅନ୍ୟ ସମସ୍ତ କର୍ମ ଜୀବର ସ୍ୱ-ସ୍ୱଭାବଜ ସ୍ୱ-କପୋଳ-କଳ୍ପିତ ସ୍ୱେଚ୍ଛାଚାର। ସେଭଳି ସ୍ୱେଚ୍ଛାଚାରଯୁକ୍ତ କର୍ମରେ ଭଗବାନଙ୍କର କର୍ତ୍ତୃତ୍ୱ ବା କର୍ମଫଳ-ସଂଯୋଗ କିଛି ନାହିଁ। ସେହି ସବୁ କର୍ମ ପ୍ରକୃତିର ଗୁଣଜାତ, ଅତଏବ ତାହା ପ୍ରକୃତିର ହିଁ ଅନୁଗତ। ଭଗବାନ୍ ସେଇସବୁ କର୍ମର ନିରପେକ୍ଷ ଦ୍ରଷ୍ଟା ମାତ୍ର।

କର୍ମଯୋଗୀର ସମସ୍ତ କର୍ମ ବ୍ରହ୍ମସମାଧିଯୁକ୍ତ ବୋଲି କର୍ମଯୋଗୀ ସର୍ବଦା ଗୁଣାତୀତ ଅବସ୍ଥାରେ ପ୍ରତିଷ୍ଠିତ। ଗୁଣାତୀତ ଅବସ୍ଥାରେ ଜଗତଦର୍ଶନ ହୁଏ ନା, ବରଂ ଭଗବଦ୍‌ଦର୍ଶନ ଅର୍ଥାତ୍ ଜଗନ୍ନାଥ ସମ୍ବନ୍ଧରେ ହିଁ ଦର୍ଶନ ହୋଇଥାଏ। ସେଇ ଜଗନ୍ନାଥ ସମ୍ବନ୍ଧୀୟ ଦର୍ଶନରେ ସତ୍ତ୍ୱ-ରଜସ୍ତମଃ ପ୍ରଭୃତି ଗୁଣସମଷ୍ଟି କୌଣସିପ୍ରକାର ବ୍ୟାଘାତ ଘଟାଏ ନାହିଁ। କର୍ମଯୋଗୀର କୃଷ୍ଣସମ୍ବନ୍ଧରେ ଦର୍ଶନ ହିଁ ଗୁଣାତୀତ ସାମ୍ୟ-ଦର୍ଶନ। ଯଥା—

**ବିଦ୍ୟା-ବିନୟସମ୍ପନ୍ନେ ବ୍ରାହ୍ମଣେ ଗବି ହସ୍ତିନି।**
**ଶୁନି ଚୈବ ଶ୍ୱପାକେ ଚ ପଣ୍ଡିତାଃ ସମଦର୍ଶିନଃ।।**

(ଗୀ. ୫/୧୮)

ବିଦ୍ୟାବିନୟସମ୍ପନ୍ନ ବ୍ରାହ୍ମଣ-ଶରୀର ସତ୍ତ୍ୱଗୁଣ-ପ୍ରଧାନ। ପଶୁମାନଙ୍କ ମଧ୍ୟରେ ଗୋ-ଶରୀର ମଧ୍ୟ ସତ୍ତ୍ୱଗୁଣ-ପ୍ରଧାନ; ହସ୍ତି, ସିଂହ ପ୍ରଭୃତି ଶରୀର—ରଜୋଗୁଣ ପ୍ରଧାନ; ପୁଣି କୁକୁର ଆଦି ଏବଂ ମନୁଷ୍ୟମାନଙ୍କ ମଧ୍ୟରେ ଚଣ୍ଡାଳ ଆଦି ଶରୀର—ତମୋଗୁଣ ପ୍ରଧାନ। ଭଗବଦ୍‌ଭାବରେ ବିଭାବିତ କର୍ମଯୋଗୀମାନେ ଏଇସବୁ

ଗୁଣଗତ-ଶରୀର ପ୍ରତି ଦୃଷ୍ଟିପାତ ନ କରି ଶୁଦ୍ଧ-ଶରୀରିକୁ ହିଁ ଦର୍ଶନ କରନ୍ତି। ତାହା ହିଁ କୃଷ୍ଣ-ସମ୍ବନ୍ଧୀ ସମଦର୍ଶନ। ସେମାନେ ଦେଖନ୍ତି, ଜଗତର ସମସ୍ତ ବସ୍ତୁ ଭଗବଦ୍-ସେବାର ଉପକରଣ ଏବଂ ଜୀବମାତ୍ରେ ହିଁ କୃଷ୍ଣଦାସ। ସେଇ କୃଷ୍ଣଦାସତ୍ୱକୁ ଜଡ଼ଶରୀର ଆବରଣରେ ବ୍ୟାଘାତ ନ କରି ସମସ୍ତ ଦ୍ରବ୍ୟସମ୍ଭାରକୁ, ସମସ୍ତ ଜୀବସମୂହକୁ ଯଜ୍ଞାର୍ଥେ ବା ବିଷ୍ଣୁ-ପ୍ରୀତ୍ୟର୍ଥେ ନିୟୋଜିତ କରିବା ହିଁ—ସର୍ମଦର୍ଶନର ଉଜ୍ଜ୍ୱଳ ଦୃଷ୍ଟାନ୍ତ।

କର୍ମଯୋଗୀ ଜାଣନ୍ତି ଯେ, ଭଗବାନ୍ ଶ୍ରୀକୃଷ୍ଣ ହିଁ ସମସ୍ତ ଦ୍ରବ୍ୟ-ସମ୍ଭାରର ଏକମାତ୍ର ଭୋକ୍ତା ଏବଂ ସମସ୍ତ ଜୀବସମୂହର ଏକମାତ୍ର ପ୍ରଭୁ। ଜୀବସମୂହ ଏଇ କୃଷ୍ଣସମ୍ବନ୍ଧ ବିସ୍ମୃତ ହୋଇ ମାୟାର ପ୍ରଭାବରେ ନିଜେ ବୃଥା ଭୋଗୀ ବା ତ୍ୟାଗୀ ସାଜିବାର ଅଭିନୟ କରନ୍ତି, ଭିତ୍ତିହୀନ ଭ୍ରମ ମାତ୍ର ହିଁ ତାହାର ହେତୁ ଅଟେ। ଏଇପ୍ରକାର ଭୋଗର ବା ତ୍ୟାଗର ଅଭିନୟ କରିବା ହେଉଛି ଭବରୋଗ। ସମସ୍ତ ପ୍ରକାର ଶୁଭକର୍ମ, ଜ୍ଞାନ, ଯୋଗ, ତପସ୍ୟା, ବୈରାଗ୍ୟ ପ୍ରଭୃତି ଯାହା କିଛି ଜଗତରେ ଅନୁଷ୍ଠିତ ହୁଏ, ତାହା ଯଦି ଭଗବାନଙ୍କ (ନାମ, ରୂପ, ଗୁଣ ଓ ଲୀଳା) କଥାରେ ରତି ଉତ୍ପାଦନ ନ କରେ, ତେବେ ତାହା କେବଳ ପଶୁ-ଶ୍ରମରେ ହିଁ ପର୍ଯ୍ୟବସିତ ହୁଏ। ଭଗବଦ୍‌ଗୀତାରେ ଭଗବାନ୍ ଶ୍ରୀକୃଷ୍ଣ ତାହା କହିଛନ୍ତି ଯେ,—

**ଭୋକ୍ତାରଂ ଯଜ୍ଞ-ତପସାଂ ସର୍ବଲୋକ-ମହେଶ୍ୱରମ୍।**
**ସୁହୃଦଂ ସର୍ବଭୂତାନାଂ ଜ୍ଞାତ୍ୱା ମାଂ ଶାନ୍ତିମୃଚ୍ଛତି।।**

(ଗୀ. ୫/୨୯)

ଯଜ୍ଞାର୍ଥେ କର୍ମ କରିବାର ଉପଦେଶ ପୂର୍ବରୁ ଦିଆଯାଇଛି ଏବଂ ସେଇସବୁ ଯଜ୍ଞ-ତପସ୍ୟାର ଭୋକ୍ତା ହେଉଛନ୍ତି ମୂଳପୁରୁଷ ଶ୍ରୀକୃଷ୍ଣ, ତାହା ଏବେ ସୁସ୍ପଷ୍ଟ ହେଲା। କର୍ମୀମାନଙ୍କ କୃତ ଯଜ୍ଞସମୂହର ଏବଂ ଜ୍ଞାନୀମାନଙ୍କ କୃତ ତପସ୍ୟାସମୂହର 'ଭୋକ୍ତା' ବା ପାଳୟିତ୍ୱା ଭଗବାନ୍ ଶ୍ରୀକୃଷ୍ଣ ହିଁ ଜାଣିବାକୁ ହେବ। ଯୋଗିମାନଙ୍କର ଉପାସ୍ୟ ଅନ୍ତର୍ଯ୍ୟାମୀ ପରମାତ୍ମା ମଧ୍ୟ ଶ୍ରୀକୃଷ୍ଣଙ୍କର ଅଂଶ ବା କଳା। ଏହି ସମସ୍ତ ବିଷୟ ଆମ୍ଭେ ପରେ ବିଷଦଭାବେ ଆଲୋଚନା କରିବାର ଚେଷ୍ଟା କରିବୁଁ। ଶ୍ରୀକୃଷ୍ଣ ହିଁ କର୍ମୀ, ଜ୍ଞାନୀ, ଯୋଗୀ ଏବଂ ଭକ୍ତ ସର୍ବଭୂତମାନଙ୍କର ଏକମାତ୍ର ସୁହୃଦ୍। ସେ ସମସ୍ତଙ୍କର ସୁହୃଦ୍ ବୋଲି ତାହାଙ୍କ ନିଜ ବ୍ୟକ୍ତିଙ୍କ ଦ୍ୱାରା ଭଗବଦ୍-ଭକ୍ତିକୁ ଦେଶ-କାଳ-ପାତ୍ର ଆଦିର ଉପଯୋଗୀ କରି, ଯୁଗ ଯୁଗରେ ଧର୍ମ-ସଂସ୍ଥାପନ କରନ୍ତି। ସେ ହିଁ ସର୍ବଲୋକ-ମହେଶ୍ୱର, ଆଦି-ପୁରୁଷ, ସର୍ବକାରଣର କାରଣ ଶ୍ରୀଗୋବିନ୍ଦ। ସେଇ ଶ୍ରୀଗୋବିନ୍ଦଙ୍କୁ ହିଁ ବିଶୁଦ୍ଧ କର୍ମଯୋଗଦ୍ୱାରା କ୍ରମପନ୍ଥାରେ ଜାଣିପାରିଲେ ଜୀବମାନେ ପରମ ଶାନ୍ତି ଲାଭ କରିବେ।

।।କ୍ରମଶଃ।।

(ଶ୍ରୀଗୌଡ଼ୀୟ ପତ୍ରିକା, ୨ୟ ବର୍ଷ, ୬ଷ୍ଠ ସଂଖ୍ୟାରୁ ଅନୁଦିତ)



**ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ। ହରେ ରାମ ହରେ ରାମ ରାମ ରାମ ହରେ ହରେ ।।**



# ଶ୍ରୀନାମ ହିଁ କଳିଭୟ ନାଶନ

ଶ୍ରୀ ଶ୍ରୀମଦ୍ ଭକ୍ତିପ୍ରମୋଦ ପୁରୀ ଗୋସ୍ୱାମୀ ମହାରାଜ

ଶ୍ରୀମଭଗବଦ୍‌ଗୀତାରେ ଶ୍ରୀସଞ୍ଜୟଙ୍କ ଉକ୍ତିର ସର୍ବଶେଷ ଶ୍ଳୋକ (ଗୀ. ୧୮/୭୮)ରେ କୁହାଯାଇଛି—"ଯେଉଁଠାରେ ଯୋଗେଶ୍ୱର କୃଷ୍ଣ ଏବଂ ଯେଉଁଠାରେ ସେଇ କୃଷ୍ଣଙ୍କ ଆନୁଗତ୍ୟରେ ଗାଣ୍ଡୀବଧାରୀ ପାର୍ଥଙ୍କ ଗାଣ୍ଡୀବଧାରଣ, ସେଇଠାରେ ହିଁ ଶ୍ରୀ (ରାଜଲକ୍ଷ୍ମୀ), ବିଜୟ (ଶତ୍ରୁପରିଭବହେତୁକ ପରମ ଉତ୍କର୍ଷ), ଭୂତି (ସମୃଦ୍ଧି, ରାଜଲକ୍ଷ୍ମୀର ଉତ୍ତରୋତ୍ତର ବିବୃଦ୍ଧି) ଓ ନୀତି ଅର୍ଥାତ୍ ନ୍ୟାୟପ୍ରବୃତ୍ତି ଧ୍ରୁବା ଅର୍ଥାତ୍ ସ୍ଥିରା, ତାହା ହିଁ ମୋର ନିଶ୍ଚିତବାକ୍ୟ।"

ରାଜନୀତି ଯେତେ ହିଁ 'କୂଟ' ଅର୍ଥାତ୍ ଦୁର୍ବୋଧ, ଜଟିଳ ବା ଗୂଢ଼ାର୍ଥବୋଧକ ହେଉ, ସେଥିରେ ଭଗବଦ୍ ଆନୁଗତ୍ୟ ନ ଥିଲେ ତାହା କେଉଁହେଲେ ଉକ୍ତ ଶ୍ରୀ, ବିଜୟ, ଭୂତି ଓ ନୀତି ସମୃଦ୍ଧା ହୋଇ ନ ପାରେ। ଶ୍ରୀଭଗବାନ୍ ଗୀତାର (୪/୭-୮) ଶ୍ଳୋକରେ କହିଛନ୍ତି—"ଯେବେ ଯେବେ ଧର୍ମର ଗ୍ଳାନି ଓ ଅଧର୍ମର ଅଭ୍ୟୁତ୍ଥାନ ହୁଏ, ସେତେବେଳେ ମୁଁ ସ୍ୱେଚ୍ଛାରେ ଅବତୀର୍ଣ୍ଣ ହୋଇ ଦୁଷ୍ଟଙ୍କୁ ଦଳନ, ଶିଷ୍ଟଙ୍କୁ ପାଳନ ଓ ସଦ୍ଧର୍ମର ସଂସ୍ଥାପନା କରେ।" [କଳିଯୁଗରେ ଲୀଳାବତାର ନାହିଁ ବୋଲି ତାହାଙ୍କୁ 'ତ୍ରିଯୁଗ' କୁହାଯାଇଥାଏ (ଭା. ୭/୯/୩୮)। ପ୍ରତିଯୁଗରେ ଯୁଗାବତାର ଅଛନ୍ତି ସତ, କିନ୍ତୁ ଏଇ ବିଶେଷ କଳିରେ ରାଗମାର୍ଗଭୂତ ବ୍ରଜ-ପ୍ରେମରସନିର୍ଯ୍ୟାସକୁ ନିଜେ ଆସ୍ୱାଦି ସେଇ ଅନର୍ପିତଚର ଉନ୍ନତ ଉଜ୍ଜ୍ୱଳ ସ୍ୱଭକ୍ତିସମ୍ପଦକୁ ଆପାମରଙ୍କୁ ବିତରଣରୂପକ ମହା-ବଦାନ୍ୟଲୀଳା ପ୍ରକଟନ ଉଦ୍ଦେଶ୍ୟରେ ସ୍ୱୟଂରୂପ ଅବତାରୀ ଭଗବାନ୍ ଶ୍ରୀବ୍ରଜେନ୍ଦ୍ରନନ୍ଦନ ଶ୍ରୀରାଧାଭାବକାନ୍ତିସୁବଳିତ ଗୌରସୁନ୍ଦରରୂପେ ଆବିର୍ଭୂତ ହୋଇଥିବାରୁ ଭୂଭାରହରଣକାରୀ ଯୁଗାବତାର ଆଦି ତାହାଙ୍କ ଠାରେ ହିଁ ପ୍ରବିଷ୍ଟ ହୋଇଛନ୍ତି। ନାମକୀର୍ତ୍ତନରୂପକ ଯୁଗଧର୍ମ ପ୍ରବର୍ତ୍ତନ ତାହାଙ୍କ (ଅବତାରୀ ସ୍ୱୟଂ ଭଗବାନଙ୍କ) ନିଜକାର୍ଯ୍ୟ ନ ହୋଇଥିଲେ ମଧ୍ୟ ପୂର୍ଣ୍ଣ-ଭଗବାନ୍ ଯେତେବେଳେ କୌଣସି ଗୂଢ଼ କାରଣବଶତଃ ସ୍ୱୟଂ ଅବତୀର୍ଣ୍ଣ ହେବାକୁ ଇଚ୍ଛା କଲେ, ଘଟଣାକ୍ରମେ ସେଇ ସମୟରେ ଯୁଗଧର୍ମ-ସଂସ୍ଥାପନାକାଳ ମଧ୍ୟ ଆସି ଉପସ୍ଥିତ ହେଲା। ଅତଏବ ଶ୍ରୀମନ୍ ମହାପ୍ରଭୁ ତାହାଙ୍କ ଗୂଢ଼ ଅନ୍ତରଙ୍ଗ ପ୍ରୟୋଜନ ଏବଂ ଯୁଗଧର୍ମ ପ୍ରଚାରରୂପକ ବାହ୍ୟ ପ୍ରୟୋଜନ—ଏଇ ଦୁଇ ମିଳିତ ହେତୁକ୍ରମେ ନଦୀୟା ନବଦ୍ୱୀପରେ ଅବତୀର୍ଣ୍ଣ ହୋଇ ବ୍ରଜପ୍ରେମ ଆସ୍ୱାଦନ ଓ ଭକ୍ତମାନଙ୍କ ସହ ନାମସଙ୍କୀର୍ତ୍ତନ ପ୍ରବର୍ତ୍ତନ କରିଅଛନ୍ତି। ବିଧିଭକ୍ତି ପ୍ରଚାରାର୍ଥ ଶ୍ରୀଭଗବାନ୍ ବିଷ୍ଣୁରୂପେ ଅବତୀର୍ଣ୍ଣ ହୁଅନ୍ତି, କିନ୍ତୁ 'ବିଧି ଭକ୍ତ୍ୟେ ବ୍ରଜଭାବ ପାଇତେ ନାହିଁ ଶକ୍ତି'- ଅର୍ଥାତ୍ ବିଧିଭକ୍ତିଦ୍ୱାରା ବ୍ରଜଭାବ ପାଇବାର ଶକ୍ତି ନାହିଁ। ତେଣୁ ରାଗଭକ୍ତିର ପ୍ରଚାର ଉଦ୍ଦେଶ୍ୟରେ କୃଷ୍ଣ ଗୌରରୂପେ ଅବତୀର୍ଣ୍ଣ ହୁଅନ୍ତି। (ଶ୍ରୀଚୈ. ଚ. ଆଦି. ୪ର୍ଥ ପରିଚ୍ଛେଦ ଦ୍ରଷ୍ଟବ୍ୟ)।]

ରାଜଶକ୍ତି ଶ୍ରୀଭଗବାନଙ୍କ ଅଂଶବୈଭବ ହୋଇଥିବା ହେତୁ ରାଜାଙ୍କୁ ମଧ୍ୟ ରାଜରାଜେଶ୍ୱର ଶ୍ରୀଭଗବାନଙ୍କ ଆନୁଗତ୍ୟରେ ଉକ୍ତ ଦୁଷ୍ଟଙ୍କୁ ଦଳନ, ଶିଷ୍ଟଙ୍କୁ ପାଳନ ଓ ସଦ୍ଧର୍ମ-ମର୍ଯ୍ୟାଦା ସଂରକ୍ଷଣ—ଏଇ ତିନୋଟି କାର୍ଯ୍ୟ ଅବଶ୍ୟ

ପାଳନୀୟ। ଧର୍ମ-ପ୍ରବର୍ତ୍ତନ ଶ୍ରୀଭଗବାନଙ୍କ କାର୍ଯ୍ୟ, ରାଜା ଶ୍ରୀଭଗବଦ୍ ପ୍ରବର୍ତ୍ତିତ ସେଇ ଧର୍ମରେ ନିଜେ ପ୍ରତିଷ୍ଠିତ ହୋଇ ପ୍ରଜାବର୍ଗଙ୍କୁ ତଦନୁବର୍ତ୍ତୀ କରାଇବା ହିଁ ତାହାଙ୍କ ପ୍ରଜାପାଳନରୂପକ ଭଗବଦ୍-କୈଙ୍କର୍ଯ୍ୟ। ସେଇ କୈଙ୍କର୍ଯ୍ୟ ନ ଥିଲେ ରାଜା ବିପଥଗାମୀ ହୋଇ ପ୍ରଜାମାନଙ୍କୁ ବିପଥରେ ଚାଳିତ କରିବେ। **"ମନ୍ମନା ଭବ ମଦ୍ଭକ୍ତୋ ମଦ୍ୟାଜୀ ମାଂ ନମସ୍କୁରୁ"** ଓ **"ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ"**—ଏହା ହିଁ ଶ୍ରୀଭଗବାନଙ୍କ ସର୍ବଗୁହ୍ୟତମ ଚରମ ଉପଦେଶ ଏବଂ ତାହା ହିଁ ତତ୍-କର୍ତ୍ତୃକ ସଂସ୍ଥାପିତ ପରମ ଧର୍ମ। ରାମାୟଣ-ମହାଭାରତ ଆଦି ଶାସ୍ତ୍ରରେ ଦେଖାଯାଏ, ପୂର୍ବେ ମନ୍ତ୍ରିମାନଙ୍କ କାର୍ଯ୍ୟ ଥିଲା ଯେ, ଧର୍ମମର୍ଯ୍ୟାଦା କିଭଳି ଭାବେ ଅକ୍ଷୁଣ୍ଣ ରହିବ, ସେ ବିଷୟରେ ରାଜାଙ୍କୁ ପରାମର୍ଶ ଦେବା। ଯେହେତୁ ସେମାନେ ଜାଣିଥିଲେ—ଧର୍ମହୀନ ମାନବ ପଶୁ ଭଳି ହିତାହିତ ବିବେକରହିତ ହୋଇଯାଏ, ପାପ-ପୁଣ୍ୟର ଭୟରୁ ରହିତ ହୋଇ ଅତି ବିଗର୍ହିତ ନରହତ୍ୟା ଆଦି ପାପକାର୍ଯ୍ୟରେ ନିଃଶଙ୍କୋଚ ଲିପ୍ତ ହୋଇ ପଡ଼େ।

ମୃତ୍ୟୁର ହାତରେ କ୍ରୀଡ଼ନକସ୍ୱରୂପ ବିଜିଗୀଷୁ ମାନବମାନଙ୍କର ସସାଗରା ଧରିତ୍ରୀକୁ ଜୟ କରିବାର ଦୁରାକାଙ୍କ୍ଷା ଦେଖି ପୃଥିବୀ ଆଉ ହାସ୍ୟ ସମ୍ବରଣ କରି ପାରନ୍ତି ନାହିଁ। କେତେ କେତେ ରାଜା ମହାରାଜା ସଦର୍ପେ ପୃଥିବୀ ଉପରେ କେତେ ଯେ ଆଧିପତ୍ୟ ସ୍ଥାପିବାର ଧୃଷ୍ଟତା କରି କେତୋଟି ଦିନ ପରେ କେଉଁଆଡ଼େ ବିଦାୟ ଗ୍ରହଣ କରିଅଛନ୍ତି। ଅତି ତୁଚ୍ଛ କ୍ଷଣସ୍ଥାୟୀ ରାଜ୍ୟ, କୋଷ, ସୈନ୍ୟଦଳ, ଐହିକ ଲାଭ-ପୂଜା-ପ୍ରତିଷ୍ଠା ଆଦି ସଂଗ୍ରହ ଏବଂ ତାହାର ସଂବର୍ଦ୍ଧନ ପାଇଁ ମନୁଷ୍ୟ କେତେ ଯେ ପ୍ରାଣପଣେ ଚେଷ୍ଟା କରିଥାଏ, ସେଥିପାଇଁ ପିତା-ପୁତ୍ର, ଭାଇ, ବନ୍ଧୁ-ବାନ୍ଧବମାନଙ୍କ ସହିତ ବିବାଦରେ ରତ ହୋଇ ସ୍ୱୀୟ ତୁଚ୍ଛ ଅପସ୍ୱାର୍ଥ ସିଦ୍ଧି ପାଇଁ ସେମାନଙ୍କର ବହୁମୂଲ୍ୟ ପ୍ରାଣ ପର୍ଯ୍ୟନ୍ତ ବିନାଶ କରିବାକୁ କିଞ୍ଚିତ୍ ମାତ୍ର ପଶ୍ଚାତ୍ପଦ ହୁଏ ନାହିଁ; କିନ୍ତୁ ହାୟ, ଅତି କଷ୍ଟରେ ବହୁ ଲୋକଙ୍କ ପ୍ରାଣ ବିନିମୟରେ ଯଦି ବା ସେଇ କାଙ୍କ୍ଷଣୀୟ ସମ୍ପଦ ଲାଭ ହୁଏ, ତେବେ ସେ ତାହାକୁ କେତେକ୍ଷଣ ପାଇଁ ବା ଭୋଗ କରିପାରିବ! ଏହା କ'ଣ ମନୁଷ୍ୟର କିଞ୍ଚିତ୍ ମାତ୍ର ବିଚାର୍ଯ୍ୟ ବିଷୟ ନୁହେଁ?

ଶ୍ରୀମଦ୍ଭାଗବତରେ ଯୁଗଧର୍ମକଥନ ପ୍ରସଙ୍ଗରେ କୁହାଯାଇଛି—ସତ୍ୟଯୁଗରେ ଧର୍ମ ତପଃ-ଶୌଚ-ଦୟା-ସତ୍ୟ ଏଇ ଚତୁଷ୍ପାଦଯୁକ୍ତ ଥିଲା। (ପ୍ରଥମସ୍କନ୍ଧ ୧୭/୨୪ ଶ୍ଳୋକରେ ଧର୍ମକୁ ତପଃ, ଶୌଚ, ଦୟା, ସତ୍ୟ ଓ ଦ୍ୱାଦଶସ୍କନ୍ଧ ୩/୧୮ ଶ୍ଳୋକରେ ସତ୍ୟ, ଦୟା, ତପୋ, ଦାନ—ଏଇ ଚତୁଷ୍ପାଦଯୁକ୍ତ କୁହାଯାଇଛି। 'ଦାନ' ଶୌଚାର୍ଥେ ବ୍ୟବହୃତ ହୁଏ ବୋଲି ଉଭୟର ଏକା ଅର୍ଥ।) ଦ୍ୱାଦଶସ୍କନ୍ଧରେ କୁହାଯାଇଛି ତ୍ରେତାରେ ଅଧର୍ମାଂଶ ଦ୍ୱାରା କ୍ରମଶଃ ଧର୍ମର ସେଇ ପାଦଚତୁଷ୍ଟୟର ଚତୁର୍ଥାଂଶ କ୍ଷୀଣ ହୋଇ ପଡ଼ିଲା। ଦ୍ୱାପରରେ ତାହାର ଅର୍ଦ୍ଧାଂଶ କ୍ଷୟ ପ୍ରାପ୍ତ ହେଲା। କଳିରେ ସେଇ ଧର୍ମପାଦସମୂହର ଚତୁର୍ଥାଂଶ ଅବଶିଷ୍ଟ ଅଛି, ତାହା ମଧ୍ୟ କ୍ରମବର୍ଦ୍ଧମାନ ଅଧର୍ମ-ଆଚରଣହେତୁ କ୍ଷୀୟମାଣ ହୋଇ ହୋଇ କଳିର ଶେଷଭାଗରେ ଏକେବାରେ ହିଁ ବିଲୁପ୍ତ ହେବ। ପ୍ରଥମସ୍କନ୍ଧ ୧୭ଶ ଅଧ୍ୟାୟରେ ପ୍ରଦର୍ଶିତ ହୋଇଛି ଯେ, ବୃଷରୂପୀ ଧର୍ମର ତପଃ, ଶୌଚ, ଦୟା ଓ ସତ୍ୟ ଏଇ ପାଦଚତୁଷ୍ଟୟ ମଧ୍ୟରୁ ତପଃ, ଶୌଚ ଓ ଦୟା ନାମକ ଏଇ ତିନୋଟି ପାଦ କ୍ରମଶଃ ଅଧର୍ମାଂଶ ଦ୍ୱାରା ଭଗ୍ନ ହୋଇ କଳିରେ ଧର୍ମ 'ସତ୍ୟ' ନାମକ ଏକ ପଦରେ ଦଣ୍ଡାୟମାନ (ଅର୍ଥାତ୍ ସତ୍ୟରେ ତପଃ, ଶୌଚ, ଦୟା, ସତ୍ୟ; ତ୍ରେତାରେ ଶୌଚ, ଦୟା ଓ ସତ୍ୟ; ଦ୍ୱପରରେ ଦୟା ଓ ସତ୍ୟ; କଳିରେ ଏକମାତ୍ର ସତ୍ୟ ବିରାଜମାନ), ତାହାକୁ ମଧ୍ୟ କଳି ଭାଙ୍ଗିଦେବାକୁ ଚେଷ୍ଟା କରୁଅଛି। "ଅଧର୍ମ ମିଥ୍ୟା ପ୍ରବଳ ହେବାରୁ କଳି ସତ୍ୟର ମର୍ଯ୍ୟାଦା ନଷ୍ଟ କରି ଧର୍ମର ଶେଷ ପଦଟିକୁ ମଧ୍ୟ ଆକ୍ରମଣ କରିବାକୁ ଇଚ୍ଛା କରୁଅଛି। ନାନାପ୍ରକାର ମିଥ୍ୟା ସତ୍ୟର ସ୍ଥାନ ଅଧିକାର କରି ଅସତ୍ୟକୁ ସତ୍ୟ ବୋଲି ଜଣାଉଅଛି!" (ଶ୍ରୀଳ ପ୍ରଭୁପାଦ)। ଶ୍ରୀଳ ଚକ୍ରବର୍ତ୍ତୀପାଦ ଲେଖିଛନ୍ତି—**"ସ୍ମୟେନ ତପଃ, ସଙ୍ଗେନ ଶୌଚଂ, ମଦେନ ଦୟା, ଅନୃତେନ ସତ୍ୟଂ, ଇତ୍ୟେବଂ ଚତୁର୍ଥାଂଶୋ ହୀୟତେ; ସୋଽପି ଅନ୍ତେ ନଙ୍କ୍ଷ୍ୟତୀତି।"** (ଭା. ୧/୧୭/୨୫ ଟୀକା) ଅର୍ଥାତ୍ ଦ୍ୱାଦଶସ୍କନ୍ଧ ମତରେ

ସତ୍ୟଯୁଗର ସମ୍ପୂର୍ଣ୍ଣ ଚତୁଷ୍ପାଦ ଧର୍ମ ଯେଉଁ ଅଧର୍ମ ପ୍ରଭାବରେ ଚତୁର୍ଥାଂଶ କରି କ୍ରମଶଃ କ୍ଷୟ ହେଉଅଛି ବୋଲି କୁହାଯାଇଛି, ତାହା ଏହିପରି—ସ୍ମୟ ଅର୍ଥାତ୍ ଗର୍ବ, ତାହାର ଉଦୟରୁ 'ତପସ୍ୟା' କମି ଯାଉଛି; ସଙ୍ଗଦୋଷରୁ 'ଶୌଚ'; ଆଭିଜାତ୍ୟ ଅର୍ଥାତ୍ ଉଚ୍ଚକୁଳରେ ଜନ୍ମ, ବିତ୍ତ, ବିଦ୍ୟା ଏବଂ ରୂପ ଆଦି ଜନିତ ମଦ (ଭା. ୧/୮/୨୬) ଅର୍ଥାତ୍ ଅହଙ୍କାର-ଉନ୍ମତ୍ତତା ହେତୁ 'ଦୟା' ଏବଂ ମିଥ୍ୟାଶ୍ରୟ ହେତୁ 'ସତ୍ୟ-ନିଷ୍ଠା' ଲୁପ୍ତ ହୋଇ ଯାଉଛି।

ଶ୍ରୀମଦ୍ଭାଗବତରେ କୁହାଯାଇଛି—କଳିର ପ୍ରାବଲ୍ୟରୁ ମନୁଷ୍ୟ ଲୁବ୍ଧ, ଦୁରାଚାର, ଶୁଷ୍କକଳହପରାୟଣ, ଦୁର୍ଭାଗ୍ୟଯୁକ୍ତ, ଅତ୍ୟନ୍ତ ବିଷୟତୃଷ୍ଣାତୁର ଓ ଶୂଦ୍ର-କୈବର୍ତ୍ତ-ପ୍ରାଧାନ୍ୟଯୁକ୍ତ ହେବେ; ତମୋଗୁଣ ପ୍ରଧାନ ହୋଇ ପ୍ରବଞ୍ଚନା, ମିଥ୍ୟା, ତନ୍ଦ୍ରା, ନିଦ୍ରା, ହିଂସା, ବିଷାଦ, ଶୋକ, ମୋହ, ଭୟ, ଦୈନ୍ୟ ପ୍ରଭୃତି ଦ୍ୱାରା ଆକ୍ରାନ୍ତ ହେବେ; ମନ୍ଦମତି, ମନ୍ଦଭାଗ୍ୟ, ଭୂରିଭୋଜୀ, କାମୁକ, ଦରିଦ୍ର ହେବେ; ସ୍ତ୍ରୀମାନେ ସ୍ୱେଚ୍ଛାଚାରିଣୀ ଓ ଅସତୀ ହେବେ; ଜନପଦସମୂହ ଦସ୍ୟୁବହୁଳ ହେବ; ବେଦରାଶି ପାଷଣ୍ଡଦୂଷିତ ହେବେ ଅର୍ଥାତ୍ ନାସ୍ତିକ ଆଦି ପାଷଣ୍ଡମାନେ ବେଦର ଅର୍ଥ-ବୈପରୀତ୍ୟ ଘଟାଇବେ; ରାଜାମାନେ ପ୍ରଜାଭକ୍ଷକ ହେବେ ଏବଂ ବିପ୍ରମାନେ ଶିଶ୍ନୋଦର-ପରାୟଣ ହେବେ; ବ୍ରହ୍ମଚାରିମାନେ ବିହିତ-ଆଚାରଶୂନ୍ୟ ଓ ଶୌଚଶୂନ୍ୟ ହେବେ; ଗୃହସ୍ଥମାନେ ଭିକ୍ଷା ଦେବା ପରିବର୍ତ୍ତେ ନିଜେ ହିଁ ଭିକ୍ଷାଟନପରାୟଣ ହେବେ; ବାନପ୍ରସ୍ଥ ଧର୍ମିମାନେ ବନବାସ ଛାଡ଼ି ଗ୍ରାମବାସୀ ହେବେ ଏବଂ ସନ୍ନ୍ୟାସିମାନେ ଅତୀବ ଅର୍ଥଲୋଲୁପ ହେବେ; ସ୍ତ୍ରୀ-ଜାତି କ୍ଷୁଦ୍ରକାୟା, ପ୍ରଭୁତଭୋଜନଶୀଳା, ବହୁ ସନ୍ତାନଯୁକ୍ତା, ନିର୍ଲଜ୍ଜା, ନିରନ୍ତର କଟୁଭାଷିଣୀ, ଚୌର୍ଯ୍ୟ, କପଟତା ଓ ବହୁ ସାହସଯୁକ୍ତା ହେବେ; କ୍ଷୁଦ୍ର ଅର୍ଥାତ୍ ମନ୍ଦବୁଦ୍ଧି ବା ଅଳ୍ପଧନ ବଣିକମାନେ ଅଧର୍ମପରାୟଣ ଓ କପଟଭାବଯୁକ୍ତ ହୋଇ କ୍ରୟ-ବିକ୍ରୟ ଆଦି କରିବେ; ମାନବମାନେ ଆପାତ୍କାଳ ବ୍ୟତୀତ ଅନ୍ୟ ସମୟରେ ମଧ୍ୟ ନିନ୍ଦିତ-ବୃତ୍ତିକୁ ହିଁ ଉତ୍ତମ ମଣିବେ; ପ୍ରଭୁ ସର୍ବଗୁଣଯୁକ୍ତ ହୋଇ ମଧ୍ୟ ଦରିଦ୍ର ହେଲେ ଭୃତ୍ୟମାନେ ତାହାଙ୍କୁ ପରିତ୍ୟାଗପୂର୍ବକ ଅନ୍ୟତ୍ର ପଳାଇବେ; ପ୍ରଭୁମାନେ ମଧ୍ୟ ବଂଶ ପରମ୍ପରାଗତ ଭୃତ୍ୟଙ୍କୁ ବିପନ୍ନ ଅର୍ଥାତ୍ ରୋଗାଦି ବଶତଃ କାର୍ଯ୍ୟ-ଅକ୍ଷମ ଦେଖିଲେ କିମ୍ବା ଧେନୁଗଣ ଦୁଗ୍ଧହୀନା ହେଲେ ସେମାନଙ୍କୁ ତ୍ୟାଗ କରିବେ; ମାନବମାନେ କଳିଯୁଗରେ ପିତା, ଭ୍ରାତା, ସୁହୃତ୍ ଓ ଜ୍ଞାତିମାନଙ୍କୁ ପରିତ୍ୟାଗ କରି 'ସୌରତ ସୌହୃଦ' ଅର୍ଥାତ୍ ସୁରତନିମିତ୍ତକ-ସୌହୃଦ୍ୟଯୁକ୍ତ ହୋଇ ଶ୍ୟାଳକ-ଶ୍ୟାଳିକାମାନଙ୍କ ସହିତ ମନ୍ତ୍ରଣାଶୀଳ ଓ ସ୍ତ୍ରୈଣ ହେବେ; ଶୂଦ୍ରମାନେ ତପୋବେଷୋପଜୀବୀ ଅର୍ଥାତ୍ ତପସ୍ୟା ଓ ଦଣ୍ଡ ଆଦି ବେଶ ଗ୍ରହଣପୂର୍ବକ ପ୍ରତିଗ୍ରହ ଅର୍ଥାତ୍ ଦାନ ଗ୍ରହଣଶୀଳ ହେବେ ଏବଂ ଧର୍ମତତ୍ତ୍ୱ-ଅନଭିଜ୍ଞମାନେ ଶ୍ରେଷ୍ଠ ପଦ ଅଧିକାରପୂର୍ବକ ଧର୍ମ ବ୍ୟାଖ୍ୟା କରିବେ; କଳିଯୁଗରେ ଭୂତଳ ଅନ୍ନହୀନ ହେଲେ ପ୍ରଜାମାନେ ଅନାବୃଷ୍ଟି (ଉପଲକ୍ଷଣେ ଅତିବୃଷ୍ଟି)-ଭୟାତୁର, ନିରନ୍ତର ଉଦ୍ୱିଗ୍ନ-ଚିତ୍ତ, ଦୁର୍ଭିକ୍ଷ-ଗ୍ରସ୍ତ, ରାଜକର ପ୍ରପୀଡ଼ିତ, ବସନ-ଭୂଷଣ-ଅନ୍ନ-ପାନ-ଶଯ୍ୟା-ମୈଥୁନ-ସ୍ନାନବର୍ଜ୍ଜିତ ଏବଂ ପିଶାଚସଦୃଶ ହେବେ; କଳିଯୁଗରେ ମାନବମାନେ ମାତ୍ର କୋଡ଼ିଏ କଡ଼ି (ଏକ ପଇସା) ପାଇଁ ସୁହୃଦ୍‌ଭାବ ବିସର୍ଜ୍ଜନପୂର୍ବକ ବିବାଦରେ ପ୍ରବୃତ୍ତ ହୋଇ, ପରସ୍ପର କଳହ କରି ସର୍ବାପେକ୍ଷା ପ୍ରିୟ ନିଜପ୍ରାଣ ପରିତ୍ୟାଗ ଏବଂ ସୁହୃଦ୍‌ମାନଙ୍କୁ ମଧ୍ୟ ବିନାଶ କରିବେ; ଶିଶ୍ନୋଦରତର୍ପଣରତ କ୍ଷୁଦ୍ରଚିତ୍ତ ବ୍ୟକ୍ତିମାନେ ବୃଦ୍ଧ ପିତାମାତା, ସତ୍‌କୁଳଜାତା ଭାର୍ଯ୍ୟା ଏବଂ ସ୍ୱୀୟ ପୁତ୍ରମାନଙ୍କୁ ପାଳନ କରିବେ ନାହିଁ; କଳିଯୁଗରେ ମାନବମାନେ ପ୍ରାୟ ହିଁ ପାଷଣ୍ଡମାନଙ୍କ କର୍ତ୍ତୃକ ବିକୃତଚିତ୍ତ ହୋଇ ବ୍ରହ୍ମା ଶିବ ଆଦି ତ୍ରିଲୋକନାଥବନ୍ଦିତ ଜଗତର ପରମଗୁରୁ ଭଗବାନ୍ ଶ୍ରୀହରିଙ୍କୁ ଆରାଧନା କରିବେ ନାହିଁ।"

କଳିଯୁଗରେ ଅଧର୍ମପ୍ରଭାବ ବୃଦ୍ଧି ପାଇ ଭଗବଦ୍‌ପ୍ରଣୀତ ଧର୍ମ କିଭଳି ବିପନ୍ନ ହେବ, ତାହାର ଏକ ଭବିଷ୍ୟତ ଦିଗ୍‌ଦର୍ଶନ ଶ୍ରୀମଦ୍ଭାଗବତ (୧୨/୩/୩୧-୪୪) ଅଧ୍ୟାୟରେ ଉପରଲିଖିତ ଆକାରରେ ପ୍ରଦତ୍ତ ହୋଇଅଛି। ବର୍ତ୍ତମାନ ତାହା ଅକ୍ଷରେ ଅକ୍ଷରେ ହିଁ ମିଳି ଯାଉଅଛି। ପୁଣି ଏହା ପରେ ମଧ୍ୟ 'ଅପରଂ ବା କିଂ ଭବିଷ୍ୟତି।'

କିନ୍ତୁ ଶୁକଦେବ ଗୋସ୍ୱାମୀ ମହାରାଜ ପରୀକ୍ଷିତଙ୍କୁ ଲକ୍ଷ୍ୟ କରି ବଡ଼ ଭରସାର କଥା ମଧ୍ୟ କହୁଛନ୍ତି—କଳି ଏପରି ନାନା ଦୋଷର ଆକର ହେଲେ ମଧ୍ୟ ଭଗବାନ୍ ଶ୍ରୀହରି ଚିନ୍ତା ଦ୍ୱାରା ହୃଦୟସ୍ଥ ହେଲେ ହିଁ ସେ ଜୀବମାତ୍ରର କଳିକୃତ ଦ୍ରବ୍ୟଦେଶାତ୍ମ ସମ୍ଭୂତ ଯାବତୀୟ ଦୋଷ ନିଃଶେଷରୂପେ ହରଣ କରି ଥାଆନ୍ତି। ମ୍ରିୟମାଣ ଆତୁର ବ୍ୟକ୍ତି ଶଯ୍ୟାଶାୟୀ ଶିଥିଳେନ୍ଦ୍ରିୟ ହୋଇ ମଧ୍ୟ ସ୍ଖଳିତ କଣ୍ଠରେ ତାହାଙ୍କ ନାମ ଉଚ୍ଚାରଣ କଲେ ସେ ସକଳ କର୍ମବନ୍ଧନରୁ ମୁକ୍ତ ହୋଇ ପରମଗତି ଲାଭ କରିଥାଆନ୍ତି। କରୁଣାମୟ ଶ୍ରୀହରି ଶ୍ରୁତ, ସଙ୍କୀର୍ତ୍ତିତ, ଧ୍ୟାତ, ପୂଜିତ ଅଥବା ଟିକିଏ ଆଦୃତ ହେଲେ ଅର୍ଥାତ୍ ସାମାନ୍ୟ ଟିକିଏ ସୂତ୍ର ପାଇଲେ ହିଁ ଜୀବର ଅୟୁତଜନ୍ମର ଅଶୁଭ ଦୂର କରିଥାଆନ୍ତି। ଭଗବାନ୍ ଶ୍ରୀହରି ହୃଦୟସ୍ଥ ହେଲେ ଅର୍ଥାତ୍ ତାହାଙ୍କ ସ୍ମରଣ ପ୍ରଭାବରେ ଅନ୍ତରାତ୍ମା ଯେପରି ବିଶୁଦ୍ଧି ଲାଭ କରେ, ଦେବତା ଆରାଧନା, ତପସ୍ୟା, ପ୍ରାଣାୟମ, ସର୍ବଭୂତଙ୍କ ହିତକାମନା, ତୀର୍ଥାଭିଷେକ, ବ୍ରତ, ଦାନ ଏବଂ ଜପ ଆଦି ଦ୍ୱାରା ସେପରି ବିଶୁଦ୍ଧି କଦାପି ଲାଭ ହୁଏ ନା। ଅତଏବ, ହେ ମହାରାଜ ! ସର୍ବତୋଭାବେ ସେଇ ଭଗବାନଙ୍କୁ ଅନୁକ୍ଷଣ ସ୍ମରଣ କର, ଏପରି ଅନୁଧ୍ୟାନ-ପ୍ରଭାବରୁ ମୃତ୍ୟୁକାଳେ ମଧ୍ୟ ତାହାଙ୍କ ଧ୍ୟାନଦ୍ୱାରା ସାବହିତ ହୋଇ ପରମାଗତି ଲାଭ କରିବେ। ମ୍ରିୟମାଣ ବ୍ୟକ୍ତିଙ୍କ ପକ୍ଷେ ପରମେଶ୍ୱର ଶ୍ରୀକୃଷ୍ଣଙ୍କୁ ଅଭିଧ୍ୟାନ ହିଁ ସର୍ବତୋଭାବେ କର୍ତ୍ତବ୍ୟ। ଯେହେତୁ ତାଦୃଶ ଧ୍ୟାନଫଳରେ ଶ୍ରୀଭଗବାନ୍ କୃପାପୂର୍ବକ ସେମାନଙ୍କୁ ସେମାନଙ୍କ ସ୍ୱରୂପ-ଅନୁଭବ ପର୍ଯ୍ୟନ୍ତ ପ୍ରଦାନ କରି ଥାଆନ୍ତି। ମହା ଉଦାର ତାହାଙ୍କ ପକ୍ଷେ କିଛି ହେଲେ ବିଚିତ୍ର ନୁହେଁ।

**କଲେର୍ଦୋଷନିଧେ ରାଜନ୍ନସ୍ତି ହ୍ୟେକୋ ମହାନ୍ ଗୁଣଃ।**
**କୀର୍ତ୍ତନାଦେବ କୃଷ୍ଣସ୍ୟ ମୁକ୍ତସଙ୍ଗଃ ପରଂ ବ୍ରଜେତ୍।।**
**କୃତେ ଯଦ୍ଧ୍ୟାୟତୋ ବିଷ୍ଣୁଂ ତ୍ରେତାୟାଂ ଯଜତୋ ମଖୈଃ।**
**ଦ୍ୱାପରେ ପରିଚର୍ଯ୍ୟାୟାଂ କଲୌ ତଦ୍ଧରିକୀର୍ତ୍ତନାତ୍।।**

(ଭା. ୧୨/୩/୫୧-୫୨)

ଅର୍ଥାତ୍ ହେ ରାଜନ୍, ସର୍ବଦୋଷର ଆଶ୍ରୟ ଏଇ କଳିଯୁଗର ଏକମାତ୍ର ମହାନ୍ ଗୁଣ ହେଉଛି ମାନବମାନେ ଏଇ ଯୁଗରେ କୃଷ୍ଣନାମ ସଂକୀର୍ତ୍ତନଦ୍ୱାରା ହିଁ ମୁକ୍ତସଙ୍ଗ ହୋଇ ପରମପୁରୁଷଙ୍କୁ ପ୍ରାପ୍ତ ହୋଇ ଥାଆନ୍ତି।

ସତ୍ୟଯୁଗରେ ବିଷ୍ଣୁଙ୍କ ଧ୍ୟାନ ଦ୍ୱାରା, ତ୍ରେତାଯୁଗରେ ତଦୀୟ ଯଜ୍ଞ ଦ୍ୱାରା ଏବଂ ଦ୍ୱାପରରେ ତଦୀୟ ଅର୍ଚ୍ଚନ-ଦ୍ୱାରା ଯେଉଁ ଫଳ ଲାଭ ହୁଏ, କଳିଯୁଗରେ ଏକମାତ୍ର ଶ୍ରୀହରିଙ୍କ ନାମକୀର୍ତ୍ତନରୁ ସେ ସମସ୍ତ ଫଳ ଅନାୟାସରେ ଲାଭ ହୋଇଥାଏ।"

ଶ୍ରୀଳ ଭକ୍ତିବିନୋଦ ଠାକୁର ଗାଇଛନ୍ତି—

**"କଳିକୁକ୍କୁର-କଦନ ଯଦି ଚାଓ ହେ।**
**କଳିଯୁଗ ପାବନ, କଳିଭୟ ନାଶନ,**
**ଶ୍ରୀଶଚୀନନ୍ଦନ ଗାଓ ହେ।।"**

ଦେବର୍ଷି ନାରଦ ମଧ୍ୟ ତ୍ରିସତ୍ୟ କରି କହୁଛନ୍ତି—

**"ହରେର୍ନାମ ହରେର୍ନାମ ହରେର୍ନାମୈବ କେବଳମ୍।**
**କଲୌ ନାସ୍ତେବ ନାସ୍ତେବ ନାସ୍ତେବ ଗତିରନ୍ୟଥା।।"**

ଶ୍ରୀଳ କୃଷ୍ଣଦାସ କବିରାଜ ଗୋସ୍ୱାମୀ ପ୍ରଭୁ କହିଛନ୍ତି—

**"ସେଇ ତ' ସୁମେଧା ଆର କଳିହତ ଜନ।**
**ସଙ୍କୀର୍ତ୍ତନ ଯଜ୍ଞେ ତାଁରେ କରେ ଆରାଧନ।।"**
**"ଯଜ୍ଞୈଃ ସଙ୍କୀର୍ତ୍ତନପ୍ରାୟୈର୍ଯଜନ୍ତି ହି ସୁମେଧସଃ"**

(ଶ୍ରୀକରଭାଜନ ଋଷିବାକ୍ୟ)

କଳିଯୁଗର ଧର୍ମ ଏଇ ନାମ-ସଙ୍କୀର୍ତ୍ତନ-ଯଜ୍ଞର ଆଶ୍ରୟ ବ୍ୟତୀତ କଳିକଳୁଷରୁ ନିଷ୍କୃତି ଲାଭର ଅନ୍ୟ କୌଣସି ଉପାୟ ନାହିଁ। ଏହା ହିଁ ନାରଦ ଆଦି ମହାଜନ ଅନୁମୋଦିତ ସମୀଚୀନ ବ୍ୟବସ୍ଥା। ଅତଏବ 'ମହାଜନୋ ଯେନ ଗତଃ ସ ପନ୍ଥାଃ।'

ଅବଶ୍ୟ ଶ୍ରୀନାମଭଜନର ସାକ୍ଷାତ୍ ଫଳ ହେଉଛି କୃଷ୍ଣପ୍ରେମ ଲାଭ ଏବଂ ଆନୁଷଙ୍ଗିକ ଫଳ କ୍ରମେ କଳିଭୟ ଆଦି ନଷ୍ଟ ହୋଇଥାଏ।

('ଶ୍ରୀଭକ୍ତିପ୍ରମୋଦବାଣୀ-ବୈଭବ' ଗ୍ରନ୍ଥରୁ ଅନୁଦିତ)



# ଶୁଦ୍ଧ ବର୍ଣ୍ଣାଶ୍ରମ-ଧର୍ମ

ଶ୍ରୀ ଶ୍ରୀମଦ୍ ଭକ୍ତିବେଦାନ୍ତ ବାମନ ଗୋସ୍ୱାମୀ ମହାରାଜ

ଶ୍ରୀମଦ୍‌ଭଗବଦ୍‌ଗୀତାର ଷୋଡ଼ଶ ଅଧ୍ୟାୟରେ ଦୈବ ଓ ଆସୁର-ବର୍ଣ୍ଣାଶ୍ରମର ବିଷୟ ବର୍ଣ୍ଣିତ ହୋଇଛି। ଶୁଦ୍ଧସତ୍ତ୍ୱ ଜୀବ ମାୟା-କବଳିତ ହୋଇ ଜଗତକୁ ଆସେ। ବଦ୍ଧ-ଅବସ୍ଥାରେ ଜୀବର ଶୁଦ୍ଧସତ୍ତା ବା ନିର୍ଗୁଣ ଅବସ୍ଥା ପ୍ରାକୃତ ଗୁଣାନ୍ୱିତ ହୋଇ ପ୍ରକାଶିତ ହୋଇଥାଏ। ପୁଣି ଶୁଦ୍ଧସତ୍ତ୍ୱରୂପକ ସ୍ୱରୂପ-ଲାଭ ହେଲେ ଜୀବ ମୁକ୍ତ ହୁଏ। ଯେଉଁ ସବୁ ସ୍ୱଭାବ ଯେଉଁ ସବୁ ସ୍ଥାନରେ ଅବସ୍ଥିତ ହେଲେ ଶୁଦ୍ଧସତ୍ତ୍ୱ-ସ୍ୱରୂପ ଉପଲବ୍ଧିରେ ସହାୟତା କରେ, ସେଗୁଡ଼ିକୁ ଦୈବ-ବର୍ଣ୍ଣ ଓ ଦୈବ-ଆଶ୍ରମ କୁହାଯାଏ, ଏବଂ ଯାହାଦ୍ୱାରା ସ୍ୱରୂପ ଉପଲବ୍ଧିରେ ବ୍ୟାଘାତ ହୁଏ, ତାହା ଆସୁର-ବର୍ଣ୍ଣ ଓ ଆସୁର-ଆଶ୍ରମ ନାମରେ ପରିଚିତ। ବୁଦ୍ଧିମାନ୍ ବ୍ୟକ୍ତିମାନେ ଶୁଦ୍ଧ ବର୍ଣ୍ଣାଶ୍ରମ-ଲାଭ ପାଇଁ ପ୍ରଯତ୍ନ କରନ୍ତି ଏବଂ ପଶୁ-ସ୍ୱଭାବ ବ୍ୟକ୍ତିମାନଙ୍କର ଆସୁର-ବର୍ଣ୍ଣାଶ୍ରମରେ ହିଁ ରତି ଦେଖା ଯାଏ। ଯଥା—

**"ଦ୍ୱୌ ଭୂତସର୍ଗୌ ଲୋକେଽସ୍ମିନ୍ ଦୈବ ଆସୁର ଏବ ଚ।"**

(ଗୀ. ୧୬/୬)

ଏହି ଜଗତରେ ଦୁଇପ୍ରକାର ଭୂତ ସୃଷ୍ଟି ଦେଖାଯାଏ,—ଦୈବ ଓ ଆସୁର। ଶ୍ରୀଗୀତା ଶୁଦ୍ଧ ଦୈବ-ବର୍ଣ୍ଣର ଲକ୍ଷଣ ବର୍ଣ୍ଣନା କରିଛନ୍ତି,—"ସତ୍ତ୍ୱ ସଂସିଦ୍ଧି ହିଁ ଜୀବର ଅଭୟ ଅବସ୍ଥା। ସେଠାରୁ ଆଉ ପତନ ନାହିଁ। ଅର୍ଥାତ୍ ଜୀବ ନିଜ-ସ୍ୱରୂପ ଓ ଭଗବତ୍-ସ୍ୱରୂପ ଉପଲବ୍ଧିପୂର୍ବକ ଭଗବାନଙ୍କ ସହିତ ସମ୍ବନ୍ଧ-ଜ୍ଞାନବିଶିଷ୍ଟ ହୋଇ ତାହାଙ୍କୁ ସେବା କଲେ, ପରମ ସାମ୍ୟ ପାଆନ୍ତି। ଅତଏବ ଯାହାଙ୍କର ଦାନ, ଇନ୍ଦ୍ରିୟ-ନିଗ୍ରହ, ଭଗବଦ୍ ଉଦ୍ଦେଶ୍ୟରେ କର୍ମ, ଶାସ୍ତ୍ରପାଠ, ତପ, ସରଳତା, ଅହିଂସା, ସତ୍ୟ, ଅକ୍ରୋଧ, ତ୍ୟାଗ, ଶାନ୍ତି, ପରନିନ୍ଦା-ବର୍ଜନ, ଦୟା, ନିର୍ଲୋଭତା, ମୃଦୁତା, ଲଜ୍ଜା, ଅଚପଳତା, ତେଜ, କ୍ଷମା, ଧୃତି, ଶୌଚ, ଅଦ୍ରୋହ, ଅନଭିମାନତା ପ୍ରଭୃତି ଦୈବ-ସମ୍ପଦ ଲାଭ ହୁଏ, ତାହାକୁ ଦୈବ-ବର୍ଣ୍ଣାଶ୍ରମୀ କୁହାଯାଏ।

ଆସୁର-ବର୍ଣ୍ଣର ଲକ୍ଷଣକୁ ମଧ୍ୟ ଗୀତା ଏହିପରି କହିଛନ୍ତି,—ଆସୁର-ସ୍ୱଭାବ ବ୍ୟକ୍ତିମାନେ ପ୍ରବୃତ୍ତି-ନିବୃତ୍ତିରୂପକ ଧର୍ମ-ଭେଦ ଜାଣନ୍ତି ନାହିଁ। ଶୌଚ, ଆଚାର ଓ ସତ୍ୟନିଷ୍ଠା ସେମାନଙ୍କର ନାହିଁ। ସେମାନେ ଶତ ଶତ ଆଶାପାଶରେ ବଦ୍ଧ ହୋଇ କାମ-କ୍ରୋଧ-ପରାୟଣ ହୋଇ ମଧ୍ୟ କାମଭୋଗ ପାଇଁ ଅନ୍ୟାୟ ଉପାୟରେ ଅର୍ଥ-ସଞ୍ଚୟର ଚେଷ୍ଟା କରନ୍ତି। ସେମାନେ ମନେ କରନ୍ତି—ଆଜି ଏଇ ଅର୍ଥ ଲାଭ ହେଲା, ଏଇ ମନୋବାଞ୍ଛା ପୂର୍ଣ୍ଣ ହେଲା। ଏଇ ଅର୍ଥ ଅଛି, ପୁଣି ଏଇ ଧନ ମିଳିବ। ଏହିପରି କେବଳ ଅର୍ଥ-ପ୍ରାପ୍ତିର ହିଁ ଗଣନା କରନ୍ତି। ପୁଣି ମନେ କରନ୍ତି—ମୁଁ ହିଁ ଈଶ୍ୱର, ସବୁ ବସ୍ତୁ ମୋର ଭୋଗ ପାଇଁ ସୃଷ୍ଟି ହୋଇଛି, ମୁଁ ସିଦ୍ଧ, ମୁଁ ହିଁ ସୁଖୀ ମୁଁ ସମ୍ପନ୍ନ ବ୍ୟକ୍ତି, ମୁଁ କୁଳୀନ। ମୋ' ଭଳି ଆଉ କିଏ ଅଛି ? ସେମାନେ ସ୍ୱୀୟ ଦେହ ଓ ପର ଦେହରେ ଅବସ୍ଥିତ ପରମେଶ୍ୱର-ସ୍ୱରୂପ ଭଗବାନଙ୍କୁ ଦ୍ୱେଷ କରନ୍ତି ଏବଂ ସାଧୁମାନଙ୍କ ଗୁଣରେ ଦୋଷାରୋପ କରି ଥାଆନ୍ତି।

ଏହି ସମ୍ବନ୍ଧରେ ପଦ୍ମପୁରାଣ ମଧ୍ୟ କୁହନ୍ତି,—ଯେଉଁମାନେ ବିଷ୍ଣୁଙ୍କ ଠାରେ ଭକ୍ତିବିଶିଷ୍ଟ, ସେମାନେ ଦୈବ ଏବଂ ଯେଉଁମାନେ ଜଡ଼-ଅଭିନିବିଷ୍ଟ ଜୀବ, ସେମାନେ ଆସୁର-ସୃଷ୍ଟି। ଯେହେତୁ ଶ୍ରୀମଦ୍‌ଭାଗବତ କୁହନ୍ତି,—ଯାହାଙ୍କର ଭଗବାନଙ୍କ ଠାରେ ଅକିଞ୍ଚନା ଭକ୍ତି ଅଛି, ତାହାଙ୍କ ନିକଟରେ ଦେବାତମାନେ ସମସ୍ତ ଗୁଣର

ସହିତ ବିରାଜନ୍ତି। ହରିଙ୍କ ଠାରେ ଅଭକ୍ତ ବ୍ୟକ୍ତିର ମହଦ୍‌ଗୁଣ କାହିଁ? ଯେହେତୁ ସେମାନଙ୍କର ମନୋରଥ ଅସଦ୍ ବିଷୟରେ ଧାବିତ। ଭଗବଦ୍‌ଭକ୍ତି-ହୀନ ବ୍ୟକ୍ତିର ଆଭିଜାତ୍ୟ, ଶାସ୍ତ୍ର-ଅଧ୍ୟୟନ, ଜପ, ତପ——କେବଳ ପ୍ରାକୃତ ଲୋକ-ରଞ୍ଜନ ମାତ୍ର। ଭଗବଦ୍‌ଭକ୍ତି ହିଁ ଜୀବର ପ୍ରାଣ-ସ୍ୱରୂପ। ଅତଏବ ଗୁଣର ହିଁ ସର୍ବତ୍ର ଆଦର। ଶ୍ରୀଭଗବାନ୍ ଗୁଣ ଓ କର୍ମ ଅନୁସାରେ ଚାତୁର୍ବର୍ଣ୍ଣ୍ୟ ସୃଷ୍ଟି କରିଛନ୍ତି। ପିତାଙ୍କ କାର୍ଯ୍ୟ-ପ୍ରଣାଳୀ ସୁପୁତ୍ରମାନେ ଅନୁବର୍ତ୍ତନ କରି ଥାଆନ୍ତି। ଯଦି ଭଗବାନଙ୍କ ଏହି ଅଭିମତ ହୋଇଥାନ୍ତା ଯେ, ଗୁଣ-କର୍ମ ବିଧାନଟି ଥରେ ସ୍ଥିରୀକୃତ ହୋଇଗଲେ, ତାହା ଚିରକାଳ ଚାଲିବ ଅର୍ଥାତ୍ ପ୍ରତ୍ୟେକ ବ୍ରାହ୍ମଣ-ସନ୍ତାନ ବା କ୍ଷତ୍ରିୟ-ସନ୍ତାନ ସେହି ସେହି ଗୁଣସମ୍ପନ୍ନ ହିଁ ହେବେ, ତେବେ ବିପର୍ଯ୍ୟୟ ସୃଷ୍ଟି ହୋଇ ନଥାନ୍ତା। ତେବେ ବ୍ରାହ୍ମଣ ବିଶ୍ୱଶ୍ରବାଙ୍କ ପୁତ୍ର ରାବଣ ବିଷ୍ଣୁଦ୍ୱେଷୀ ହୋଇ ନଥାନ୍ତା; ପୁଣି ଦୈତ୍ୟପୁତ୍ର ପ୍ରହ୍ଲାଦ ପରମ ବିଷ୍ଣୁଭକ୍ତ ହୋଇ ନଥାନ୍ତେ; ବେଦ ଆର୍ଜ୍ଜବ ଗୁଣ ଦର୍ଶନ କରି ଗୋତ୍ର ନିର୍ଣ୍ଣୟ କରି ନଥାନ୍ତେ; ପୌରାଣିକମାନେ ଗୁଣ ଦେଖି ବର୍ଣ୍ଣ ନିର୍ଣ୍ଣୟ କରି ନଥାନ୍ତେ; ଶ୍ରୀମଦ୍‌ଭାଗବତ ସ୍ୱଭାବ ଦର୍ଶନଦ୍ୱାରା ବର୍ଣ୍ଣ ନିର୍ଣ୍ଣୟର ଆଦେଶ ଦେଇ ନଥାନ୍ତେ। ଦୈବ-ବର୍ଣ୍ଣାଶ୍ରମ ସଂସ୍ଥାପିତ ନ ହେବା ପର୍ଯ୍ୟନ୍ତ ପରମାର୍ଥିକ ବା ଜାଗତିକ କୌଣସି ହିଁ ମହତ୍ କାର୍ଯ୍ୟରେ କେହି ହେଲେ ସିଦ୍ଧିଲାଭ କରି ପାରିବେ ନାହିଁ। ସେଇଥିପାଇଁ ଶ୍ରୀମନ୍‌ମହାପ୍ରଭୁ ରାୟ ରାମାନନ୍ଦଙ୍କ ମୁଖରେ 'ଦୈବ-ବର୍ଣ୍ଣାଶ୍ରମ ହିଁ ପରମାର୍ଥ-ରାଜ୍ୟରେ ପ୍ରବେଶର ପ୍ରଥମ ସୋପାନ' ବୋଲି ନିର୍ଦ୍ଦେଶ କରିଛନ୍ତି। "ପରମପୁରୁଷ ବିଷ୍ଣୁ ବର୍ଣ୍ଣ-ଧର୍ମ ଓ ଆଶ୍ରମ-ଧର୍ମ-ଆଚାରଯୁକ୍ତ ପୁରୁଷଙ୍କ ଦ୍ୱାରା ଆରାଧିତ ହୁଅନ୍ତି। ଏହା ବ୍ୟତୀତ ବିଷ୍ଣୁପ୍ରୀତି-ଲାଭର ଅନ୍ୟ କୌଣସି ଉପାୟ ନାହିଁ।"

ଶୁଦ୍ଧ-ଗୌଡ଼ୀୟ-ବୈଷ୍ଣବ-ସମାଜ-ମୁକୁଟମଣି, ବର୍ତ୍ତମାନ ଶୁଦ୍ଧଭକ୍ତି-ସ୍ରୋତର ମୂଳ-ପୁରୁଷ, ସତ୍ୟର ଏକନିଷ୍ଠ ଉପାସକ ଶ୍ରୀଳ ଭକ୍ତିବିନୋଦ ଠାକୁର ବର୍ଣ୍ଣାଶ୍ରମ-ଧର୍ମ ସମ୍ବନ୍ଧରେ ଆମ୍ଭମାନଙ୍କୁ ଜଣାଇଛନ୍ତି——"ଋଷିମାନଙ୍କର ହାତରେ ସମାଜ-ନିଷ୍ଠ-ବିଧିର ଚରମ ଉନ୍ନତି ହୋଇଥିଲା,——ଏହା ସମସ୍ତ ସହୃଦୟ ଓ ବୈଜ୍ଞାନିକ ବ୍ୟକ୍ତିମାନେ ହିଁ ସ୍ୱୀକାର କରିବେ।" "ବର୍ଣ୍ଣାଶ୍ରମରୂପକ ଧର୍ମ ଅନେକଦିନ ବିଶୁଦ୍ଧରୂପେ ଚଳି ଆସିଲେ ଘଟଣାକ୍ରମେ ଆପାତତଃ କେବଳ ଜନ୍ମଦ୍ୱାରା ବର୍ଣ୍ଣ ନିର୍ଣ୍ଣୀତ ହେଉଥିବାରୁ ବର୍ଣ୍ଣାଶ୍ରମ-ଧର୍ମ ଅପଦସ୍ଥ ହୋଇଅଛି।" ବର୍ଣ୍ଣାଶ୍ରମ-ଧର୍ମ ସଂସ୍କୃତ ହୋଇ ପ୍ରକୃତିସ୍ଥ ନ ହେବା ପର୍ଯ୍ୟନ୍ତ ସାମାଜିକ, ଆଧ୍ୟାତ୍ମିକ ଓ ପାରମାର୍ଥିକ ଅମଙ୍ଗଳସମୂହ ଆମ୍ଭମାନଙ୍କୁ ଜର୍ଜ୍ଜରିତ କରୁଥିବ।" ଯେଉଁଠାରେ ବର୍ଣ୍ଣାଶ୍ରମ ନାହିଁ, ସେଠାରେ ନିଷ୍କାମ କର୍ମଯୋଗ ଓ ତାହାର ସାଧ୍ୟ ଜ୍ଞାନଯୋଗ ଏବଂ ଚରମ ଫଳରୂପ ଭକ୍ତିଯୋଗ ସୁଷ୍ଠୁରୂପେ ଆଚରିତ ହୁଏ ନା।" "ବର୍ଣ୍ଣଧର୍ମ ହିଁ ସାମାଜିକ ମାନବର ଜୀବନ-ସ୍ୱରୂପ। ବର୍ଣ୍ଣାଶ୍ରମ ଦୂର ହେଲେ ମାନବର ବୈଜ୍ଞାନିକ ସମାଜ ବିନଷ୍ଟ ହେବ ଏବଂ ମାନବ 'ପୁନର୍ମୂଷିକୋ ଭବ' ଏହି ପୁରାତନ ଅଭିଶାପ ପାଇ ସ୍ୱେଚ୍ଛାଚାରୀ ମ୍ଳେଚ୍ଛମାନଙ୍କ ଭଳି ଅବୈଧ ଜୀବନର ସୁବିଧା ଲାଭ କରିବ।"

ସେ କୃଷ୍ଣ-ସଂହିତା ଗ୍ରନ୍ଥରେ ଆହୁରି ମଧ୍ୟ ଲେଖିଛନ୍ତି,——"ପ୍ରାଚୀନ ଋଷିମାନେ ସ୍ୱପ୍ନରେ ମଧ୍ୟ ଜାଣି ନଥିଲେ ଯେ, ସ୍ୱଭାବଜ ଧର୍ମଟା କ୍ରମଶଃ ବଂଶଜ ହୋଇ ଉଠିବ। ମହତ୍ ଲୋକଙ୍କ ସନ୍ତାନ ମହତ୍ ହୁଏ——ଏହା ମଧ୍ୟ କିଛି ପରିମାଣରେ ସ୍ୱାଭାବିକ, କିନ୍ତୁ ଏଇଟା କେଉଁଭେଳେ ବ୍ୟବସ୍ଥା ହୋଇ ନ ପାରେ। ସଂସାରକୁ ଏପରି ଅନ୍ଧ-ପରମ୍ପରା-ପଥରୁ ଉଦ୍ଧାର କରିବା ପାଇଁ ସ୍ୱଭାବଜ ବର୍ଣ୍ଣାଶ୍ରମ-ଧର୍ମ ବ୍ୟବସ୍ଥାପିତ ହୋଇଥିଲା; କିନ୍ତୁ ଦୁର୍ଭାଗ୍ୟକ୍ରମେ ସ୍ୱାର୍ଥପର ଓ ଅତତ୍ତ୍ୱଜ୍ଞ ସ୍ମାର୍ତ୍ତମାନଙ୍କ ହାତରେ ଧର୍ମଶାସ୍ତ୍ର ନ୍ୟସ୍ତ ହେବାରୁ ଯେଉଁ ବିପଦର ଆଶଙ୍କା କରା ହୋଇଥିଲା, ସେହି ବିପଦ ବ୍ୟବସ୍ଥାପିତ ବିଧିକୁ ଆକ୍ରମଣ କରିଅଛି। ସୁ-ବିଧାନର ମଧ୍ୟରେ ଯେଉଁ ମଳ ପ୍ରବେଶ କରିଅଛି, ସେହି ମଳକୁ ଦୂର କରିବା ହିଁ ସ୍ୱଦେଶହିତୈଷିତାର ଲକ୍ଷଣ। ଅତଏବ, ହେ ସ୍ୱଦେଶ-ହିତୈଷି ମହାତ୍ମାମାନେ! ଆପଣମାନେ ସମବେତ ହୋଇ ଆପଣମାନଙ୍କର ପୂର୍ବପୁରୁଷମାନଙ୍କର ନିର୍ମଳ ବ୍ୟବସ୍ଥାସକଳକୁ ନିର୍ମଳ ଭାବେ ପ୍ରଚଳନ କରନ୍ତୁ। ବର୍ଣ୍ଣାଶ୍ରମ-ବ୍ୟବସ୍ଥା ନିର୍ଦ୍ଦୋଷରୂପେ ପୁଣି ପ୍ରଚଳିତ ହେଲେ ଭାରତର ସବୁ ପ୍ରକାରର ଉନ୍ନତି ହୋଇପାରିବ, ଏହା ଆମର କହିବା ବାହୁଲ୍ୟ। ଈଶ୍ୱର-ଭାବମିଶ୍ରିତ କର୍ମାନୁଷ୍ଠାନଦ୍ୱାରା ସମସ୍ତେ ହିଁ ଆତ୍ମାର କ୍ରମୋନ୍ନତି ସାଧନ କରିବେ——ଏହା ହିଁ ବର୍ଣ୍ଣାଶ୍ରମ-ଧର୍ମର ଏକମାତ୍ର ଉଦ୍ଦେଶ୍ୟ।"

(ଶ୍ରୀଗୌଡ଼ୀୟ ପତ୍ରିକା, ୨ୟ ବର୍ଷ, ୧୨ଶ ସଂଖ୍ୟାରୁ ଅନୁଦିତ)



# ଶ୍ରୀକାମ୍ୟବନ (କାମବନ)

ଶ୍ରୀ ଶ୍ରୀମଦ୍ ଭକ୍ତିବେଦାନ୍ତ ନାରାୟଣ ଗୋସ୍ୱାମୀ ମହାରାଜ

**ଚତୁର୍ଥ କାମ୍ୟକବନଂ ବନାନାଂ ବନମୁତ୍ତମଂ ।**
**ତତ୍ର ଗତ୍ୱା ନରୋ ଦେବି ! ମମ ଲୋକେ ମହୀୟତେ ।।**

(ଆଦିବାରାହପୁରାଣ)

ବ୍ରଜମଣ୍ଡଳର ଦ୍ୱାଦଶ ବନ ମଧ୍ୟରୁ କାମ୍ୟବନ ଚତୁର୍ଥ ବନ ଅଟେ । ଏହା ବନମାନଙ୍କ ମଧ୍ୟରୁ ଉତ୍ତମ ବନ ଅଟେ । ଏହି ବନକୁ ପରିକ୍ରମା କରୁଥିବା ସୌଭାଗ୍ୟବାନ୍ ବ୍ୟକ୍ତି ମୋ ଲୋକରେ ଅର୍ଥାତ୍ ବ୍ରଜଧାମରେ ବିଶେଷରୂପେ ପୂଜନୀୟ ହୁଏ ।

**ତତଃ କାମ୍ୟବନଂ ରାଜନ୍ ! ଯତ୍ର ବାଲ୍ୟେ ସ୍ଥିତୋ ଭବାନ୍ ।**
**ସ୍ନାନମାତ୍ରେଣ ସର୍ବେଷାଂ ସର୍ବକାମଫଳପ୍ରଦମ୍ ।।**

(ସ୍କନ୍ଦପୁରାଣ)

ହେ ମହାରାଜ ! ତାହା ପରେ କାମ୍ୟବନ, ଯେଉଁଠାରେ ଆପଣ (ବ୍ରଜେନ୍ଦ୍ରନନ୍ଦନ କୃଷ୍ଣ) ବାଲ୍ୟକ୍ରୀଡ଼ାମାନ କରିଅଛନ୍ତି । ଏହି ବନମଧ୍ୟସ୍ଥ କାମାଦି ସରୋବରରେ ସ୍ନାନ କରିବା ମାତ୍ରେ ସଭିଙ୍କର ସମସ୍ତ କାମନା ଅର୍ଥାତ୍ କୃଷ୍ଣଙ୍କ ପ୍ରେମମୟୀ ସେବା ରୂପକ କାମନା ମଧ୍ୟ ପୂର୍ଣ୍ଣ ହୋଇଯାଏ ।

ଯଥାର୍ଥରେ ଶ୍ରୀକୃଷ୍ଣଙ୍କ ପ୍ରତି ଗୋପିମାନଙ୍କ ପ୍ରେମ 'କାମ' ଶବ୍ଦ ବାଚ୍ୟ ଅଟେ । 'ପ୍ରେମୈବ ଗୋପରାମାଣାଂ କାମ ଇତ୍ୟଗମତ୍ ପ୍ରଥାଂ', ଅର୍ଥାତ୍ ଗୋପୀମାନଙ୍କ ନିର୍ମଳ ପ୍ରେମ ଯାହା କେବଳ ଶ୍ରୀକୃଷ୍ଣଙ୍କୁ ସୁଖ ଦେଇଥାଏ, ଯେଉଁଥିରେ ଲୌକିକ କାମର କୌଣସି ଗନ୍ଧ ମଧ୍ୟ ନ ଥାଏ, ତାହାକୁ ଶାସ୍ତ୍ରରେ କାମ କୁହାଯାଇଛି । ସାଂସାରିକ କାମ-ବାସନାଠାରୁ ଗୋପିମାନଙ୍କ ଏହି ଶୁଦ୍ଧ କାମ ସର୍ବଥା ଭିନ୍ନ ଅଟେ । ସମସ୍ତ ଲୌକିକ କାମନାରୁ ରହିତ କେବଳ ପ୍ରେମାସ୍ପଦ କୃଷ୍ଣଙ୍କୁ ସୁଖୀ କରିବା ହିଁ ଗୋପୀମାନଙ୍କ କାମର ଏକମାତ୍ର ତାତ୍ପର୍ଯ୍ୟ । ସେଥିପାଇଁ ଗୋପିମାନଙ୍କ ବିଶୁଦ୍ଧ ପ୍ରେମକୁ ହିଁ ଶ୍ରୀମଦ୍ ଭାଗବତ ଆଦି ଶାସ୍ତ୍ରରେ କାମ ସଂଜ୍ଞା ଦିଆଯାଇଛି । ଯେଉଁ କୃଷ୍ଣଲୀଳା ସ୍ଥଳୀରେ ଶ୍ରୀରାଧାକୃଷ୍ଣ ଯୁଗଳଙ୍କ ଏପରି ଅପ୍ରାକୃତ ପ୍ରେମର ଅଭିବ୍ୟକ୍ତି ହୋଇଛି, ତାହାର ନାମ ହେଉଛି କାମ୍ୟବନ । ଯେଉଁ ବନରେ ସବୁ ପ୍ରକାରର ଲୌକିକ କାମନାର ସହିତ, ଗୋପିମାନଙ୍କ ବିଶୁଦ୍ଧ ପ୍ରେମରୂପକ ଶୁଦ୍ଧକାମ ମଧ୍ୟ ସହଜରେ ସିଦ୍ଧ ହୁଏ, ତାହାକୁ କାମ୍ୟବନ କୁହାଯାଇଛି ।

'କାମ୍ୟ' ଶବ୍ଦର ଅର୍ଥ ହେଉଛି ଅତ୍ୟନ୍ତ ସୁନ୍ଦର, ସୁଶୋଭିତ ବା ରୁଚିକର । ବ୍ରଜମଣ୍ଡଳର ଏହି ବନ ବିବିଧ ପ୍ରକାରର ସୁରମ୍ୟ ସରୋବର, କୂପ, କୁଣ୍ଡ, ବୃକ୍ଷ-ଲତା-ବଲ୍ଲରୀ, ଫୁଲ-ଫଳରେ ତଥା ବିବିଧପ୍ରକାର ବିହଙ୍ଗମାନଙ୍କ ଦ୍ୱାରା ଅତିଶୟ ସୁଶୋଭିତ ଅଟେ । ଏଠାରେ ଶ୍ରୀକୃଷ୍ଣ ରମଣୀୟ ବିହାର ଆଦି କରି ଥାଆନ୍ତି । ସେଥିପାଇଁ ଏହାକୁ କାମ୍ୟବନ କୁହାଯାଏ ।

ବିଷ୍ଣୁପୁରାଣ ଅନୁସାରେ କାମ୍ୟବନରେ ଚୌରାଶୀ କୁଣ୍ଡ (ତୀର୍ଥ), ଚୈରାଶୀ ମନ୍ଦିର ତଥା ଚୌରାଶୀ ଖମ୍ବା ଅଛି ।

କୁହାଯାଏ ଯେ, ଏହି ସବୁକୁ କେହି ଜଣେ ପ୍ରସିଦ୍ଧ ରାଜା ଶ୍ରୀକାମସେନ ନିର୍ମାଣ କରିଥିଲେ। ଏପରି ମଧ୍ୟ ମାନ୍ୟତା ଅଛି ଯେ, ଦେବତା ଏବଂ ଅସୁରମାନେ ମିଶି ଏଠାରେ ଏକଶହ ଅଡ଼ଷଠି ଖମ୍ବ ନିର୍ମାଣ କରାଇଥିଲେ।

ଏଠାରେ ଛୋଟ ବଡ଼ ଅସଂଖ୍ୟ କୁଣ୍ଡ ଏବଂ ତୀର୍ଥ ରହିଛି। ଏହି ବନର ପରିକ୍ରମା ଚଉଦ ମାଇଲ। ବିମଳକୁଣ୍ଡ ଏଠାର ପ୍ରସିଦ୍ଧ ତୀର୍ଥ ବା କୁଣ୍ଡ ଅଟେ। ସର୍ବପ୍ରଥମେ ଏହି ବିମଳ କୁଣ୍ଡରେ ସ୍ନାନ କରି ଶ୍ରୀକାମ୍ୟବନ ପରିକ୍ରମା ଅଥବା କାମ୍ୟବନର ଦର୍ଶନୀୟ ସ୍ଥାନମାନଙ୍କୁ ଦର୍ଶନ ପ୍ରାରମ୍ଭ ହୁଏ। ବିମଳକୁଣ୍ଡରେ ସ୍ନାନ ପରେ ଗୋପିକାକୁଣ୍ଡ, ସୁବର୍ଣ୍ଣପୁର, ଗୟାକୁଣ୍ଡ ଏବଂ ଧର୍ମକୁଣ୍ଡର ଦର୍ଶନ ହୁଏ। ଧର୍ମକୁଣ୍ଡ ଉପରେ ଧର୍ମରାଜଙ୍କ ସିଂହାସନ ଦର୍ଶନୀୟ ଅଟେ। ଆଗକୁ ଯଜ୍ଞକୁଣ୍ଡ, ପାଣ୍ଡବଙ୍କ ପଞ୍ଚତୀର୍ଥ ସରୋବର, ପରମ ମୋକ୍ଷକୁଣ୍ଡ ମଣିକର୍ଣ୍ଣିକା କୁଣ୍ଡ ଅଛି। ପାଖରେ ହିଁ ନିବାସକୁଣ୍ଡ ତଥା ଯଶୋଦା କୁଣ୍ଡ ଅଛି। କିଛି ଆଗକୁ ମନୋକାମନା କୁଣ୍ଡ, ଗୋପିକାରମଣକୁଣ୍ଡ, ସେତୁବନ୍ଧ ରାମେଶ୍ୱରକୁଣ୍ଡ, ଧ୍ୟାନକୁଣ୍ଡ, ତପ୍ତକୁଣ୍ଡ, ଜଳବିହାରକୁଣ୍ଡ, ଜଳକ୍ରୀଡ଼ାକୁଣ୍ଡ, ରଙ୍ଗୀଲାକୁଣ୍ଡ, ଛବିଲାକୁଣ୍ଡ, ଜକୀଲାକୁଣ୍ଡ, ମତୀଲାକୁଣ୍ଡ, ଦତୀଲାକୁଣ୍ଡ, ପଞ୍ଚକୁଣ୍ଡ, ଘୋଷରାଣୀକୁଣ୍ଡ, ବିହ୍ୱଳକୁଣ୍ଡ, ଶ୍ୟାମକୁଣ୍ଡ, ଗୋମତୀକୁଣ୍ଡ, ଦ୍ୱାରକାକୁଣ୍ଡ, ବଳଭଦ୍ରକୁଣ୍ଡ, ଚତୁର୍ଭୁଜକୁଣ୍ଡ, ସୁରଭୀକୁଣ୍ଡ, ବସ୍ତ୍ରକୁଣ୍ଡ, ଲୁକଲୁକୀକୁଣ୍ଡ, ଗୋବିନ୍ଦକୁଣ୍ଡ, ନେତ୍ରମୋଚନକୁଣ୍ଡ, ଫିସଲନୀ ଶିଳା, ବ୍ୟୋମାସୁର ଗୁମ୍ଫା, ଭୋଜନଥାଳୀ, ସୁମନା ସଖିଙ୍କ ବିବାହ ସ୍ଥଳ, ଲଳିତା ଗ୍ରନ୍ଥିଚ୍ଛେଦ ସ୍ଥାନ, ତା'ପରେ ବିଷ୍ଣୁ ପାଦଚିହ୍ନ-ପର୍ବତ, ଗରୁଡ଼ ତୀର୍ଥ, କପିଳ ତୀର୍ଥ, ଲୋହଜଙ୍ଘଋଷି-ସ୍ଥାନ, ହୋଡ଼ ସ୍ଥାନ, ଏହାର ଉତ୍ତରରେ ଇନ୍ଦୁଲେଖା ଦେବୀ ସ୍ଥଳ, ପାଖରେ ହିଁ ପର୍ବତ ଉପରେ ବଳରାମ ସ୍ଥଳ, ବଳରାମଙ୍କ ହଳର ରେଖା, ତାହାର ଉତ୍ତରରେ କୃଷ୍ଣକୂପ, ତାହାର ପାଖରେ ଦ୍ୱିତୀୟ ସଙ୍କର୍ଷଣ କୁଣ୍ଡ, ତାହା ପରେ ଲୋକେଶ୍ୱର ନାମକ ଗୁହ୍ୟ ତୀର୍ଥ, ବରାହକୁଣ୍ଡ, ସତୀକୁଣ୍ଡ, ଚନ୍ଦ୍ରସଖୀ ପୁଷ୍କରିଣୀ, ତାହା ଉପରେ ଚନ୍ଦ୍ରଶେଖର ଶିବମୂର୍ତ୍ତି ତଥା ଶୃଙ୍ଗାରତୀର୍ଥ ଅଛି। ପର୍ବତର ଦକ୍ଷିଣରେ ପ୍ରଭାବଲ୍ଲୀ ନାମକ ବାବଡ଼ୀ ଅଛି। ତାହାର ପଶ୍ଚିମରେ ଭାରଦ୍ୱାଜ ଋଷିକୂପ। ତାହାର ଉତ୍ତରରେ ସଙ୍କର୍ଷଣ କୁଣ୍ଡ, ତାହାର ପୂର୍ବରେ କୃଷ୍ଣକୂପ। ଏହି ତିନୋଟି କୂପ ପର୍ବତର ନିକଟରେ ଅଛି। ପର୍ବତର ଶିଖରରେ ଭଦ୍ରେଶ୍ୱର ଶିବମୂର୍ତ୍ତି ବିରାଜମାନ। ତାହା ପରେ ଅଳକ୍ଷ ଗରୁଡ଼ ମୂର୍ତ୍ତି। ପାଖରେ ହିଁ ପିପ୍ପଳାଦ ଋଷିଙ୍କ ଆଶ୍ରମ ଅଛି। ତା'ପରେ ଦିହୁହଳୀ, ରାଧାପୁଷ୍କରିଣୀ ଏବଂ ତାହାର ପୂର୍ବରେ ଲଳିତା ପୁଷ୍କରିଣୀ, ତାହାର ଉତ୍ତରରେ ବିଶାଖା ପୁଷ୍କରିଣୀ, ତାହାର ପଶ୍ଚିମରେ ଚନ୍ଦ୍ରାବଳୀ ପୁଷ୍କରିଣୀ, ତାହାର ଦକ୍ଷିଣରେ ଚନ୍ଦ୍ରଭାଗା ପୁଷ୍କରିଣୀ, ପୂର୍ବ-ଦକ୍ଷିଣରେ ମଧ୍ୟ ସ୍ଥଳରେ ଲୀଳାବତୀ ପୁଷ୍କରିଣୀ। ପଶ୍ଚିମ-ଉତ୍ତରରେ ପ୍ରଭାବତୀ ପୁଷ୍କରିଣୀ, ମଝିରେ ରାଧା ପୁଷ୍କରିଣୀ ଅଛି। ଏହିପରି ଭାବେ ଚୌଷଠି ସଖିମାନଙ୍କର ପୁଷ୍କରିଣୀ ଅଛି। ତା' ଆଗକୁ କୁଶସ୍ଥଳୀ। ସେଠାରେ ଶଙ୍ଖଚୂଡ଼ ବଧସ୍ଥଳ ତଥା କାମେଶ୍ୱର ମହାଦେବଙ୍କ ଦର୍ଶନ ଅଛି, ତାହାର ଉତ୍ତରରେ ଚନ୍ଦ୍ରଶେଖର ମୂର୍ତ୍ତି ବିମଳେଶ୍ୱର ତଥା ବରାହ ସ୍ୱରୂପଙ୍କ ଦର୍ଶନ ଅଛି। ସେଠାରେ ଦ୍ରୌପଦୀଙ୍କ ସହିତ ପଞ୍ଚପାଣ୍ଡବଙ୍କ ଦର୍ଶନ, ଆଗକୁ ବୃନ୍ଦାଦେବୀଙ୍କ ସହିତ ଗୋବିନ୍ଦଜୀଙ୍କ ଦର୍ଶନ, ଶ୍ରୀରାଧାବଲ୍ଲଭ, ଶ୍ରୀଗୋପୀନାଥ, ନବନୀତ ରାୟ, ଗୋକୁଳେଶ୍ୱର ଏବଂ ରାମଚନ୍ଦ୍ରଙ୍କ ସ୍ୱରୂପର ଦର୍ଶନ ଅଛି। ତାହା ବ୍ୟତୀତ ଚରଣପାହାଡ଼ୀ, ଶ୍ରୀରାଧା-ଗୋପୀନାଥ, ଶ୍ରୀରାଧା-ମୋହନ, (ଗୋପାଳଜୀ), ଚୌରାଶୀ ଖମ୍ବା ଆଦି ଦର୍ଶନୀୟ ସ୍ଥଳ ଅଛି।

ଏଥି ମଧ୍ୟରୁ ପ୍ରସିଦ୍ଧ ପ୍ରସିଦ୍ଧ ଲୀଳାସ୍ଥଳିମାନଙ୍କୁ ତଳେ ବର୍ଣ୍ଣନ କରାଯାଉଛି—

ବିମଳ କୁଣ୍ଡ—କାମବନ ଗ୍ରାମଠାରୁ କିଛି ଦୂରରେ ଦକ୍ଷିଣ-ପଶ୍ଚିମ କୋଣରେ ପ୍ରସିଦ୍ଧ ବିମଳକୁଣ୍ଡ ଅବସ୍ଥିତ। କୁଣ୍ଡର ଚତୁଃପାର୍ଶ୍ୱରେ କ୍ରମଶଃ (୧) ଦାଉଜୀ, (୨) ସୂର୍ଯ୍ୟଦେବ, (୩) ଶ୍ରୀନୀଳକଣ୍ଠେଶ୍ୱର ମହାଦେବ, (୪) ଶ୍ରୀଗୋବର୍ଦ୍ଧନନାଥ, (୫) ଶ୍ରୀମଦନମୋହନ ଏବଂ

କାମ୍ୟବନ ବିହାରୀ, (୬) ଶ୍ରୀବିମଳ ବିହାରୀ, (୭) ବିମଳା ଦେବୀ, (୮) ଶ୍ରୀମୁରଲୀମନୋହର, (୯) ଭଗବତୀ ଗଙ୍ଗା ଏବଂ (୧୦) ଶ୍ରୀଗୋପାଳଜୀ ବିରାଜମାନ।

ପ୍ରସଙ୍ଗ—ଗର୍ଗସଂହିତା ଅନୁସାରେ ପ୍ରାଚୀନକାଳରେ ସିନ୍ଧୁ ଦେଶର ଚମ୍ପକନଗରୀରେ ବିମଳ ନାମକ ଜଣେ ପ୍ରତାପୀ ରାଜା ଥିଲେ। ତାହାଙ୍କର ଛଅହଜାର ରାଣିମାନଙ୍କ ମଧ୍ୟରୁ କାହାର ହେଲେ ସନ୍ତାନ-ସନ୍ତତୀ ନଥିଲେ। ଶ୍ରୀଯାଜ୍ଞବଲ୍କ୍ୟ ଋଷିଙ୍କ କୃପାରୁ ସେହି ରାଣିମାନଙ୍କ ଗର୍ଭରୁ ବହୁତ ସୁନ୍ଦର କନ୍ୟାମାନେ ଜନ୍ମ ନେଇଥିଲେ। ସେହି କନ୍ୟାମାନେ ପୂର୍ବଜନ୍ମରେ ଜନକପୁରୀନିବାସୀ ସ୍ତ୍ରୀ ଥିଲେ, ଯେଉଁମାନେ ଶ୍ରୀରାମଚନ୍ଦ୍ରଙ୍କୁ ପତିରୂପେ ପାଇବା ପାଇଁ ଇଚ୍ଛା କରିଥିଲେ। ସେହି କନ୍ୟାମାନେ ରାଜା ବିମଳଙ୍କ ଘରେ ଜନ୍ମ ନେଲାପରେ ଯେତେବେଳେ ବିବାହଯୋଗ୍ୟା ହେଲେ, ସେତେବେଳେ ଯାଜ୍ଞବଲ୍କ୍ୟଙ୍କ ସମ୍ମତିକ୍ରମେ ରାଜା ବିମଳ ତାହାଙ୍କ କନ୍ୟାମାନଙ୍କ ବିବାହ ପାଇଁ ଶ୍ରୀକୃଷ୍ଣଙ୍କୁ ଯୋଗ୍ୟପାତ୍ର ଜାଣି ନିଜ ଦୂତଙ୍କୁ ମଥୁରା ପଠାଇଲେ। ସୌଭାଗ୍ୟରୁ ମାର୍ଗରେ ସେହି ଦୂତଙ୍କ ସହିତ ଭୀଷ୍ମ ପିତାମହଙ୍କ ସାକ୍ଷାତ୍କାର ହେଲା। ସେ ସେହି ଦୂତକୁ କୃଷ୍ଣଙ୍କ ସହିତ ଭେଟିବା ପାଇଁ ବ୍ରଜକୁ ପଠାଇଲେ। କୃଷ୍ଣ ସେତେବେଳେ ବ୍ରଜରେ ବିରାଜମାନ ଥିଲେ। ରାଜଦୂତ ବୃନ୍ଦାବନରେ ପହଞ୍ଚି ଶ୍ରୀକୃଷ୍ଣଙ୍କୁ ରାଜା ବିମଳଙ୍କ ନିମନ୍ତ୍ରଣ-ପତ୍ର ଦେଲେ, ସେଥିରେ ଶ୍ରୀକୃଷ୍ଣଙ୍କୁ ଚମ୍ପକନଗରୀକୁ ଆସି ରାଜକନ୍ୟାମାନଙ୍କ ପାଣି-ଗ୍ରହଣ କରିବା ପାଇଁ ପ୍ରାର୍ଥନା କରାଯାଇଥିଲା। ଶ୍ରୀକୃଷ୍ଣ, ମହାରାଜ ବିମଳଙ୍କ ନିମନ୍ତ୍ରଣ ପାଇ ଚମ୍ପକ ନଗରୀ ପହଞ୍ଚିଲେ ଆଉ ରାଜକନ୍ୟାମାନଙ୍କୁ ନିଜ ସାଥିରେ ବ୍ରଜମଣ୍ଡଳସ୍ଥ ଏହି କମନୀୟ କାମବନକୁ ନେଇ ଆସିଲେ। ଯେତେ ସଂଖ୍ୟକ ରାଜକନ୍ୟା ଥିଲେ, କୃଷ୍ଣ ସେତେ ସଂଖ୍ୟକ ରୂପ ଧରି ସେମାନଙ୍କୁ ଅଙ୍ଗୀକାର କଲେ। ସେମାନଙ୍କ ସହିତ ରାସ ଆଦି ବିବିଧ ପ୍ରକାରର କ୍ରୀଡ଼ା କଲେ। ସେହି କୁମାରିମାନଙ୍କ ଚିରକାଳୀନ ଅଭିଳାଷା ପୂର୍ଣ୍ଣ ହେଲା। ସେମାନଙ୍କ ଆନନ୍ଦାଶ୍ରୁରେ ପରିପୁରିତ ଏହି କୁଣ୍ଡ ବିମଳକୁଣ୍ଡ ନାମରେ ପ୍ରସିଦ୍ଧ ହେଲା। ଏହି ବିମଳକୁଣ୍ଡରେ ସ୍ନାନ କଲେ ଲୌକିକ, ଅଲୌକିକ ଏବଂ ଅପ୍ରାକୃତ ପାରଲୌକିକ ସବୁପ୍ରକାରର କାମନା ପୂର୍ଣ୍ଣ ହୋଇଥାଏ। ହୃଦୟ ନିର୍ମଳ ହୁଏ ତଥା ସେଥିରେ ବ୍ରଜଭକ୍ତିର ସଞ୍ଚାର ହୁଏ।

ଦ୍ୱିତୀୟ ପ୍ରସଙ୍ଗ—ଜନଶ୍ରୁତି ଅନୁସାରେ ଚାତୁର୍ମାସ୍ୟ କାଳେ ବିଶ୍ୱର ସମସ୍ତ ତୀର୍ଥ ବ୍ରଜକୁ ଆସିଥାନ୍ତି। ଥରେ ଚାତୁର୍ମାସ୍ୟ କାଳରେ ତୀର୍ଥରାଜ ପୁଷ୍କର ବ୍ରଜକୁ ଆସିଲେ ନାହିଁ। ଶ୍ରୀକୃଷ୍ଣ ଯୋଗମାୟାଙ୍କୁ ସ୍ମରଣ କଲେ। ସ୍ମରଣ କରିବାମାତ୍ରେ ପୃଥିବୀତଳରୁ ଏକ ଜଳପ୍ରବାହ ପ୍ରକଟ ହେଲା। ଆଶ୍ଚର୍ଯ୍ୟର କଥା ସେହି ପବିତ୍ର ଜଳର ପ୍ରବାହରୁ ସବୁପ୍ରକାର ମଳରୁ ରହିତ ନିର୍ମଳ ପରମ ସୁନ୍ଦର ଏକ କିଶୋରୀ ପ୍ରକଟ ହେଲେ। ଶ୍ରୀକୃଷ୍ଣ ସେହି ସୁନ୍ଦରୀଙ୍କ ସହିତ ଜଳ-ପ୍ରବାହରେ ବିବିଧପ୍ରକାର ଜଳବିହାର କରିଲାଗିଲେ। ସେହି କିଶୋରୀ ନିଜର ବିଶୁଦ୍ଧ ପ୍ରେମମୟୀ ସେବାଦ୍ୱାରା ଓ ସୌନ୍ଦର୍ଯ୍ୟ ଦ୍ୱାରା ପରମ ରସିକ ଶ୍ରୀକୃଷ୍ଣଙ୍କୁ ପରିତୃପ୍ତ କଲେ। ଶ୍ରୀକୃଷ୍ଣ ପରିତୃପ୍ତ ହୋଇ ସେହି କିଶୋରୀଙ୍କୁ ବରଦାନ ଦେଲେ ଯେ, ଆଜି ଠାରୁ ତୁମେ ବିମଳା ଦେବୀ ନାମରେ ବିଖ୍ୟାତ ହେବ। ଏହି କୁଣ୍ଡ ତୁମ୍ଭ ନାମରେ ପ୍ରସିଦ୍ଧ ହେବ। ଏଥିରେ ସ୍ନାନ କଲେ ତୀର୍ଥରାଜ ପୁଷ୍କରରେ ସ୍ନାନ କରିବା ଅପେକ୍ଷା ସାତଗୁଣା ଅଧିକ ପୁଣ୍ୟଫଳ ମିଳିବ। ସେହି ଠାରୁ ଏହି କୁଣ୍ଡ ବିମଳାକୁଣ୍ଡ ନାମରେ ବିଖ୍ୟାତ ହେଲା।

ଶ୍ରୀକୃଷ୍ଣଙ୍କ ଠାରେ ଭକ୍ତିପାଇବା ପାଇଁ ଏହି କୁଣ୍ଡର ତୀରରେ ବଡ଼ ବଡ଼ ଋଷି-ମହର୍ଷିମାନେ ବାସ କରିଛନ୍ତି। ମହର୍ଷି ଦୁର୍ବାସା ଏବଂ ପାଣ୍ଡବମାନେ ଏଠାରେ ନିବାସ କରିଥିଲେ। ପ୍ରତ୍ୟେକ ବ୍ରଜମଣ୍ଡଳ ପରିକ୍ରମା-ମଣ୍ଡଳୀ ଅଥବା ପରିକ୍ରମା କରୁଥିବା ଯାତ୍ରୀ ଏଠାରେ ନିବାସ କରନ୍ତି ତଥା ଏହି ଠାରୁ କାମ୍ୟବନ ପରିକ୍ରମା ଆରମ୍ଭ କରନ୍ତି।

('ଶ୍ରୀବ୍ରଜମଣ୍ଡଳ ପରିକ୍ରମା' ଗ୍ରନ୍ଥରୁ ସଂଗ୍ରହିତ)

# ପରମାର୍ଥରେ ଭେଜାଲ

ଏଇ ଯୁଗଟି ହେଉଛି ଭେଜାଲର ଯୁଗ। ଆଜିକାଲି ଏପରି କୌଣସି ଦ୍ରବ୍ୟ ମିଳେ ନା, ଯେଉଁଥିରେ ଭେଜାଲ ନାହିଁ। ଖାଦ୍ୟ ଦ୍ରବ୍ୟରେ ଭେଜାଲର କଥା ସହରର ଲୋକମାତ୍ରେ ଜାଣନ୍ତି। ଆମ୍ଭମାନଙ୍କର ପ୍ରଧାନ ଖାଦ୍ୟ ଦ୍ରବ୍ୟ ହେଉଛି ଚାଉଳ। ସେଥିରେ ଯଥେଷ୍ଟ ଭେଜାଲ ଚାଲିଛି। ଅବଶ୍ୟ ଚାଉଳ ନାଁରେ ଅନ୍ୟ ଦ୍ରବ୍ୟ ନ ଚଳାଇଲେ ମଧ୍ୟ ଗୋଦାମ ଘରେ 'ପାଇଲ' କରିବା ସମ୍ବାଦ ଅନେକେ ହିଁ ଜାଣନ୍ତି। ଉତ୍କୃଷ୍ଟ ଚାଉଳରେ ଅପେକ୍ଷାକୃତ ନିକୃଷ୍ଟ ଚାଉଳର ମିଶ୍ରଣରୂପକ ଭେଜାଲ ଅଛି, ପୁଣି ଗୋଡ଼ି-ମାଟି ମଧ୍ୟ ଅନେକ ସମୟରେ ଚାଉଳ ସହିତ ପାଇଲ କରା ହୁଏ। ତେଲ ଓ ଘିଅ ଭେଜାଲ ଦ୍ୱାରା ବିଷାକ୍ତ ହୋଇ ଧୀରେ ଧୀରେ ଲୋକଙ୍କ ପ୍ରାଣ ସଂହାରରେ ପ୍ରବୃତ୍ତ ହୋଇଅଛି। ଦୁଧରେ ଭେଜାଲ ସର୍ବତ୍ର ଚାଲିଛି। କପଡ଼ାରେ ପାଟର ଭେଜାଲ, ଜୁତାରେ ପିଚ୍‌ବୋର୍ଡ଼ ମାଟୀର ଭେଜାଲ, କଂସାପାତ୍ରରେ ମୃତ୍ତିକାର ଭେଜାଲ, ଆଉ କେତେ ଉଲ୍ଲେଖ କରାହେବ, ସର୍ବତ୍ର ହିଁ ଭେଜାଲ। ମନୁଷ୍ୟରେ ଭେଜାଲ, ପଶୁରେ ଭେଜାଲ, ଖାଦ୍ୟରେ ଭେଜାଲ, ପଥ୍ୟରେ ଭେଜାଲ, ଔଷଧରେ ଭେଜାଲ, ତୈଳ ଆଦିରେ ଭେଜାଲ, ପରିଧେୟରେ ଭେଜାଲ, କ୍ରୀଡ଼ାରେ ଭେଜାଲ,—ଭେଜାଲ ନାହିଁ କେଉଁଥିରେ ? ଏଇ ଜଗତରେ, ମାୟାରାଜ୍ୟରେ ସବୁ ପଦାର୍ଥ ହିଁ ଭେଜାଲ, କେବଳ ସେଇଥିରୁ କ୍ଷାନ୍ତ ହେଲେ ହିଁ ରକ୍ଷା। ପୁଣି ପରମାର୍ଥ ବ୍ୟାପାରରେ ମଧ୍ୟ ଭେଜାଲର ପ୍ରତିଦ୍ୱନ୍ଦ୍ୱିତା ଲାଗିଛି। ଅବଶ୍ୟ ଅପ୍ରାକୃତ ବୈକୁଣ୍ଠ ଅର୍ଥାତ୍ ମାୟାତୀତ ରାଜ୍ୟରେ (ଯେଉଁଠାରେ କୁଣ୍ଠା ବା ସୀମା ଧର୍ମ ବିଗତ ହୋଇଅଛି) ଭେଜାଲର ଦୁର୍ଗନ୍ଧ ପ୍ରବେଶ କରି ପାରେ ନାହିଁ, ଅତଏବ ପରମାର୍ଥ ଜଗତରେ ଭେଜାଲ ଚଳେ ନା। କିନ୍ତୁ କେତେଗୁଡ଼ିଏ ମାୟିକ ବ୍ୟାପାରକୁ ପରମାର୍ଥ ବୋଲି ପରିଚୟ ଦେଇ ପରମାର୍ଥରେ ମଧ୍ୟ ଭେଜାଲର ଦୌଡ଼ (ପ୍ରତିଦ୍ୱନ୍ଦ୍ୱିତା) ଚଳେଇବାର ଯତ୍ନ ଚାରିଦିଗରୁ ହେଉଅଛି। ଅସତର୍କ ବ୍ୟକ୍ତିମାନେ ସେଥିରେ ଭ୍ରମିତ ହୋଇ ଭେଜାଲକୁ ପରମାର୍ଥ ବୋଲି ଆଦର କରୁଛନ୍ତି ଓ ଯଥାର୍ଥ ପରମାର୍ଥକୁ ଅବହେଳା କରିବାକୁ ପଶ୍ଚାତ୍‌ପଦ ନୁହଁନ୍ତି।

ଭକ୍ତିମାର୍ଗରେ କନିଷ୍ଠ-ଅଧିକାରୀଙ୍କ ପକ୍ଷେ ଏକମାତ୍ର ଉପଜୀବ୍ୟ ଅର୍ଚ୍ଚନମାର୍ଗରେ ଭେଜାଲ ପ୍ରବେଶ କରିଅଛି। ଅନେକସ୍ଥଳରେ ବେତନଭୋଗୀ ପୂଜକ ବା ସାଧାରଣ ଗ୍ରାମ୍ୟଦେବତା ପୂଜକ ବ୍ରାହ୍ମଣ ଶ୍ରୀବିଗ୍ରହଙ୍କ ମନ୍ଦିରରେ ପଶି ଭକ୍ତିଶୂନ୍ୟ ଘଣ୍ଟି ବଜେଇ ଭେଜାଲରେ ବିଭୋର କରୁଅଛି। ପୁଣି ଯାତ୍ରିମାନଙ୍କ ନିକଟରୁ କେଉଁଠି ବଳପୂର୍ବକ, କେଉଁଠି ବା ମିଠାଆଳାପ ଦ୍ୱାରା ଭେଟି ନେଇ ପୁଣି କେଉଁଠି ଠାକୁର-ପ୍ରଣାମି ଆଦାୟପୂର୍ବକ ସେବାୟତ ଗୃହିଣୀର, ପୁତ୍ରବଧୂର ବା କନ୍ୟାର ଅଥବା ଶିଶୁପୁତ୍ରର ଆଭରଣ ପ୍ରସ୍ତୁତ କରି, ସେବାର ପରିବର୍ତ୍ତେ ଭୋଗର ଭେଜାଲ ପୂର୍ଣ୍ଣମାତ୍ରାରେ ଚଳାଇ ଶ୍ରୀବିଗ୍ରହଙ୍କୁ ପୂଜାର ବସ୍ତୁ ବା ପୂଜ୍ୟ ନ ମଣି ପୂଜାକାର୍ଯ୍ୟକୁ ଅର୍ଥ ଉପାର୍ଜ୍ଜନର ଯନ୍ତ୍ରରେ ପରିଣତ କରୁଅଛି। ହାୟ ହାୟ, ବଞ୍ଚକ ବଞ୍ଚିତ ନିରୀହ ବ୍ୟକ୍ତିମାନେ, ତୁମ୍ଭମାନଙ୍କର କଷ୍ଟ-ଅର୍ଜ୍ଜିତ ଅର୍ଥ ଶ୍ରୀବିଗ୍ରହଙ୍କ ସେବା ପରିବର୍ତ୍ତେ ଭୋଗୀର ସେବାରେ ଲାଗି ତୁମ୍ଭମାନଙ୍କର ଉଦ୍ଦେଶ୍ୟ ଭ୍ରଷ୍ଟ ହେଉଅଛି। ଆଉ ତୁମ୍ଭେମାନେ ଧର୍ମ ସଞ୍ଚିତ ହେଲା ଭାବି ନିଶ୍ଚିନ୍ତରେ ଅଛ।

ପରମାର୍ଥରେ ମଧ୍ୟମ-ଅଧିକାରୀଙ୍କ ପକ୍ଷେ ସେବ୍ୟ ତତ୍ତ୍ୱ ଶ୍ରୀକୃଷ୍ଣଙ୍କ ଠାରୁ ଅଭିନ୍ନ ଶ୍ରୀନାମର ସେବାରେ ମଧ୍ୟ ଭେଜାଲର ଉପଦ୍ରବ ବଢ଼ିଅଛି। ଶ୍ରୀନାମତତ୍ତ୍ୱ ଅକ୍ଷରାତ୍ମକ ବୋଲି ମନେ ହେଉଥିଲେ ମଧ୍ୟ ଅପ୍ରାକୃତ, ସ୍ୱୟଂ ଶ୍ରୀକୃଷ୍ଣଙ୍କ ଅବତାର। ଶ୍ରୀକୃଷ୍ଣଚୈତନ୍ୟ ମହାପ୍ରଭୁ ପୁରାଣୋକ୍ତ ଯେଉଁ

ଶ୍ରୀନାମ ମହାମନ୍ତ୍ର ଜଗତକୁ ଦେଲେ ତାହା ଓଲଟା ପାଲଟା କରି ଛଡ଼ା-ଗାନ କରି ନାମ ନେଲେ କି ଫଳୋଦୟ ହେବ ! ତାହା ହିଁ ହେଉଛି ନାମ ଗ୍ରହଣରେ ଭେଜାଲ। ଶ୍ରୀମନ୍ମହାପ୍ରଭୁଙ୍କ ଶ୍ରୀମୁଖ ଆଦେଶ ହେଉଛି—

**ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ।**
**ହରେ ରାମ ହରେ ରାମ ରାମ ରାମ ହରେ ହରେ।।**

**ପ୍ରଭୁ କହେ କହିଲାଙ୍ ଏଇ ମହାମନ୍ତ୍ର।**
**ଇହା ଜପ ଗିୟା ସବେ କରିୟା ନିର୍ବନ୍ଧ।।**

**ଇହା ହଇତେ ସର୍ବସିଦ୍ଧି ହଇବେ ସବାର।**
**ସର୍ବକ୍ଷଣ ବଲ ଇଥେ ବିଧି ନାହିଁ ଆର।।**

କେତେକ ଲୋକ ଶ୍ରୀମନ୍ମହାପ୍ରଭୁଙ୍କ ଏଇ ସ୍ପଷ୍ଟ ଆଦେଶକୁ ଉଲ୍ଲଙ୍ଘନପୂର୍ବକ ତାହାଙ୍କ ପ୍ରତି ଅତି-ଭକ୍ତିମାନ୍ ବୋଲି ନିଜକୁ ପ୍ରତିପାଦିତ କରୁଅଛନ୍ତି। ଗୁରୁପାରମ୍ପର୍ଯ୍ୟଗତ ଆମ୍ନାୟ ଉଲ୍ଲଙ୍ଘନପୂର୍ବକ ଅବତାରୀ ଶ୍ରୀମନ୍ମହାପ୍ରଭୁଙ୍କ ଆଦେଶର ବିରୋଧୀ ହୋଇ ମାଧୁର୍ଯ୍ୟପୂର୍ଣ୍ଣତତ୍ତ୍ୱ ଶ୍ରୀରାଧା-ଶ୍ୟାମଙ୍କ ନାମ ସହ ଔଦାର୍ଯ୍ୟବିଗ୍ରହ ଶ୍ରୀଗୌର-ନିତାଇଙ୍କ ନାମ ମିଶାଇ ଏକ କିମ୍ଭୂତ-କିମ୍ବାକାର ବସ୍ତୁ ପ୍ରସ୍ତୁତ କରିଅଛି। ଘୃତ-ମଧୁ-ସଂଯୋଗରେ ବିଷୋତ୍ପତ୍ତି ହେଲାଭଳି ମାଧୁର୍ଯ୍ୟ ଓ ଔଦାର୍ଯ୍ୟର ଅବୈଧ ମିଳନରେ ରସାଭାସ ସୃଷ୍ଟି କରି ଭୀଷଣ ଅପରାଧ ସଞ୍ଚୟ କରିଅଛି, କରୁଅଛି ଓ ଅନୁଗତ ନିରୀହ-ପ୍ରକୃତି ପ୍ରତ୍ୟୟବାନ୍ ଜନସଙ୍ଘକୁ ଶ୍ରୀନାମାପରାଧୀ କରି ପକାଉଛି। ସେମାନେ ବୁଝିବାର ଚେଷ୍ଟା କରୁନାହାଁନ୍ତି ଯେ, ଗୌର କୃଷ୍ଣ ଅଭେଦ ତତ୍ତ୍ୱ ହେଲେ ମଧ୍ୟ ଉଭୟଙ୍କ ଠାରେ ଲୀଳାଗତ ପାର୍ଥକ୍ୟ ରହିଛି। ଏଇସବୁ ସତର୍କତା-ଶୂନ୍ୟ ବ୍ୟକ୍ତିମାନଙ୍କର ମଙ୍ଗଳ ପାଇଁ ସହୃଦୟ ବୈଷ୍ଣବମାନେ ସର୍ବଦା ହିଁ ପ୍ରଚାର କରୁଅଛନ୍ତି ଯେ, ଏହା ଶାସ୍ତ୍ରବିରୁଦ୍ଧ ଓ ମହାଜନଙ୍କ ଅସମ୍ମତ। ଏଇ ଗୁରୁଅବଜ୍ଞାଜନିତ ଛଡ଼ାଗାନରେ ପରମାର୍ଥ ପ୍ରୟାସୀଙ୍କ ସମୂହ ଅମଙ୍ଗଳ ଘଟୁଅଛି। ସେଇଥିପାଇଁ କୁହାଯାଏ "ସାଧୁ ସାବଧାନ"। ପୁଣି ଗୋଟିଏ ପକ୍ଷେ ଏକ ସମ୍ପ୍ରଦାୟ ଶ୍ରୀନାମ ମହାମନ୍ତ୍ରରେ 'କୃଷ୍ଣ' ସ୍ଥଳରେ 'ଗୌର' ଓ 'ରାମ' ସ୍ଥଳରେ 'ନିତାଇ' ବସାଇ 'ହରେ ଗୌର' ଇତ୍ୟାଦି ମନ୍ତ୍ର ରଚନା କରି ଗୌର ଭକ୍ତିର ପରାକାଷ୍ଠା ହେଲା ବୋଲି ଭାବୁଛନ୍ତି। କିନ୍ତୁ ବୁଝୁନାହାଁନ୍ତି ଯେ, ତାହାଦ୍ୱାରା ଗୌର ଉଲ୍ଲଙ୍ଘନପୂର୍ବକ ହରିଭଜନରୁ ସେମାନେ ବିଚ୍ୟୁତ ହେଉଛନ୍ତି। ଏଇ ସମ୍ପ୍ରଦାୟର ଧାରଣା ଯେ, 'କୃଷ୍ଣ' ଅପେକ୍ଷା 'ଗୌର' ଶ୍ରେଷ୍ଠତତ୍ତ୍ୱ। ସେମାନଙ୍କର ଜ୍ଞାନ ନାହିଁ ଯେ, କୃଷ୍ଣ ଓ ଗୌର ଏକ ହିଁ ତତ୍ତ୍ୱ, କେବଳ ଲୀଳାଗତ ପାର୍ଥକ୍ୟ ବା ବୈଶିଷ୍ଟ୍ୟ ରହିଛି। ଗୋଟିଏ ଉତ୍କୃଷ୍ଟ ଆଉ ଅନ୍ୟଟି ନିକୃଷ୍ଟ ହୋଇ ନ ପାରେ; ଏହା ସେମାନଙ୍କର ବୋଧଗମ୍ୟ ହେଉନାହିଁ। ଏଇ ସବୁ ବ୍ୟକ୍ତି ନାମକୁ ନାମୀ ଠାରୁ ପୃଥକ୍ ବ୍ୟାପାର ମଣିଛନ୍ତି ଏବଂ ତାହାକୁ ପ୍ରକୃତିର ଅନ୍ତର୍ଭୁକ୍ତ ଅର୍ଥାତ୍ ପ୍ରାକୃତ ଧାରଣା କରିଛନ୍ତି। ନାମ କେବଳମାତ୍ର ଅକ୍ଷରାତ୍ମକ ଆଭିଧାନିକ ଶବ୍ଦମାତ୍ର ଏଇ ଭ୍ରମରେ ପଡ଼ିଅଛନ୍ତି, ତେଣୁ ସେମାନେ ଭାବୁଛନ୍ତି ସେମାନେ ଅକ୍ଷର ପରିବର୍ତ୍ତନ କରି ଶ୍ରୀନାମକୁ ଯେପରି ଇଚ୍ଛା ସେପରି ଆକାର ଦେଇ ପାରିବେ, ସେଥିରେ କୌଣସି ଦୋଷ ହେବ ନାହିଁ। କିନ୍ତୁ ତାହା ହିଁ ନାମରେ ଅର୍ଥବାଦ ରୂପକ ଦଶ-ନାମାପରାଧ ମଧ୍ୟରୁ ପଞ୍ଚମ ଅପରାଧ। ଅପରାଧନିର୍ମୁକ୍ତ ନ ହେଲେ ପ୍ରୟୋଜନ ସିଦ୍ଧି ହେବ ନାହିଁ। "ନିରପରାଧେ ନାମ ଲଇଲେ ପାୟ ପ୍ରେମଧନ।" ଅପରାଧ ଥିଲେ ପ୍ରେମଲାଭ ସମ୍ଭବ ନୁହେଁ। ତେଣୁ ପରମାର୍ଥର ପ୍ରଧାନ ସାଧନ ଓ ପରମ ସିଦ୍ଧି ଶ୍ରୀନାମରେ ମଧ୍ୟ ଭେଜାଲର ବ୍ୟବସ୍ଥା ହୋଇଅଛି।

ପୁଣି ଉତ୍ତମ-ଅଧିକାରୀଙ୍କ ଅବଲମ୍ବନୀୟ ଉପାସନା ପ୍ରଣାଳୀରେ ମଧ୍ୟ ଭେଜାଲ ଆଣି ଅନ୍ୟାଭିଳାଷିମାନେ ମହାଭାଗବତ ସାଜି ବାହାବା ନେଉଅଛନ୍ତି। ଆଉଲ, ବାଉଲ, କର୍ତ୍ତାଭଜା, ନେଡ଼ା, ଦରବେଶ, ସାଇଁ, ସହଜିୟା, ସଖୀ-ଭେକୀ, ଗୌରନାଗରୀ ପ୍ରଭୃତି ନାନା ଅପସମ୍ପ୍ରଦାୟ ନିଜ ନିଜ ଜଡ଼ ସୁବିଧା ଅନୁରୂପ ବ୍ୟଭିଚାର ପ୍ରଣାଳୀକୁ ଭଜନ-ପ୍ରଣାଳୀ ବୋଲି ଚଳାଇ ଉପାସନାରେ ଭେଜାଲର ସ୍ରୋତ ବୁହାଇ ଦେଇଛନ୍ତି। ଏମାନଙ୍କର ଗୋଟିଏ ଦୁଇଟି ଦୃଷ୍ଟାନ୍ତ ଦେଖାଇ ଆମ୍ଭେ ଭେଜାଲର ହାତରୁ ପରିତ୍ରାଣ ପାଇବାକୁ ଚେଷ୍ଟା କରିବୁ।

ଏବେ ସଖୀ-ଭେକୀମାନଙ୍କ କଥା କହୁଛି। ଶ୍ରୀମନ୍ମହାପ୍ରଭୁଙ୍କ ଭୃତ୍ୟ ଶ୍ରୀରୂପାନୁଗ ଭକ୍ତମାନେ ସର୍ବାପେକ୍ଷା

ଶ୍ରେଷ୍ଠ ଉପାସନାରୂପେ ଗୋପୀଭାବରେ ଶ୍ରୀଶ୍ରୀରାଧାକୃଷ୍ଣଙ୍କୁ ଭଜନ କରିଥାଆନ୍ତି। ଏ ସ୍ଥଳରେ ଆତ୍ମବୃତ୍ତିରେ ଅବସ୍ଥିତ ହୋଇ ସିଦ୍ଧଦେହରେ ଗୋପୀ ହୋଇ ସୁଷ୍ଠୁଭଜନରେ ପ୍ରବୃତ୍ତ ହୁଅନ୍ତି। ଏହା ହିଁ ଭଜନର ଚରମ ଅବସ୍ଥା। ତାହା ବୋଲି ଶ୍ରୀମନ୍ମହାପ୍ରଭୁ ସ୍ୱୟଂ ବା ତାହାଙ୍କ ଅନୁଗ ମହାଜନମାନେ ଅର୍ଥାତ୍ ଶ୍ରୀସ୍ୱରୂପ ଦାମୋଦର, ଶ୍ରୀରାମାନନ୍ଦ ରାୟ, ଶ୍ରୀଷଡ଼ଗୋସ୍ୱାମୀ ଓ ଅନ୍ୟାନ୍ୟ ପାର୍ଷଦ-ଭକ୍ତମାନେ, ଶ୍ରୀଳ କୃଷ୍ଣଦାସ କବିରାଜ ଗୋସ୍ୱାମୀ, ଶ୍ରୀଳ ନରୋତ୍ତମ ଠାକୁର ମହାଶୟ, ଶ୍ରୀଳ ଶ୍ରୀନିବାସ ଆଚାର୍ଯ୍ୟ ଠାକୁର, ଶ୍ରୀଳ ବିଶ୍ୱନାଥ ଚକ୍ରବର୍ତ୍ତୀ ପାଦ ପ୍ରଭୃତି କେହି ହେଲେ ବାହ୍ୟଦେହରେ ଆତ୍ମବୁଦ୍ଧି କରି ବିବର୍ତ୍ତର ଆଶ୍ରୟରେ ଏଇ ବାହ୍ୟଦେହରେ ସ୍ତ୍ରୀତ୍ୱ ଆରୋପପୂର୍ବକ ଭଜନ କରି ନାହାଁନ୍ତି। ବାହାରେ ସ୍ତ୍ରୀ-ଲୋକର ପୋଷାକ ପିନ୍ଧି ଅନ୍ତରରେ ପୁରୁଷ ଅଭିମାନ ପ୍ରବଳ ରଖି ଶ୍ରୀଶ୍ରୀରାଧାକୃଷ୍ଣ ଭଜନ ହୋଇ ନ ପାରେ। ଏପରି ପ୍ରଣାଳୀର ଶାସ୍ତ୍ରୀୟ ପ୍ରମାଣ ନାହିଁ। ଆଜି କାଲି ଦେଖୁଛୁ କେହି କେହି ଗୁରୁବର୍ଗଙ୍କୁ ଲଙ୍ଘନପୂର୍ବକ ସ୍ତ୍ରୀ-ଲୋକଙ୍କ ଭଳି ବସନଭୂଷଣରେ ଆବୃତ ହୋଇ ପ୍ରତ୍ୟହ ରାତ୍ରିକାଳରେ କ୍ଷୌରକାର୍ଯ୍ୟ ଦ୍ୱାରା ନିଶ, ଦାଢ଼ୀ କାଟି ସଭିଙ୍କ ସହିତ ବିଶେଷତଃ ସ୍ତ୍ରୀଲୋକଙ୍କ ଭଳି ଧୀର-ସ୍ୱରରେ କଥା କହି କପଟ ଦୈନ୍ୟର ଛଳନା କରି ସ୍ତ୍ରୀଭାବେ ଭଜନର ସୁବିଧା ବାହାର କରିଅଛନ୍ତି। ହାୟ ହାୟ ସର୍ବଶ୍ରେଷ୍ଠ ଗୋପୀଭାବ-ଭଜନରେ ମଧ୍ୟ ଭେଜାଲ କରିବାକୁ କୁଣ୍ଠାବୋଧ କରୁନାହାଁନ୍ତି। ଆଉ ଆଉଲ ବାଉଲ କର୍ତ୍ତାଭଜାମାନେ ଗୁରୁ ସାଜି କୃଷ୍ଣ ହୋଇ ବ୍ୟଭିଚାର ମାର୍ଗରେ ରାଧାକୃଷ୍ଣଙ୍କୁ କିଭଳି ଭଜୁଛନ୍ତି ତାହା ସମସ୍ତେ ଜାଣନ୍ତି ଏବଂ ସେମାନଙ୍କୁ ଘୃଣା ମଧ୍ୟ କରନ୍ତି। ଏଇସବୁ ଭେଜାଲ ହେତୁ ଲୋକେ ବୈଷ୍ଣବଙ୍କ ପ୍ରତି ବୀତଶ୍ରଦ୍ଧ ହୋଇ ଅପରାଧ ଅର୍ଜନ କରୁଅଛନ୍ତି; ଶୁଦ୍ଧ ଭକ୍ତମାନେ କୃପାଳୁ, ତେଣୁ ସେମାନେ ଏସବୁ ବିଷୟରେ ଲୋକଙ୍କ ଦୃଷ୍ଟି ଆକର୍ଷଣପୂର୍ବକ ସେମାନଙ୍କୁ ସାବଧାନ କରାଇ ଓ ବୈଷ୍ଣବଅପରାଧରୁ ମୁକ୍ତ କରାଇ ଜଗତର ଅଶେଷ ଉପକାର ସାଧନ କରୁଅଛନ୍ତି। ଏହା ସେମାନଙ୍କର ସ୍ୱାଭାବିକ ବୈଷ୍ଣବୋଚିତ କୃପା।

ଆଉ ଏକ ଦଳ ଧୂୟା (ଜନରବ, ଦଶଜଣଙ୍କ ମୁଖରେ ଆବୃତ୍ତ କଥା) ଧରିଛନ୍ତି ଯେ, ଶ୍ରୀ ଶ୍ରୀରାଧାକୃଷ୍ଣଙ୍କ ସେବା ବଦଳରେ ଶ୍ରୀ ଶ୍ରୀଗୌର-ବିଷ୍ଣୁପ୍ରିୟାଙ୍କ ଉପାସନା କରିବାକୁ ହେବ। ସେମାନଙ୍କର ମତ ହେଉଛି ସ୍ୱତନ୍ତ୍ରଭାବେ ଶ୍ରୀଗୌରସୁନ୍ଦର ଉପାସିତ ହୋଇ ନ ପାରନ୍ତି। ଗୋପୀମାନଙ୍କ ଭଳି ତାହାଙ୍କର ମଧ୍ୟ ଅନେକ ନାଗରୀ ସେବିକା ଅଛନ୍ତି। କ୍ରମେ କ୍ରମେ ସେମାନେ ଗୌର-ନାଗରୀ-ବାଦ ପ୍ରବଳ କରି ଭୂ-ଶକ୍ତି ଶ୍ରୀବିଷ୍ଣୁପ୍ରିୟା ଦେବୀଙ୍କୁ ନାନାବିଧ ସମ୍ଭୋଗ-ମୂର୍ତ୍ତିରେ ସଜାଇ ନାନାରୂପକ ସ୍ତ୍ରୀ-ଆଚାର ନାମରେ ନିଜ ଦେହରେ ଓ ମନରେ ଜଡ଼ସୁଖ ବୋଧ କରୁଅଛନ୍ତି। ଆଜିକାଲି କୋଲକାତା ଅଞ୍ଚଳରେ ଏଇ ଧୂୟା ଟିକିଏ କମ ହୋଇଥିଲେ ମଧ୍ୟ କୁମିଲ୍ଲା ଅଞ୍ଚଳରେ ଏହାର ଅତ୍ୟନ୍ତ ପ୍ରାଦୁର୍ଭାବ ହୋଇଅଛି। ସେଠାକାର ସାଧୁମାନେ ସାବଧାନ ହୁଅନ୍ତୁ ଏବଂ ଏଇସବୁ ଶାସ୍ତ୍ରବିରୁଦ୍ଧ ଅସଦାଚାରର ଭେଜାଲରେ କେହି ଯେପରି ପ୍ରତାରିତ ନ ହୁଅନ୍ତୁ।

ଶେଷରେ ଟିକିଏ ଗୁରୁଗିରିରୂପକ ବ୍ୟବସାୟର ଏବଂ ଭଡ଼ାଟିୟା ଭାଗବତ-ପାଠକଙ୍କ ଓ ବକ୍ତାଙ୍କ ଭେଜାଲର କଥା କହି ଭେଜାଲର ଉପସଂହାର କରିବି। ଭୋଗୀମାନେ ଗୁରୁ ସାଜି ଶିଷ୍ୟଙ୍କ ଠାରୁ ଅର୍ଥ ସଂଗ୍ରହପୂର୍ବକ ସ୍ତ୍ରୀ-ପୁତ୍ରଙ୍କ ବାବୁଗିରିର ବ୍ୟବସ୍ଥା କରୁଅଛନ୍ତି। ଆଉ ସେବ୍ୟ ଶ୍ରୀଶ୍ରୀମଦ୍ ଭାଗବତଙ୍କ ସେବା ନ କରି ତାହାଙ୍କ ଦ୍ୱାରା ନିଜ ସେବା କରାଇ ନେଉଛନ୍ତି ଓ ଭାଗବତ ପାଠ ଓ ବକ୍ତୃତା କରି ଅର୍ଥ-ଉପାର୍ଜନ କରୁଛନ୍ତି। ସେଇ ବକ୍ତୃତା ଓ ପାଠ ଶ୍ରବଣଦ୍ୱାରା ଅପରାଧ ବୃଦ୍ଧି ଛଡ଼ା ଅନ୍ୟ ଫଳ ନାହିଁ। ତେଣୁ କହୁଛି, 'ସାଧୁ ସାବଧାନ।' ଏଇସବୁ ଭେଜାଲରେ ପଡ଼ି ଚିତ୍କାର କଲେ ଜନସମୂହଙ୍କର ଅମଙ୍ଗଳ ହେବ। ତାହା ଅପେକ୍ଷା ଜାଗତିକ ବସ୍ତୁର ଭେଜାଲ ଅନେକ କମ କ୍ଷତିକାରକ।

('ଗୌଡ଼ୀୟ', ୧ମ ବର୍ଷ, ୧ମ ସଂଖ୍ୟାରୁ ଅନୁଦିତ)



# ଶ୍ରୀଲ ଗୁରୁଦେବଙ୍କ ଅପ୍ରାକୃତ ଶିକ୍ଷାମୂଳକ ଜୀବନଚରିତ ଓ ସ୍ମୃତି-୮

ଶ୍ରୀପାଦ ଭକ୍ତିବେଦାନ୍ତ ମାଧବ ମହାରାଜ

**ପ୍ରତିଷ୍ଠାନର ସେବା ଏବଂ ଭକ୍ତମାନଙ୍କୁ ସେବା**

ଶ୍ରୀଲ ଗୁରୁଦେବ ଭକ୍ତିବେଦାନ୍ତ ନାରାୟଣ ଗୋସ୍ୱାମୀ ମହାରାଜ ନିତ୍ୟଲୀଳାପ୍ରବିଷ୍ଟ ଓଁ ବିଷ୍ଣୁପାଦ ଅଷ୍ଟୋତ୍ତରଶତ ଶ୍ରୀ ଶ୍ରୀମଦ୍ ଭକ୍ତିପ୍ରଜ୍ଞାନ କେଶବ ଗୋସ୍ୱାମୀ ମହାରାଜଙ୍କ ଦ୍ୱାରା ସଂସ୍ଥାପିତ ଶ୍ରୀଗୌଡ଼ୀୟ ବେଦାନ୍ତ ସମିତିର ସହ-ସଭାପତି ଥିଲେ। ଶ୍ରୀ ଶ୍ରୀମଦ୍ ଭକ୍ତିବେଦାନ୍ତ ବାମନ ଗୋସ୍ୱାମୀ ମହାରାଜ ସମିତିର ସଭାପତି ଥିଲେ ଏବଂ ଶ୍ରୀ ଶ୍ରୀମଦ୍ ଭକ୍ତିବେଦାନ୍ତ ତ୍ରିବିକ୍ରମ ଗୋସ୍ୱାମୀ ମହାରାଜ ସାଧାରଣ ସଚୀବ ଥିଲେ। ଏହି ତିନିଜଣ ଶ୍ରୀଗୌଡ଼ୀୟ ବେଦାନ୍ତ ସମିତିର ତିନୋଟି ପ୍ରମୁଖ ସ୍ତମ୍ଭ ଥିଲେ। ଅନେକ ବର୍ଷପର୍ଯ୍ୟନ୍ତ ଶ୍ରୀଲ ଗୁରୁଦେବ ସେହି ପଦବୀରେ ରହି ତାହାଙ୍କ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିଥିଲେ। ତାହାଙ୍କ ପ୍ରଭାବ ସମିତିରେ ଏବଂ ଭକ୍ତମଣ୍ଡଳୀରେ ବିଶେଷଭାବେ ବିସ୍ତାରିତ ହୋଇଥିଲା। ସେ ଭାରତବର୍ଷର ବିଭିନ୍ନ ସ୍ଥାନକୁ ଯାଇ ମହାପ୍ରଭୁଙ୍କ ବାଣୀର ବିପୁଳ ପ୍ରଚାର ମଧ୍ୟ କରୁଥିଲେ। ୧୯୯୬ ମସିହାରୁ ସେ ସୁଦୂର ପାଶ୍ଚାତ୍ୟଦେଶକୁ ଯାଇ ମହାପ୍ରଭୁଙ୍କ ବାଣୀର ପ୍ରଚାର-ସେବା ଆରମ୍ଭ କରିଥିଲେ। ତାହାର ଫଳସ୍ୱରୂପ ପାଶ୍ଚାତ୍ୟଦେଶରେ ତାହାଙ୍କ ପ୍ରଭାବ ବିସ୍ତାର ଲାଭ କରିବାକୁ ଲାଗିଲା ଏବଂ ଅନେକ ଶ୍ରଦ୍ଧାଳୁ ଭକ୍ତମାନେ ତାହାଙ୍କ ଶ୍ରୀଚରଣକୁ ଆଶ୍ରା କରି ହରିଭଜନରେ ପ୍ରବୃତ୍ତ ହେଲେ।

ହଠାତ୍ ୨୦୦୨ ମସିହା କାର୍ତ୍ତିକ ମାସ ଶୁକ୍ଳ ଚତୁର୍ଥୀ ତିଥିରେ ପୂଜ୍ୟପାଦ ଶ୍ରୀ ଶ୍ରୀମଦ୍ ଭକ୍ତିବେଦାନ୍ତ ତ୍ରିବିକ୍ରମ ଗୋସ୍ୱାମୀ ମହାରାଜ ଅପ୍ରକଟ ଲୀଳା ପ୍ରକାଶ କରନ୍ତେ ଶ୍ରୀ ଶ୍ରୀମଦ୍ ଭକ୍ତିବେଦାନ୍ତ ବାମନ ଗୋସ୍ୱାମୀ ମହାରାଜ ହଠାତ୍ ସ୍ତବ୍ଧ ହୋଇ ଅନ୍ୟମାନଙ୍କ ସହିତ ବାର୍ତ୍ତାଳାପ କରିବା ବନ୍ଦ କରିଦେଲେ। ସେ ନିଜ ଆଖ-ପାଖରେ ଥିବା ବ୍ୟକ୍ତିମାନଙ୍କୁ ଆଉ ଚିହ୍ନି ପାରୁ ନଥିଲେ। କିନ୍ତୁ ଶ୍ରୀଲ ଗୁରୁଦେବ ଯେତେବେଳେ ତାହାଙ୍କୁ ଭେଟିବା ପାଇଁ ଆସି ପହଞ୍ଚିଲେ, ସେ ନିଜର ପ୍ରିୟ ଗୁରୁଭ୍ରାତାଙ୍କୁ ତତ୍କ୍ଷଣାତ୍ ଚିହ୍ନି ପାରିଥିଲେ, ସେତେବେଳେ ତାହାଙ୍କ ଠାରେ ଆଉ ସେହି ଅଚିହ୍ନା ରୋଗର କୌଣସି ଚିହ୍ନ ନଥିଲା। ତହୁଁ ଉଭୟଙ୍କ ମଧ୍ୟରେ ଅନେକ ସମୟପର୍ଯ୍ୟନ୍ତ ମଠବାସ ଠାରୁ ଆରମ୍ଭ କରି ଯାବତୀୟ ସେବା କିଭଳିଭାବେ ମିଳିମିଶି ସମ୍ପାଦନ କରୁଥିଲେ, ସେହି ବାର୍ତ୍ତାଳାପ ହୋଇଥିଲା। ମଥୁରା ମଠର କୌଣସି ଭକ୍ତ ବା ବ୍ରହ୍ମଚାରୀ ତାହାଙ୍କୁ ଦର୍ଶନ ପାଇଁ ଆସୁଥିଲେ ସେ ସଭିଙ୍କୁ ଚିହ୍ନି ପାରୁଥିଲେ ଏବଂ ସେମାନଙ୍କ ପ୍ରଶ୍ନର ଉତ୍ତର ମଧ୍ୟ ଦେଉଥିଲେ। ସେତେବେଳେ ତାହାଙ୍କ ଠାରେ ପୂର୍ବ ଅଚିହ୍ନା ରୋଗର କୌଣସି ଲକ୍ଷଣ ଦେଖାଯାଉ ନଥିଲା।

ଶ୍ରୀଲ ଗୁରୁଦେବଙ୍କ ପରିବର୍ଦ୍ଧିତ ଭକ୍ତିମୟ ପ୍ରଭାବକୁ ଦେଖି କେତେକ ଅସହିଷ୍ଣୁ ସମ୍ପ୍ରଦାୟ ତାହାଙ୍କ ପ୍ରତି ଅସୂୟାଭାବାପନ୍ନ ହୋଇ ପ୍ରତ୍ୟକ୍ଷ ଓ ଅପ୍ରତ୍ୟକ୍ଷଭାବେ ତାହାଙ୍କୁ ଅସମ୍ମାନ ପ୍ରଦର୍ଶନ ଏବଂ ସମାଲୋଚନା କରିବାକୁ ଆରମ୍ଭ କରନ୍ତେ ଶ୍ରୀଲ ଗୁରୁଦେବ ୨୦୦୩ ମାର୍ଚ୍ଚ ମାସ ନବଦ୍ୱୀପ-ଧାମ ପରିକ୍ରମା ଏବଂ ଗୌରପୂର୍ଣ୍ଣିମା ମହୋତ୍ସବ ସମାପ୍ତ ପରେ ନିଜ ପଦବୀରୁ ନିବୃତ୍ତି ଗ୍ରହଣପୂର୍ବକ ଶ୍ରୀଗୌଡ଼ୀୟ ବେଦାନ୍ତ ସମିତିକୁ ଛାଡ଼ି ଆସି ନିଜସ୍ୱ ସମିତି ଏବଂ ମନ୍ଦିର ସ୍ଥାପନା କଲେ। ସେ ତାହାଙ୍କ ଗୁରୁଦେବ ଶ୍ରୀ ଶ୍ରୀମଦ୍ ଭକ୍ତିପ୍ରଜ୍ଞାନ

କେଶବ ଗୋସ୍ୱାମୀ ମହାରାଜଙ୍କ ମନୋଽଭୀଷ୍ଟ ସେବାରେ ଆହୁରି ଅଧିକ ଉତ୍ସାହର ସହିତ ନିଯୁକ୍ତ ହେବା ସହିତ ନିଜ ଅନୁଯାୟିମାନଙ୍କୁ ମଧ୍ୟ ସେହି ସେବାରେ ନିଯୁକ୍ତ କଲେ। ତାହାଙ୍କ ସାଧୁତା ଏବଂ ନିଷ୍କପଟ ଚରିତ୍ର ପ୍ରତି ଆକୃଷ୍ଟ ହୋଇ ବହୁସଂଖ୍ୟକ ଶ୍ରଦ୍ଧାଳୁ ବ୍ୟକ୍ତିମାନେ ତାହାଙ୍କ ଅନୁଯାୟୀ ହେବାକୁ ଲାଗିଲେ। ତାହାଙ୍କ ଅନୁଯାୟିମାନଙ୍କ ସଂଖ୍ୟା ବିପୁଳ ଭାବେ ବୃଦ୍ଧିପ୍ରାପ୍ତ ହେଲା।

ମହାଦେବ ଅତୀତର ଘଟଣାମାନଙ୍କୁ କୌଣସି ଗୁରୁତ୍ୱ ଦିଅନ୍ତି ନାହିଁ ତଥା ତାହାକୁ ଭୁଲି ଯାଇଥାନ୍ତି ଏବଂ ଯିଏ ତାହାଙ୍କୁ ଯାହା ବର ମାଗନ୍ତି, ସେ ତାହାକୁ ତୁରନ୍ତ ଦେଇ ଦିଅନ୍ତି। ଶ୍ରୀଳ ଗୁରୁଦେବଙ୍କ ଚରିତ୍ରରେ ମଧ୍ୟ ଠିକ୍ ସେହିଭଳି ଘଟଣାମାନ ଦେଖାଯାଇଥାଏ। ପୂର୍ବେ ତାହାଙ୍କୁ ଅପମାନ କରିଥିବା କୌଣସି ବ୍ୟକ୍ତି ମଧ୍ୟ ଯଦି ତାହାଙ୍କୁ ଦର୍ଶନ ପାଇଁ ଆସୁଥିଲେ, ସେ ସେମାନଙ୍କୁ ପୂର୍ବବତ୍ ଅତି ସହଜ ସ୍ନେହପୂର୍ଣ୍ଣ ବ୍ୟବହାର କରୁଥିଲେ; ସତେ ଯେପରି ପୂର୍ବରେ କିଛି ଘଟଣା ଘଟି ନାହିଁ। ପୂର୍ବଘଟିତ ସମସ୍ତ ଅପ୍ରୀତିକର ଘଟଣାମାନଙ୍କୁ ସେ ଗୁରୁତ୍ୱ ଦେଉ ନଥିଲେ ଅଥବା ତାହାକୁ ଭୁଲି ଯାଉଥିଲେ। ସେହି ବ୍ୟକ୍ତି ଯାହା ମାଗୁଥିଲେ ଶ୍ରୀଳ ଗୁରୁଦେବ ସେହି ବସ୍ତୁ ତାହାଙ୍କୁ ଦେଇ ଦେଉଥିଲେ ଏବଂ ପ୍ରୀତିମୟ ବ୍ୟବହାର କରୁଥିଲେ। ଏହା ତାହାଙ୍କ ନିତ୍ୟ ସ୍ୱଭାବ ଥିଲା।

### ଶ୍ରୀଳ ଭକ୍ତିବେଦାନ୍ତ ସ୍ୱାମୀ ମହାରାଜଙ୍କୁ ସେବା

ପରମ ପୂଜ୍ୟପାଦ ଶ୍ରୀ ଶ୍ରୀମଦ୍ ଭକ୍ତିବେଦାନ୍ତ ସ୍ୱାମୀ ମହାରାଜ ଶ୍ରୀ ଶ୍ରୀମଦ୍ ଭକ୍ତିପ୍ରଜ୍ଞାନ କେଶବ ଗୋସ୍ୱାମୀ ମହାରାଜଙ୍କ ଅତି ପ୍ରିୟ ଗୁରୁଭ୍ରାତା ଥିଲେ। ସେ ଶ୍ରୀଳ ଗୁରୁଦେବଙ୍କ ଠାରୁ ଜ୍ୟେଷ୍ଠ ଏବଂ ଶ୍ରେଷ୍ଠ ହୋଇଥିବାରୁ ଶ୍ରୀଳ ଗୁରୁଦେବ ତାଙ୍କୁ ନିଜର ଶିକ୍ଷାଗୁରୁ ଏବଂ ପ୍ରିୟ ବନ୍ଧୁ ମଣୁଥିଲେ। ଜଣେ ଶିଷ୍ୟ ଭଳି ତାହାଙ୍କୁ ଆଦର, ସମ୍ମାନ, ସ୍ନେହ-ପ୍ରୀତି ଓ ସେବା ଆଦି କରୁଥିଲେ। ଶ୍ରୀ ଶ୍ରୀମଦ୍ ଭକ୍ତିପ୍ରଜ୍ଞାନ କେଶବ ଗୋସ୍ୱାମୀ ମହାରାଜ ୧୯୫୯ ମସିହାରେ ଯେତେବେଳେ ଶ୍ରୀଳ ସ୍ୱାମୀ ମହାରାଜଙ୍କୁ ସନ୍ନ୍ୟାସ-ଦୀକ୍ଷା ପ୍ରଦାନ କଲେ, ସେତେବେଳେ ଶ୍ରୀଳ ଗୁରୁଦେବ (ଯିଏ କି ୧୯୫୨ ମସିହାରେ ସନ୍ନ୍ୟାସ ଗ୍ରହଣ କରିଥିଲେ) ଶ୍ରୀକେଶବଜୀ ଗୌଡ଼ୀୟ ମଠ, ମଥୁରାରେ ସେହି ସନ୍ନ୍ୟାସ-ଦୀକ୍ଷାର ଅନୁଷ୍ଠାନରେ ଯଜ୍ଞ ଆଦିର ବ୍ୟବସ୍ଥା କରିଥିଲେ ଏବଂ ପୁରୋହିତ କାର୍ଯ୍ୟ ମଧ୍ୟ ସମ୍ପାଦନା କରିଥିଲେ। ଏପରିକି ସେ ସେହି ଅନୁଷ୍ଠାନ ପାଇଁ ସନ୍ନ୍ୟାସ-ଦଣ୍ଡ ଇତ୍ୟାଦି ପ୍ରସ୍ତୁତ କରିଥିଲେ ଏବଂ ସନ୍ନ୍ୟାସ-ବସ୍ତ୍ର କିଭଳି ଭାବେ ପିନ୍ଧିବାକୁ ହୁଏ, କିଭଳି ସନ୍ନ୍ୟାସ-ଆଶ୍ରମର ନିୟମମାନଙ୍କୁ ପାଳିବାକୁ ହୁଏ ଏବଂ ଅନ୍ୟାନ୍ୟ ଉପଯୋଗୀ ବିଷୟମାନ ତାହାଙ୍କୁ ଶିଖାଇ ଦେଇଥିଲେ।

ଶ୍ରୀଳ ଭକ୍ତିବେଦାନ୍ତ ସ୍ୱାମୀ ମହାରାଜଙ୍କ ସହିତ ଶ୍ରୀଳ ଗୁରୁଦେବଙ୍କର ଥିବା ଘନିଷ୍ଠ ସମ୍ବନ୍ଧ ବିଷୟରେ ସେ ଅନେକ ସମୟରେ ଆମ୍ଭମାନଙ୍କୁ ବର୍ଣ୍ଣନା କରୁଥିଲେ। ଶ୍ରୀଳ ଭକ୍ତିବେଦାନ୍ତ ସ୍ୱାମୀ ମହାରାଜ ପାଶ୍ଚାତ୍ୟ ଦେଶରେ ପ୍ରଚାର ହେତୁ ଇସ୍କନ ସଂସ୍ଥା ସ୍ଥାପନା କରୁଥିଲାବେଳେ ପ୍ରାୟତଃ ଶ୍ରୀଳ ଗୁରୁଦେବଙ୍କ ନିକଟକୁ ନିଜ ହସ୍ତଲିଖିତ ପତ୍ରମାନ ପଠାଉଥିଲେ। ପ୍ରଚାର ସମ୍ବନ୍ଧୀୟ ସମସ୍ତ ଘଟଣା ଗୁଡ଼ିକ ବିଷୟରେ ପତ୍ର ମାଧ୍ୟମରେ ଅବଗତ କରାଉଥିଲେ ଏବଂ ସେଠାରେ ଆବଶ୍ୟକୀୟ ବସ୍ତୁମାନଙ୍କୁ—ଯଥା ମଥୁରାରୁ ପେଡ଼ା, ନବଦ୍ୱୀପରୁ ମୃଦଙ୍ଗ-କରତାଳ ଓ ଶ୍ରୀବୃନ୍ଦାବନରୁ ଶ୍ରୀବିଗ୍ରହ ଇତ୍ୟାଦି ସେଠାକୁ ପଠାଇବା ପାଇଁ ପତ୍ରରେ ନିବେଦନ କରୁଥିଲେ। ସେ ଏହା ମଧ୍ୟ ଲେଖୁଥିଲେ ଯେ,—'ଯଦ୍ୟପି ମୁଁ ଅନୁଭବ କରୁଛି ଯେ, ଏହି ସମସ୍ତ ବସ୍ତୁକୁ ସଂଗ୍ରହ ପାଇଁ ତୁମକୁ ବିଭିନ୍ନ ସ୍ଥାନକୁ ଯିବା ପାଇଁ ଏବଂ ପଠାଇବା ପାଇଁ କଷ୍ଟ ବୋଧ ହୋଇପାରେ, ତଥାପି ମୋ' ସେବା ପାଇଁ ଏହି ସମସ୍ତ ବସ୍ତୁ ସଂଗ୍ରହ କରି ପଠାଅ।'

ଶ୍ରୀଳ ଗୁରୁଦେବ ଏଠାରୁ ସ୍ୱାମୀ ମହାରାଜଙ୍କ ଗ୍ରନ୍ଥମାନଙ୍କୁ ମଧ୍ୟ ତାହାଙ୍କ ପାଖକୁ ପଠାଉଥିଲେ। ଏହିପରି ଭାବେ ଶ୍ରୀଳ ଗୁରୁଦେବ ପ୍ରାରମ୍ଭରୁ ତାହାଙ୍କ ବିଶ୍ୱବ୍ୟାପୀ ପ୍ରଚାର କାର୍ଯ୍ୟରେ ଅନେକପ୍ରକାରେ ସହାୟତା କରି ଆସୁଥିଲେ। ଶ୍ରୀଳ ଭକ୍ତିବେଦାନ୍ତ ସ୍ୱାମୀ ମହାରାଜ ଯେତେବେଳେ ପାଶ୍ଚାତ୍ୟଦେଶରୁ ପ୍ରଥମଥର ପାଇଁ ଭାରତ ପ୍ରତ୍ୟାବର୍ତ୍ତନ କଲେ, ସେତେବେଳେ ଶ୍ରୀଳ ଗୁରୁଦେବ ତାହାଙ୍କୁ ଦିଲ୍ଲୀ ବିମାନବନ୍ଦରରୁ ପାଛୋଟି ଆଣିବା ପାଇଁ ସେଠାରେ ଉପସ୍ଥିତ ହୋଇଥିଲେ। ଶ୍ରୀଳ ସ୍ୱାମୀ ମହାରାଜ ମଧ୍ୟ ଆମେରିକା ଆଦି ପାଶ୍ଚାତ୍ୟ ଦେଶରେ ଘଟିଥିବା ପ୍ରଚାରକାଳୀନ ବିଭିନ୍ନ ଘଟଣାମାନଙ୍କୁ ଶ୍ରୀଳ ଗୁରୁଦେବଙ୍କୁ

ବର୍ଣ୍ଣନା କରୁଥିଲେ। ଶ୍ରୀଳ ସ୍ୱାମୀ ମହାରାଜଙ୍କର ଶ୍ରୀଳ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ଠାକୁରଙ୍କ ସହିତ ଯେଭଳି ଅପ୍ରାକୃତ ସମ୍ବନ୍ଧ ଥିଲା ସେହିଭଳି ଶ୍ରୀଳ ଗୁରୁଦେବଙ୍କ ସହିତ ତାହାଙ୍କ ସମ୍ବନ୍ଧ ଅପ୍ରାକୃତ ଚିନ୍ମୟ ସ୍ତରର ଥିଲା ବୋଲି ଶ୍ରୀଳ ସ୍ୱାମୀ ମହାରାଜ ଅନେକ ସ୍ଥଳରେ ଉଲ୍ଲେଖ କରୁଥିଲେ।

ଶ୍ରୀଳ ଗୁରୁଦେବ ଶ୍ରୀଳ ସ୍ୱାମୀ ମହାରାଜଙ୍କୁ ନିଜର ଶିକ୍ଷାଗୁରୁ ଓ ପ୍ରିୟ ବନ୍ଧୁ ବୋଲି ଅଭିହିତ କରୁଥିଲେ। ତେଣୁ ସେ ତାହାଙ୍କ ପଦାଙ୍କ ଅନୁସରଣରେ ୧୯୯୬ ମସିହାରେ ପ୍ରଥମଥର ପାଇଁ ପାଶ୍ଚାତ୍ୟ ଦେଶରେ ଗୌରବାଣୀ-ପ୍ରଚାର ସେବା ଆରମ୍ଭ କରିଥିଲେ। ପୂର୍ବରୁ ଶ୍ରୀଳ ସ୍ୱାମୀ ମହାରାଜ କହିଥିଲେ ଯେ, ଶ୍ରୀଳ ଭକ୍ତିବେଦାନ୍ତ ନାରାୟଣ ମହାରାଜ ଜଣେ ଉପଯୁକ୍ତ ଗୁରୁସେବକ ଅଟନ୍ତି। ସେ ବହୁବାର ତାଙ୍କୁ ପାଶ୍ଚାତ୍ୟ ଦେଶକୁ ଆସି ପ୍ରଚାର ସେବା କରିବାକୁ ପ୍ରୋତ୍ସାହିତ ମଧ୍ୟ କରିଥିଲେ। ଯଦ୍ୟପି ଶ୍ରୀଳ ଗୁରୁଦେବ ତାହାଙ୍କ ନିମନ୍ତ୍ରଣକୁ ଯଥାର୍ଥ ସମ୍ମାନ ଦେଉଥିଲେ ତଥାପି ନିଜ ଗୁରୁଦେବ ଶ୍ରୀଳ ଭକ୍ତିପ୍ରଜ୍ଞାନ କେଶବ ଗୋସ୍ୱାମୀ ମହାରାଜଙ୍କ ସେବାକୁ ଛାଡ଼ି ବର୍ତ୍ତମାନ ଯାଇ ପାରିବେ ନାହିଁ ଏବଂ ପରେ ସେହି ସେବାକୁ ସମ୍ପାଦନ କରିବେ ବୋଲି ଜଣାଇଥିଲେ। ଯେହେତୁ ସେହି ସମୟରେ ଶ୍ରୀଳ ଗୁରୁଦେବ ପ୍ରାୟତଃ ଶ୍ରୀଳ ଭକ୍ତିପ୍ରଜ୍ଞାନ କେଶବ ଗୋସ୍ୱାମୀ ମହାରାଜଙ୍କ ସହିତ ପ୍ରଚାର ଉଦ୍ଦେଶ୍ୟରେ ଭାରତର ବିଭିନ୍ନ ସ୍ଥାନକୁ ଯାତ୍ରା କରୁଥିଲେ ଏବଂ ତାହାଙ୍କ ନିଜସ୍ୱ-ସେବକରୂପେ ସେବା ସମ୍ପାଦନା କରୁଥିଲେ। ସେ ମଧ୍ୟ ତତ୍କାଳିନ ଗୌଡ଼ୀୟ ପତ୍ରିକାର ସମ୍ପାଦନାରେ ଏବଂ ବିତରଣରେ ବିଭିନ୍ନ ସେବା ସହାୟତା କରୁଥିଲେ। ପୁଣି ବାର୍ଷିକ ନବଦ୍ୱୀପ-ଧାମ ପରିକ୍ରମାର ଏବଂ ବ୍ରଜମଣ୍ଡଳ-ପରିକ୍ରମାର ପରିଚାଳନାରେ ବିଭିନ୍ନ ଦାୟିତ୍ୱପୂର୍ଣ୍ଣ ସେବା ସମ୍ପାଦନା କରୁଥିଲେ। ସେତେବେଳେ ପ୍ରାୟ ଦଶହଜାର ଶ୍ରଦ୍ଧାଳୁ ଭକ୍ତ ଶ୍ରୀନବଦ୍ୱୀପ-ଧାମ ପରିକ୍ରମାରେ ଯୋଗ ଦେଉଥିଲେ। ଶ୍ରୀଳ ସ୍ୱାମୀ ମହାରାଜ ଶ୍ରୀଳ ଭକ୍ତିପ୍ରଜ୍ଞାନ କେଶବ ଗୋସ୍ୱାମୀ ମହାରାଜଙ୍କ ସହିତ ଶ୍ରୀଗୌଡ଼ୀୟ ବେଦାନ୍ତ ସମିତିର ଜଣେ ଫାଉଣ୍ଡର ମେମ୍ବର ଭାବେ ସମିତି ସ୍ଥାପନାରେ ପ୍ରତ୍ୟକ୍ଷ ଭୂମିକା ଗ୍ରହଣ କରିଥିଲେ। ପରବର୍ତ୍ତୀକାଳେ ଶ୍ରୀଳ ଗୁରୁଦେବ ଶ୍ରୀଳ ସ୍ୱାମୀ ମହାରାଜଙ୍କ ମନୋଽଭୀଷ୍ଟ ସେବା ଅର୍ଥାତ୍ ପାଶ୍ଚାତ୍ୟ ଦେଶରେ ମହାପ୍ରଭୁଙ୍କ ବାଣୀକୁ ବିପୁଳ ଭାବେ ପ୍ରଚାର ପ୍ରସାର ଦ୍ୱାରା ତାହାଙ୍କ ଉପଯୁକ୍ତ ଶିଷ୍ୟତ୍ୱର ପରିଚୟ ଦେଇଥିଲେ। ସେ ସମଗ୍ର ବିଶ୍ୱକୁ ପ୍ରାୟ ତିରିଶ ଥର ପରିଭ୍ରମଣପୂର୍ବକ ସର୍ବତ୍ର ଶ୍ରୀଳ ସ୍ୱାମୀ ମହାରାଜଙ୍କ ମନୋଽଭୀଷ୍ଟକୁ ସ୍ଥାପନା କରିଥିଲେ।

ସମୟ କ୍ରମେ ଶ୍ରୀଳ ଭକ୍ତିପ୍ରଜ୍ଞାନ କେଶବ ଗୋସ୍ୱାମୀ ମହାରାଜଙ୍କ ଶାରୀରିକ ଅସୁସ୍ଥତା ହେତୁ ଶ୍ରୀଳ ଗୁରୁଦେବ ସର୍ବଦା ତାହାଙ୍କ ପାଖେ ପାଖେ ରହୁଥିଲେ ଏବଂ ତାହାଙ୍କ ଅନ୍ତିମ ସମୟ ପର୍ଯ୍ୟନ୍ତ ଦିନ-ରାତି ତାହାଙ୍କ ସେବାରେ ସମର୍ପିତ ଥିଲେ।

ଏହିପରି ଭାବେ ୧୯୬୮ ମସିହା, କାର୍ତ୍ତିକ ମାସ, ଅକ୍ଟୋବର ୬ ତାରିଖ, ରବିବାର ଦିନ ଶ୍ରୀନବଦ୍ୱୀପ ଧାମସ୍ଥ ଶ୍ରୀଗୌଡ଼ୀୟ ବେଦାନ୍ତ ସମିତିର ମୂଳ ମଠ ଶ୍ରୀଦେବାନନ୍ଦ ଗୌଡ଼ୀୟ ମଠରେ ନିଜ ଅନ୍ତରଙ୍ଗ ଜନ, ଗୁରୁଭ୍ରାତାମାନଙ୍କ ଏବଂ ଶିଷ୍ୟ-ପ୍ରଶିଷ୍ୟମାନଙ୍କ ଗହଣରେ, ଶ୍ରୀହରିନାମ ସଙ୍କୀର୍ତ୍ତନ ମୁଖରିତ ପରିବେଶରେ, ଶ୍ରୀଳ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ଆଲେଖକୁ ହୃଦୟରେ ଧରି, **"ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ। ହରେ ରାମ ହରେ ରାମ ରାମ ରାମ ହରେ ହରେ।।"** —ମନ୍ତ୍ରର ଉଚ୍ଚାରଣପୂର୍ବକ ଇହ ଲୀଳାକୁ ସମ୍ବରଣ କରି ନିତ୍ୟ ଗୋଲୋକ ବୃନ୍ଦାବନରେ ଶ୍ରୀରାଧା-ବିନୋଦବିହାରୀଙ୍କ ନିତ୍ୟସେବାରେ ନିଯୁକ୍ତ ହେଲେ। ଠିକ୍ ସେତିକିବେଳେ ଶ୍ରୀଦେବାନନ୍ଦ ଗୌଡ଼ୀୟ ମଠରେ ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟାକାଳୀନ ଆରତୀ ହେଉଥାଏ ଏବଂ ସେତିକିବେଳେ ଶ୍ରୀମତୀ ରାଧାରାଣୀଙ୍କ ଗଳାରୁ ମାଳାଟି ଛିଡ଼ି ତଳେ ପଡ଼ିଗଲା। ପୂଜାରୀ ତତ୍କ୍ଷଣାତ୍ ସେହି ମାଳାକୁ ଆଣି ଶ୍ରୀଳ ଭକ୍ତିପ୍ରଜ୍ଞାନ କେଶବ ଗୋସ୍ୱାମୀ ମହାରାଜଙ୍କୁ ଅର୍ପଣ କରିଥିଲେ ଏବଂ ଶ୍ରୀଳ ମହାରାଜ ଶ୍ରୀରାଧାରାଣୀଙ୍କ ଆଦେଶ ପାଇ ତାହାଙ୍କ ପରମ ପ୍ରିୟତମ ଶ୍ରୀରାଧା-ବିନୋଦବିହାରୀଙ୍କ ରାତ୍ରିକାଳୀନ ଶୟନ ଲୀଳାରେ ପ୍ରବେଶ କରିଥିଲେ।

।।କ୍ରମଶଃ।।



# ଶ୍ରୀ ଶ୍ରୀମଦ୍ ଭକ୍ତିବିଜ୍ଞାନ ଭାରତୀ ଗୋସ୍ୱାମୀ ମହାରାଜଙ୍କ ଅପ୍ରାକୃତ ଜୀବନଚରିତ ଓ ସ୍ମୃତି-୮

ଶ୍ରୀପାଦ ଭକ୍ତିବେଦାନ୍ତ ସିଦ୍ଧାନ୍ତି ମହାରାଜ

**ଗୁରୁବୈଷ୍ଣବଙ୍କ ଆଦର୍ଶ ହିଁ ମଠ, ଭୂମିଖଣ୍ଡ ବା ବୈଭବ ନୁହେଁ—**

୧୯ ମାର୍ଚ୍ଚ, ୨୦୧୬ ମସିହା ଏକାଦଶୀ ତିଥି ଦିନ ଶ୍ରୀଳ ମହାରାଜ ଶାରୀରିକ (ବାହ୍ୟ)ରୂପରେ ଶ୍ରୀଚୈତନ୍ୟ-ଗୌଡ଼ୀୟ-ମଠରୁ ଅଲଗା ହେବା ପୂର୍ବରୁ ବ୍ୟକ୍ତ କରିଥିଲେ,—"ଆମ୍ଭେ ଗୁରୁଦେବଙ୍କ ଠାରୁ ସର୍ବଦା ଶୁଣିଅଛୁଁ ଯେ, ମାଟି ଅର୍ଥାତ୍ ଭୁଖଣ୍ଡ ଅଥବା କୋଠା-ବାଡ଼ି ହିଁ ମଠ ନୁହେଁ। ଗୁରୁ-ମହାଜନଙ୍କ ଆଦର୍ଶ ହିଁ ଆମ୍ଭର ମଠ ଅଟେ। ମୁଁ ଯେବେ ମଠକୁ ଆସିଥିଲି ସେତେବେଳେ ଅନ୍ୟ ଅନ୍ୟ ଗୌଡ଼ୀୟ ମଠରେ ବହୁତ ଅଧିକ ବୈଭବ ଥିଲେ ମଧ୍ୟ ମୁଁ ଗୁରୁ-ମହାରାଜଙ୍କ ଆଦର୍ଶ-ଚରିତ୍ର ପ୍ରତି ଆକର୍ଷିତ ହୋଇ ହିଁ ତାହାଙ୍କ ଚରଣକୁ ଆଶ୍ରା କରିଥିଲି। ସେତେବେଳେ ଜାଗତିକ ଦୃଷ୍ଟିକୋଣରୁ ତାହାଙ୍କ ପାଖରେ କିଛି ନଥିଲା। ମୁଁ ମାୟାପୁରରେ ଟିଣ-ଛାତ ତଳେ ରହି ବହୁତ ସମୟ ଅତିବାହିତ କରିଥିଲି। ଏବେ ତାହାଙ୍କ ଦ୍ୱାରା ପ୍ରଦର୍ଶିତ ଆଦର୍ଶକୁ ପାଳୁ ପାଳୁ ଏହି ଜଗତରୁ ପ୍ରସ୍ଥାନ କରିବାକୁ ଋହୁଁଛି, ସେହି ଆଦର୍ଶ ସହିତ କୌଣସି ପ୍ରକାର ସାଲିସ କରି ନୁହେଁ।"

ଶ୍ରୀଳ ମହାରାଜ ବହୁଥର କହୁଥିଲେ,—"ମୁଁ ଶ୍ରୀଚୈତନ୍ୟ ଗୌଡ଼ୀୟ ମଠକୁ କେଭେହେଲେ ଛାଡ଼ିପାରିବି ନାହିଁ। ଯେହେତୁ ମୋ' ପକ୍ଷରେ ଶ୍ରୀଚୈତନ୍ୟ ଗୌଡ଼ୀୟ ମଠର ଅର୍ଥ ହେଉଛି ମୋ' ଗୁରୁ-ମହାରାଜଙ୍କ ଆଦର୍ଶ, ମୋ' ସତୀର୍ଥ ଶ୍ରୀଭକ୍ତିବଲ୍ଲଭ ତୀର୍ଥ ମହାରାଜ ଏବଂ ଅନ୍ୟ ଅନ୍ୟ ଆଦର୍ଶ ସ୍ୱରୂପ ଗୁରୁଭ୍ରାତା ତଥା ଭକ୍ତମାନେ ଅଟନ୍ତି। ଅତଏବ ସେମାନଙ୍କ ଶିକ୍ଷା, ଆଦର୍ଶ, ସ୍ନେହ ଏବଂ ଲାଳନ-ପାଳନ-ତାଡ଼ନ ଇତ୍ୟାଦି ଦ୍ୱାରା ଗଠିତ ମୁଁ, ଇଚ୍ଛା କଲେ ମଧ୍ୟ କଦାପି ସେମାନଙ୍କଠାରୁ ନିଜକୁ ଅଲଗା କରିପାରିବି ନାହିଁ, ଯେପରି ଜୀବ ସ୍ୱୟଂ ଇଚ୍ଛା କଲେ ମଧ୍ୟ ନିଜକୁ କୃଷ୍ଣଙ୍କ ଠାରୁ ଅଲଗା କରିପାରେ ନାହିଁ, ପୁଣି ଯେପରି ଜଣେ ବିଦ୍ୟାର୍ଥୀ ନିଜ ଅଧ୍ୟାପକଙ୍କ ଠାରୁ (କିଛି ଶିଖିନେଲା ପରେ) ଅର୍ଥାତ୍ ତାହାଙ୍କ ଦ୍ୱାରା ପ୍ରଦତ୍ତ ଶିକ୍ଷା ଇତ୍ୟାଦି ଠାରୁ ନିଜକୁ ଅଲଗା କରିପାରେ ନାହିଁ।"

**କେତେକ ବୈଷ୍ଣବଙ୍କ ସୌଜନ୍ୟ**

୨୦ ମାର୍ଚ୍ଚ ୨୦୧୬ ମସିହା ଦିନ ଶ୍ରୀବିଶ୍ୱ-ବୈଷ୍ଣବ-ରାଜସଭା (World Vaisnava Association)ର ଅଧ୍ୟକ୍ଷ ଶ୍ରୀମଭକ୍ତ୍ୟାଲୋକ ପରମାଦ୍ୱୈତୀ ମହାରାଜ ଇ-ମେଲ୍ ମାଧ୍ୟମରେ ମୂଳରୂପେ ଇଂରାଜୀଭାଷାରେ ଲିଖିତ ଏକ ପତ୍ର ପଠାଇଥିଲେ। ତାହାର ଓଡ଼ିଆ ଅନୁବାଦ ଏଠାରେ ଦିଆଯାଉଛି—

ଶ୍ରୀଗୁରୁଗୌରାଙ୍ଗୌ ଜୟତଃ
ପରମପ୍ରିୟ ଆଦରଣୀୟ ଶ୍ରୀଳ ଭାରତୀ ମହାରାଜ,
ଦଣ୍ଡବତ୍ ପ୍ରଣାମ,

ଆପଣଙ୍କୁ ଯେଉଁ ଅପରିପକ୍ୱତାପୂର୍ଣ୍ଣ ଏବଂ ଅସାମାନ୍ୟ ବ୍ୟବହାରର ସମ୍ମୁଖୀନ ହେବାକୁ ପଡ଼ିଲା, ସେ ବିଷୟରେ ଜାଣି ମୋତେ ଅତି କଷ୍ଟ ଲାଗିଲା। ସମ୍ଭବତଃ ଆପଣଙ୍କୁ ସ୍ମରଣ ଥିବ, ମୁଁ ଶ୍ରୀଚୈତନ୍ୟ ଗୌଡ଼ୀୟ ମଠରେ ଦୀକ୍ଷା ସମ୍ବନ୍ଧିତ ଆନ୍ତରିକ ଜଟିଳତାଗୁଡ଼ିକୁ ସର୍ବଥା ଅନଭିଜ୍ଞ ହୋଇ ମଧ୍ୟ ଆପଣଙ୍କୁ ବିଦେଶୀ ଭକ୍ତମାନଙ୍କ ପକ୍ଷରୁ ଏହି ବିନମ୍ର ପ୍ରାର୍ଥନା କରିଥିଲି ଯେ, ଆପଣ ସେମାନଙ୍କୁ ଦୀକ୍ଷା ପ୍ରଦାନ କରନ୍ତୁ। ପ୍ରତ୍ୟେକ ଅବସ୍ଥାରେ, କ'ଣ ଉଚିତ ଏବଂ କ'ଣ ଅନୁଚିତ, ତାହା ଆପଣଙ୍କ ଠାରୁ କେହି ଭଲଭାବେ ଜାଣନ୍ତି ନାହିଁ। ଏବେ ଆପଣ ଶ୍ରୀଚୈତନ୍ୟ ଗୌଡ଼ୀୟ ମଠର Governy-body ସଦସ୍ୟମାନଙ୍କୁ ଦେଇଥିବା ପତ୍ରକୁ ପଢ଼ି ମୁଁ ଅତ୍ୟଧିକ ପ୍ରଭାବିତ ହୋଇଅଛି।

ଯଦ୍ୟପି ବୃନ୍ଦାବନରେ ତଥା ମାୟାପୁରରେ ଆମ୍ଭ ପାଖରେ ସାମାନ୍ୟ ସୁବିଧାମାନ ଅଛି, ଆମ୍ଭର ସ୍ଥାନ ଅତି ବିଶାଳ ମଧ୍ୟ ନୁହେଁ ତଥାପି ଯଦି ଆପଣଙ୍କୁ ଆବଶ୍ୟକ ହୁଏ ଅଥବା ଆପଣ ଯଦି ସେଠାରେ ରହି ଏବଂ ସେଠାରୁ ପ୍ରଚାର କରିବା ପାଇଁ ଇଚ୍ଛା କରନ୍ତି ତେବେ ଆପଣ ତାହାକୁ ନିଜର ବୋଲି ମଣିବେ। ବିଶେଷ କରି ଇମିଲିତଳା ସନ୍ନିକଟରେ ସ୍ଥିତ ଯମୁନା-କୁଞ୍ଜ ଅତି ଉପଯୁକ୍ତ ସ୍ଥାନ ଅଟେ, ସେଠାରେ ଏକ ବ୍ୟକ୍ତିଗତ ପାକଶାଳା ଏବଂ କକ୍ଷ ମଧ୍ୟ ଅଛି। ଆପଣଙ୍କ ଅନୁଯାୟିମାନଙ୍କ ଏବଂ ଅନ୍ୟ ଭକ୍ତଙ୍କ ବସିବା ପାଇଁ ତଥା ଆପଣଙ୍କ ଦ୍ୱାରା ହରିକଥା ପରିବେଷଣ ପାଇଁ ମଧ୍ୟ ତାହା ଉପଯୁକ୍ତ ଅଟେ। ବର୍ତ୍ତମାନ ଆମ୍ଭେ ଆମ୍ଭର ବ୍ରଜସେବାର ସମନ୍ୱୟ ଉପଲକ୍ଷରେ ସେହି ସ୍ଥାନକୁ କାର୍ଯ୍ୟାଳୟରୂପେ ବ୍ୟବହାର କରୁଅଛୁଁ। ଆପଣ ସେହି ସ୍ଥାନକୁ ନିଜର ବୋଲି ମଣିବେ।

ଆପଣ ସ୍ୱୟଂ ଶ୍ରୀଚୈତନ୍ୟ ଗୌଡ଼ୀୟ ମଠ ଭଳି ଏକ ବିଶାଳ ମିଶନକୁ ସ୍ଥାପିବା ପାଇଁ ବିଶେଷ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇଛନ୍ତି। ମୋର ବିଶ୍ୱାସ ହେଉଛି ଭଗବାନ୍ ଶ୍ରୀକୃଷ୍ଣଙ୍କ ଏହି ଇଚ୍ଛା ଯେ, ଆପଣ ଆହୁରି କିଛି ଅଧିକ ସ୍ୱତନ୍ତ୍ରରୂପେ ନିଜକୁ ଆପଣଙ୍କ ପ୍ରତି ଶ୍ରଦ୍ଧାଯୁକ୍ତ ଭକ୍ତଙ୍କ ପ୍ରତି ସମର୍ପିତ କରନ୍ତୁ ଅର୍ଥାତ୍ ସେମାନଙ୍କୁ ଶିକ୍ଷା ପ୍ରଦାନ କରନ୍ତୁ ଏବଂ ସେମାନଙ୍କୁ ଉପଯୁକ୍ତ ମାର୍ଗଦର୍ଶନ କରନ୍ତୁ। ଯଦି କୌଣସି କାରଣବଶତଃ ଭବିଷ୍ୟତରେ ଆପଣ ବିଦେଶଯାତ୍ରାର ନିର୍ଣ୍ଣୟ ନିଅନ୍ତି, ତେବେ ବର୍ଲ୍ଲିନ, ମିୟାମି, ମେକ୍ସିକୋ ଅଥବା ଅନ୍ୟ କୌଣସି ସ୍ଥାନକୁ ମଧ୍ୟ ଯାତ୍ରା ପାଇଁ ଆବଶ୍ୟକୀୟ ସମସ୍ତ ବ୍ୟବସ୍ଥା କରିବାକୁ ଆମ୍ଭେ ସହର୍ଷ ପ୍ରସ୍ତୁତ ହେବୁ ଏବଂ ନିଜକୁ ଗୌରବାନ୍ୱିତ ମଣିବୁଁ। ଆପଣଙ୍କ ଅପ୍ରାକୃତ ଅକୃତ୍ରିମ ପାରମାର୍ଥିକ ଏବଂ ନିରପେକ୍ଷ ପ୍ରୀତିପୂର୍ଣ୍ଣ ପରାମର୍ଶର ଫଳସ୍ୱରୂପ ହିଁ ଅର୍ଥାତ୍ ଆଦେଶ-ନିର୍ଦ୍ଦେଶ ପ୍ରଦାନର ଶୈଳୀଦ୍ୱାରା ପ୍ରେରିତ ହୋଇ ହିଁ ଆମ୍ଭେ ଆପଣଙ୍କୁ ଶ୍ରୀବିଶ୍ୱବୈଷ୍ଣବ-ରାଜସଭାର ପ୍ରମୁଖ ପରାମର୍ଶଦାତାରୂପେ ପଦ ଗ୍ରହଣ କରିବାକୁ ନିବେଦନ କରିଥିଲୁଁ। ଆମ୍ଭେ ଆପଣଙ୍କୁ ବର୍ତ୍ତମାନ ସମୟରେ ସର୍ବାଧିକ-ବରିଷ୍ଠ ସର୍ବୋପରି-ବୈଷ୍ଣବ ଏବଂ ସର୍ବହିତାକାଙ୍କ୍ଷୀରୂପେ ହିଁ ମଣୁଛୁଁ।

ମୋର ଏହି ପ୍ରାର୍ଥନା ଯେ, ଆପଣଙ୍କ ଚରଣରେ ତ୍ରୁଟି କରିଥିବା ଭକ୍ତମାନଙ୍କୁ ଆପଣ କ୍ଷମା ଦିଅନ୍ତୁ, ଯାହାଫଳରେ ମିଶନର ଗୌରବ ଏବଂ ସେମାନଙ୍କ ପାରମାର୍ଥିକ ଜୀବନ ବୃଦ୍ଧି ପାଉ।

ଏହା ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଯେ, ଏଭଳି ଏକ ମହତ୍-ସଂସ୍ଥାନ ଏପରି ବିଚିତ୍ର ଆଚରଣ କରିପାରେ ! କିନ୍ତୁ ଆପଣ ଏବଂ ମୁଁ ମଧ୍ୟ କୌଣସି ନା କୌଣସି ପ୍ରକାରେ ଏପରି ମହତ୍ ସଂସ୍ଥାନମାନଙ୍କ ନିର୍ମାଣରେ ଯୋଗଦାନ ଦେଇଛୁଁ। ମୋତେ ଏହା କଦାପି ବୋଧଗମ୍ୟ ହେଲା ନାହିଁ ଯେ ମୋ' ଗୁରୁଦେବଙ୍କ ସଂସ୍ଥାନ ଇସ୍କନ୍ କାହିଁକି ଏତେ ଗୁରୁତର ତ୍ରୁଟିମାନଙ୍କୁ ତଥା ଗତ ତିରିଶବର୍ଷରୁ ଅଧିକ ସମୟ ବ୍ୟତୀତ ହୋଇଥିଲେ ମଧ୍ୟ ତାହାର ପୁନର୍ବିଚାର କଲେ ନାହିଁ, ପୁଣି ତାହାର ସଂଶୋଧନ କରିବା କଥା କ'ଣ କହିବା ?

ଆପଣ ଭାବନା କରିପାରିବେ ଯେ ଆପଣଙ୍କ ସମକ୍ଷରେ ସଂସ୍ଥାଗତ ନିୟମିତତାମାନ ଏବଂ ବୈଷ୍ଣବ ସଦାଚାର ଭଳି ଅପରିହାର୍ଯ୍ୟ ବିଷୟଗୁଡ଼ିକ ଉପରେ ଅନେକ

ଅନ୍ୟ ପ୍ରଶ୍ନ ଉପସ୍ଥିତ ହେବ। ଆମ୍ଭେ ଆପଣଙ୍କ ସେବକମାନଙ୍କୁ ଏହି ଆଗ୍ରହ କରୁଛୁଁ ଯେ ସେମାନେ ନିଷ୍ଠାପୂର୍ବକ ସେହି ପ୍ରଶ୍ନମାନଙ୍କର ତଥା ଆପଣଙ୍କ ଦ୍ୱାରା ପ୍ରଦତ୍ତ ସେମାନଙ୍କ ଉତ୍ତରଗୁଡ଼ିକୁ ସଂଗ୍ରହ କରନ୍ତୁ ଯାହା ଫଳରେ ଆମ୍ଭେ ସେଗୁଡ଼ିକୁ ଆମ୍ଭର ୱେବସାଇଟରେ ପ୍ରକାଶ କରିପାରିବୁଁ, ଯଦି ଆପଣ ସେଗୁଡ଼ିକୁ ଜନ-ସାମାନ୍ୟଙ୍କ ପାଇଁ ଲାଭକାରୀ ମଣନ୍ତି।

ମୁଁ ଆପଣଙ୍କ ଶ୍ରୀଚରଣକମଳରେ ପ୍ରଣାମ ଜଣାଉଛି ଏବଂ ଆପଣଙ୍କ କୃପା ଏବଂ ଭକ୍ତିରୂପୀ ଆଶୀର୍ବାଦ ଯାଚନା କରୁଛି। ମୁଁ ଏହା ଆଶା ମଧ୍ୟ କରୁଛି ଯେ ପ୍ରଭୁଙ୍କ ଇଚ୍ଛାରୁ ଶୀଘ୍ର ହିଁ ଆପଣଙ୍କ ଦିବ୍ୟ-ଦର୍ଶନ ପୁଣି ପାଇ ପାରିବି।

ଶ୍ରୀହରି-ଗୁରୁ-ବୈଷ୍ଣବ ସେବାରତ

ଆପଣଙ୍କ

ସ୍ୱାମୀ ବି. ଏ. ପରମାଦ୍ୱୈତୀ


ALL GLORY TO SHRI SHRI GURU AND GOURANGA
INTERNATIONAL GOUDIYA VEDANTA TRUST (Regd.)
SHRI SHRI KESHABJEE GOUDIYA MATH
Kolerdanga Lane, Nabadwip, Nadia, W.B.

୨୪ ମାର୍ଚ୍ଚ ୨୦୧୬କୁ ଆମ୍ଭର ଗୁରୁଦେବ ଶ୍ରୀ ଶ୍ରୀମଦ୍ ଭକ୍ତିବେଦାନ୍ତ ନାରାୟଣ ଗୋସ୍ୱାମୀ ମହାରାଜଙ୍କ ଦ୍ୱାରା ଶ୍ରୀନବଦ୍ୱୀପ-ଧାମରେ ସଂସ୍ଥାପିତ ଶ୍ରୀଶ୍ରୀକେଶବଜୀ-ଗୌଡ଼ୀୟ-ମଠ ତରଫରୁ ଶ୍ରୀମଦ୍ ଭକ୍ତିବେଦାନ୍ତ ତୀର୍ଥ ମହାରାଜ ଶ୍ରୀପାଦ ରାମଚନ୍ଦ୍ର ପ୍ରଭୁଙ୍କ ମାଧ୍ୟମରେ ଉପରେଲିଖିତ ପତ୍ର ପ୍ରେରିତ କରିଥିଲେ—

**ମୋ ସହିତ ହୋଇଥିବା ବ୍ୟବହାର ପାଇଁ ମୋର ପୂର୍ବକୃତ କର୍ମ ହିଁ ଦାୟୀ ଅନ୍ୟ କେହି ନୁହେଁ**

ଏହି ପତ୍ରକୁ ଯେତେବେଳେ ଶ୍ରୀଳ ମହାରାଜଙ୍କ ସମ୍ମୁଖରେ ପଢ଼ାଗଲା, ସେତେବେଳେ ଶ୍ରୀଳ ମହାରାଜ କହିଲେ,—"ଶ୍ରୀଭକ୍ତ୍ୟାଲୋକ ପରମାଦ୍ୱୈତୀ ମହାରାଜ, ଶ୍ରୀଭକ୍ତିବେଦାନ୍ତ ତୀର୍ଥ ମହାରାଜ ନିଜ-ନିଜ ମତ ଅନୁସାରେ ହୃଦ୍‌ଗତ ବିଚାର ପ୍ରସ୍ତୁତ କରିଛନ୍ତି, କିନ୍ତୁ ମୁଁ ଏହା ମଣୁଁଛି ଯେ ଯାହା କିଛି ହେଉଅଛି ତାହା ମୋ' ନିଜ ପୂର୍ବକର୍ମମାନଙ୍କ ଅନୁସାରେ ହିଁ ହେଉଅଛି। ସେଥିପାଇଁ କେହି ଦୋଷୀ ବା ଉତ୍ତରଦାୟୀ ନୁହଁନ୍ତି। ଶରଶଯ୍ୟାରେ ଶୋଇଥିବା ଶ୍ରୀଭୀଷ୍ମ ପିତାମହ ଭଗବାନ୍ ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ଯୁଧିଷ୍ଠିର ମହାରାଜଙ୍କୁ ଗୌତମ ଋଷିଙ୍କ ପୁତ୍ରକୁ ସର୍ପ ଦ୍ୱାରା ଦଂଶିତ ହୋଇଥିବା ଉପାଖ୍ୟାନ (ଶ୍ରୀମହାଭାରତ) ମାଧ୍ୟମରେ ବୁଝାଇଥିଲେ ଯେ,— 'ଯୁଧିଷ୍ଠିର! ଯେପରି ଗୌତମ ଋଷିଙ୍କ ପୁତ୍ରଙ୍କୁ ତାହାଙ୍କ ପୂର୍ବକୃତ କର୍ମର ଫଳସ୍ୱରୂପ ସର୍ପ କେବଳ ନିମିତ୍ତ ହୋଇ କାମୁଡ଼ି ଥିଲା, ସେହିପରି ମୋ' କଷ୍ଟର ପଛରେ ମୋ' ନିଜର ପୂର୍ବକୃତ କର୍ମ ହିଁ ଅଛି, ତୁମେ କେବଳ ନିମିତ୍ତ ମାତ୍ର ଅଟ। ଅତଏବ ତୁମ୍ଭଙ୍କୁ କୌଣସିପ୍ରକାରେ ଦୁଃଖୀ ହେବା ଉଚିତ ନୁହେଁ।

ଶ୍ରୀଭୀଷ୍ମ ପିତାମହ ଦ୍ୱାଦଶ ମହାଜନଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି। ମୋତେ ମୋ' ଗୁରୁବର୍ଗ ସର୍ବଦା 'ମହାଜନଃ ଯେନ ଗତଃ ସ ପନ୍ଥା'ର ଅନୁସରଣ କରିବାକୁ ହିଁ ନିର୍ଦ୍ଦେଶ ଦେଇଛନ୍ତି ତଥା ସେମାନେ ସ୍ୱୟଂ ମଧ୍ୟ ଅନ୍ୟ କାହାଦ୍ୱାରା ବିରୋଧ ପାଇବା, ତିରସ୍କାର ପାଇବା, ମିଥ୍ୟା ନିନ୍ଦା ଇତ୍ୟାଦି ପାଇ ମଧ୍ୟ ଅନ୍ୟଙ୍କୁ ସେଥିପାଇଁ ଦୋଷୀ ଅଥବା ଉତ୍ତରଦାୟୀ ନ ମଣି ତାହାକୁ ନିଜର ପୂର୍ବକୃତ କର୍ମର ଫଳ ବୋଲି ମଣିଛନ୍ତି,—

**ତତ୍ତେଽନୁକମ୍ପାଂ ସୁସମୀକ୍ଷ୍ୟମାଣୋ,**
**ଭୁଞ୍ଜାନ ଏବାତ୍ମକୃତଂ ବିପାକମ୍।**
**ହୃଦ୍‌ବାଗ୍‌ବପୁର୍ଭିର୍ବିଦଧନ୍ନମସ୍ତେ,**
**ଜୀବେତ ଯୋ ମୁକ୍ତିପଦେ ସ ଦାୟଭାକ୍॥**

ଅର୍ଥାତ୍ ଯେଉଁ ବ୍ୟକ୍ତି ଭଗବାନଙ୍କ କୃପାର ପ୍ରଭାବକୁ ସମ୍ପୂର୍ଣ୍ଣତଃ ହୃଦୟଙ୍ଗମପୂର୍ବକ କେବଳ ତାହାଙ୍କ କୃପାର ପ୍ରତୀକ୍ଷାରେ ଏବଂ ନିଜ ଦ୍ୱାରା କୃତ ସମସ୍ତ କର୍ମର ଫଳକୁ ଭୋଗ କରୁ କରୁ ଶରୀର, ମନ ଓ ବଚନ ଦ୍ୱାରା ନିରନ୍ତର ତାହାଙ୍କ ଚରଣକମଳରେ ପ୍ରଣାମପୂର୍ବକ ଜୀବନ ଧାରଣ କରନ୍ତି, ସେହିମାନେ ହିଁ ଭକ୍ତିରେ ଅଧିକାରୀ ଅଟନ୍ତି'। ଏହି ଶ୍ଳୋକର ଉଚ୍ଚାରଣ ଏବଂ ସ୍ମରଣପୂର୍ବକ ନିଜ ଲକ୍ଷିତ ବିଷୟ ଉପରେ ହିଁ ନିଜ ଚିତ୍ତକୁ କେନ୍ଦ୍ରିତ କରିବାର ଆଦର୍ଶ ଦେଖାଇଛନ୍ତି। ମୁଁ ମଧ୍ୟ ତାହାଙ୍କ ଶ୍ରୀଚରଣକମଳର ଅନୁଗାମୀ ହୋଇ ନିଜ ସହିତ ହୋଇଥିବା ବ୍ୟବହାରକୁ ନିଜ ପୂର୍ବକୃତ କର୍ମର ଫଳ ହିଁ ମଣୁଛି। ସେଥିପାଇଁ ଅନ୍ୟ କେହି ବ୍ୟକ୍ତି ଦୋଷୀ ଅଥବା ଉତ୍ତରଦାୟୀ ନୁହଁନ୍ତି।

### ମୋର କେହି ପକ୍ଷପାତୀ ଅଥବା ବିରୋଧୀ ନାହାଁନ୍ତି

"ଜଗତର ସଙ୍କୀର୍ଣ୍ଣ ଧାରଣାରେ ନିଷ୍ଣାତ, ଜାଗତିକ ବିଷୟଗୁଡ଼ିକୁ ହିଁ ସର୍ବୋପରି ପ୍ରଧାନତା ଦେଉଥିବା, ଗୁରୁ-ବୈଷ୍ଣବଙ୍କ ବାଣୀ, ତାହାଙ୍କ ଆଦର୍ଶ, ତାହାଙ୍କ ନୀତି ତଥା ତାହାଙ୍କ ଆଦେଶ-ନିର୍ଦ୍ଦେଶ ଶିକ୍ଷା ଆଦିକୁ ନିଜ ଜାଗତିକ ଲାଭ ଅନୁସାରେ ସମୟ-ସମୟରେ ବିଭିନ୍ନପ୍ରକାରେ ଅର୍ଥ କରୁଥିବା କୌଣସି ବ୍ୟକ୍ତିଙ୍କୁ ମୁଁ ନିଜ ପକ୍ଷପାତୀ ଅଥବା ବିରୋଧୀ ମଣୁନାହିଁ। ଯେହେତୁ ଯଦି ମୁଁ କାହାକୁ ନିଜର ବିରୋଧୀ ମଣିବି ତେବେ ମୋର ଚିତ୍ତ ସେମାନଙ୍କ ଆଡ଼କୁ ଯାଇ ସେମାନଙ୍କ ଦୋଷକୁ ସଂଗ୍ରହପୂର୍ବକ ଭଗବଦ୍ ଚରଣାରବିନ୍ଦରୁ ଭ୍ରମିତ ହୋଇଯିବ। ପୁଣି ମୁଁ ଯଦି କାହାକୁ ନିଜର ପକ୍ଷପାତୀ ମଣିବି ତେବେ ମଧ୍ୟ ମୋର ଚିତ୍ତ ତାହାଙ୍କ ଆଡ଼କୁ ଯାଇ ତାହାଙ୍କ ତ୍ରିଗୁଣାତ୍ମକ ବିଚାରକୁ ହିଁ ଗ୍ରହଣ କରି ନିର୍ଗୁଣ ଭୂମିକାରେ ପ୍ରତିଷ୍ଠିତ ହେବାରେ ବାଧା ଉତ୍ପନ୍ନ କରିବ। ଅତଏବ ନିଜର ଏହି ବୟସରେ ମୁଁ ଏପରି କିଛି ହେଲେ ଚାହୁଁ ନାହିଁ। ମୁଁ ଜାଗତିକ କୌଣସି ବ୍ୟକ୍ତିଙ୍କୁ ନିଜ ମିତ୍ର ଅଥବା ଶତ୍ରୁରୂପରେ ଦେଖିବାକୁ ଚାହୁଁ ନାହିଁ ତଥା ଅଲୌକିକ, ଅପ୍ରାକୃତ ମହାଜନମାନଙ୍କ ଦ୍ୱାରା ପ୍ରଦର୍ଶିତ ହରିଭଜନର ଅନୁକୂଳ ସିଦ୍ଧ ବିଚାରକୁ ହିଁ ଅନୁଶୀଳନ କରିବି। ମୋତେ ଏପରି କରିବାକୁ ରୋକିବାରେ କାହାର ହେଲେ ଅଧିକାର ନାହିଁ।

"କେହି ମୋତେ ବିରୋଧ କରି ମୋତେ କଷ୍ଟ ଦେଉଛି ବା ଅସୁବିଧାରେ ପକାଉଛି—ଏପରି ମଧ୍ୟ ନୁହେଁ, ପୁଣି କେହି ମୋ' ପ୍ରତି ସହାନୁଭୂତି ଦେଖାଇ ମୋର ସହାୟତା ଅଥବା ମୋର ଉପକାର କରୁଅଛି—ଏପରି ମଧ୍ୟ ନୁହେଁ। ଭଗବଦ୍ କୃପାରୁ ମୋ' ଠାରେ ଏହିସବୁ ପରିସ୍ଥିତିରୁ ଉପରକୁ ଉଠି ଏକମାତ୍ର ହରିଭଜନର ଅନୁକୂଳ ବିଚାରଗୁଡ଼ିକୁ ଗ୍ରହଣପୂର୍ବକ ଜୀବନ-ଯାପନ କରିବାର ଯୋଗ୍ୟତା ଅଛି। ମୁଁ ମୋର ଅନ୍ତିମ ନିଃଶ୍ୱାସପର୍ଯ୍ୟନ୍ତ ହରିକୀର୍ତ୍ତନ କରିବାକୁ ଚାହୁଁଛି। ଗୁରୁ-ମହାରାଜଙ୍କ ଇଚ୍ଛାରୁ ଯେତେଦୂର ସମ୍ଭବ ହେବ, ଅପରାଧ-ଶୂନ୍ୟ ହୋଇ ହରିକୀର୍ତ୍ତନ ହିଁ କରିବି।"

### ପୂର୍ଣ୍ଣରୂପରେ ସନ୍ତୁଷ୍ଟ

"ମୁଁ ଯେତେବେଳେ ଶ୍ରୀଚୈତନ୍ୟ-ଚରିତାମୃତର ମଧ୍ୟ-ଖଣ୍ଡ (ଦ୍ୱିତୀୟ ଭାଗ)ର ଅନୁବାଦ-ସେବା କରୁଥିଲି, ସେତେବେଳେ ଅଗରତାଲାରେ ଅସ୍ୱସ୍ଥ ହୋଇପଡ଼ିବାରୁ ମୋତେ କୋଲକାତା ଅଣାଗଲା। ଟିକିଏ ସ୍ୱସ୍ଥ ହୁଅନ୍ତେ ମୋତେ ନିଜ ଜୀବନରେ ପ୍ରଥମ ଥର ଗୁରୁ ମହାରାଜଙ୍କୁ ନିଜ ଇଚ୍ଛା ଅନୁସାରେ କିଛି ମାଗିବାକୁ ରୁଚି ହୋଇଥିଲା। ତେଣୁ ମୁଁ ଗୁରୁ ମହାରାଜଙ୍କୁ ପ୍ରାର୍ଥନା କରି କହିଥିଲି, 'ଅନ୍ତତଃ ମୋର ଏହି ସେବା ଅର୍ଥାତ୍ ଶ୍ରୀଚୈତନ୍ୟ-ଚରିତାମୃତ ଗ୍ରନ୍ଥର ହିନ୍ଦୀ ଅନୁବାଦକୁ ସମ୍ପୂର୍ଣ୍ଣ କରିବାର ସେବାକୁ ଗ୍ରହଣ କରନ୍ତୁ। ମୋତେ ଆଉ କିଛି ସମୟ ଦିଅନ୍ତୁ ଯାହାଫଳରେ ମୁଁ ତାହାକୁ ସମ୍ପୂର୍ଣ୍ଣ କରିପାରିବି। ଏବେ ସେହି ସେବା-କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ହୋଇଅଛି, ତେଣୁ ମୁଁ ପୂର୍ଣ୍ଣରୂପେ ସନ୍ତୁଷ୍ଟ ହୋଇଅଛି।"

### ଆବେଶରେ ଆସି ଅଥବା ଭାବୁକତା ବଶତଃ କିଛି କରେ ନାହିଁ

"ମୁଁ ଯେତେବେଳେ ନିଜ ଗୁରୁ-ମହାରାଜଙ୍କ ଚରଣାଶ୍ରିତ ହୋଇଥିଲି, ସେତେବେଳେ ଥରେ

ମାୟାପୁରରେ ଟିଣ ଛାତ ତଳେ ରହି ବହୁତ ସମୟ ବ୍ୟତୀତ କରିଥିଲି । ଦିନେ ଅତ୍ୟଧିକ ଝଡ଼-ତୋଫାନ ଆସିବାରୁ ଟିଣ-ଛାତ ଉଡ଼ି କେଉଁଆଡ଼େ ଚାଲିଗଲା । କିଛି ସିମେଣ୍ଟ ବସ୍ତାକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ମୁଁ ସେଗୁଡ଼ିକୁ ନିଜ ଖଟ ଉପରେ ରଖି ପ୍ଲାଷ୍ଟିକରେ ଢ଼ାଙ୍କିଦେଲି ଏବଂ ନିଜେ ସାରା ରାତି ଖଟ ତଳେ ବସି ବସି ବ୍ୟତୀତ କରିଥିଲି । ଦୁଇ ଦିନ ପର୍ଯ୍ୟନ୍ତ ପ୍ରସାଦର ମଧ୍ୟ କୌଣସି ବ୍ୟବସ୍ଥା ହୋଇ ପାରି ନଥିଲା । କିନ୍ତୁ ଯୁବାବସ୍ଥା ହେତୁ ସେତେବେଳେ ମୋତେ କୌଣସି ଅସୁବିଧା ବୋଧ ହୋଇ ନଥିଲା, ବରଂ ଏହି ବିଚାର କରି ଉତ୍ସାହିତ ହିଁ ହୋଇଥିଲି ଯେ, ଧ୍ରୁବ ରାଜପୁତ୍ର ହୋଇ ମଧ୍ୟ ଅନେକ ଦିନ ପର୍ଯ୍ୟନ୍ତ ଗଛର ପତ୍ର ଖାଇଥିଲେ ଏବଂ ମୁଁ ତ ଅଧ୍ୟୟନ-ଅଧ୍ୟାପନ, ଯଜନ-ଯାଜନ କରିଥିବା ଏକ ସାଧାରଣ ବ୍ରାହ୍ମଣପୁତ୍ର ଅଟେ । ଦ୍ୱିତୀୟତଃ, ଶ୍ରୀକୃଷ୍ଣ-ସୁଦାମା ନିଜ ଗୁରୁ ସାନ୍ଦୀପନି ମୁନିଙ୍କ ପତ୍ନୀଙ୍କ କହିବାରୁ ଜାଳେଣି-କାଠ ସଂଗ୍ରହ ପାଇଁ ବଣକୁ ଯାଇ ଘୋର ବର୍ଷା ଆସିବାରୁ ସେବାର ଯେଉଁ ଆଦର୍ଶ ସ୍ଥାପନା କରିଥିଲେ, ଯଦି ମୋ ସମ୍ମୁଖରେ ଏଭଳି କୌଣସି ପରିସ୍ଥିତି ଆସି ପହଞ୍ଚିଛି, ତେବେ ଏହା ମୋ' ପକ୍ଷେ ସୌଭାଗ୍ୟ ହିଁ ଅଟେ ।"

ଥରେ ଜଗନ୍ନାଥ ପୁରୀରେ ମନ୍ଦିର ନିର୍ମାଣକାର୍ଯ୍ୟବେଳେ ବହୁତ ଉଚ୍ଚରୁ ଏକ ସିମେଣ୍ଟ ବସ୍ତା ପଡ଼ିବାରୁ ମୋ' କାନ୍ଧର ହାଡ଼ ମଚକି ଯାଇଥିଲା । ତେଣୁ ଡ଼ାକ୍ତର ମୋତେ କୌଣସି ଉଚ୍ଚ ସ୍ଥାନକୁ ଚଢ଼ିବାକୁ ବାରଣ କରିଥିଲେ । କିନ୍ତୁ ବିଗ୍ରହ ପ୍ରତିଷ୍ଠା ଦିନ ମିସ୍ତ୍ରୀ, ଇଞ୍ଜିନିୟର ଅଥବା ଭକ୍ତ ମନ୍ଦିରର ଗମ୍ବୁଜ ଉପରେ ଚଢ଼ି ଚକ୍ର ଲଗାଇବାକୁ କେହି ହେଲେ ସାହସ କରିପାରୁ ନଥିଲେ । ତହୁଁ ମୁଁ କହିଲି ଯେ ଏଥିରେ ଏତେ ଭୟ କରିବାର କ'ଣ ଅଛି, ମୁଁ ହିଁ ଏହି ସେବା କରିଦେବି । ମୋର କିଛି ଗୁରୁଭାଇ କହିଲେ, 'ଆପଣଙ୍କୁ ଡ଼ାକ୍ତର ଉପରକୁ ଚଢ଼ିବାକୁ ବାରଣ କରିଛନ୍ତି ।' ମୁଁ କହିଲି, 'ଅଧିକରୁ ଅଧିକ କ'ଣ ହେବ, ମରିଯିବି ତ, ଯଦି ମରିବାକୁ ପଡ଼ିବ ତେବେ ସେବା କରି ହିଁ ମରିବି ।' ତେଣୁ ମୁଁ ହିଁ ଚକ୍ର ଲଗାଇଥିଲି ।"



"ଜଳନ୍ଧରର ଦେବୀ-ତାଲାବ ନାମକ ପ୍ରସିଦ୍ଧ ମନ୍ଦିରରେ ମୁଁ ହିଁ ଯଜ୍ଞ ବେଳେ ମନ୍ତ୍ର ପଢ଼ିଥିଲି । ଯେହେତୁ ସେହି ଦିନ ସେଠାକାର ପୁରୋହିତଙ୍କୁ ଠିକ୍ ଭାବେ ମନ୍ତ୍ର-ଉଚ୍ଚାରଣ କରୁନଥିବା ଦେଖି ମୁଁ କହିଲି, ମୋତେ ସବୁପ୍ରକାର ଯଜ୍ଞରେ ଅଗ୍ନିଙ୍କୁ ଆହ୍ୱାନ କରିବା, ବିସର୍ଜନ କରିବା ଇତ୍ୟାଦି ଆସେ । ଅତଏବ ମୁଁ ହିଁ ମନ୍ତ୍ର ପଢ଼ି ଦେଉଛି । ଭଠିଣ୍ଡା ନାମକ ସ୍ଥାନରେ ଥିବା ଗୌଡ଼ୀୟ ମଠରେ ମଧ୍ୟ ବିଗ୍ରହ-ପ୍ରତିଷ୍ଠା ବେଳେ ମୁଁ ହିଁ ମନ୍ତ୍ର ପଢ଼ିଥିଲି । ପ୍ରାରମ୍ଭିକ ଅବସ୍ଥାରେ ଶରୀରରେ ବଳ ତଥା ଉତ୍ସାହ ଥିଲା । ଯେତେବେଳେ ଯେଉଁ ସ୍ଥାନରେ ଯେଉଁପ୍ରକାର ସେବା-କାର୍ଯ୍ୟର ସୁଯୋଗ ଆସିଲା, ଯେ କୌଣସି ପରିସ୍ଥିତି ଆସିଲେ ମଧ୍ୟ ମୁଁ କେଉଁହେଲେ ସେଥିପ୍ରତି ଚିନ୍ତା କରୁନଥିଲି । ଏବେ ମଧ୍ୟ ଉତ୍ସାହ ଓ ଆତ୍ମବଳ ଲେଶମାତ୍ର କମି ନାହିଁ । ମୋ' ମନରେ ଏବେ ମଧ୍ୟ ଭାବନା ଅଛି ଯେ, ଯଦି ବୃକ୍ଷ ତଳେ ରହି ମୋର ମୃତ୍ୟୁ ହେବାକୁ ଥିବ, ତେବେ ସେଥିରେ ପୁଣି ଅସୁବିଧା କ'ଣ । ପ୍ରାରବ୍ଧର ଫଳ ନିଶ୍ଚୟ ଭୋଗିବାକୁ ପଡ଼ିବ ।"

**ନିଜ ସମ୍ମୁଖରେ ଆଦର୍ଶକୁ ବଦଳାଯାଉଥିବାର ଦେଖି ଚୁପ ହୋଇ ରହି ପାରିବି ନାହିଁ**

ଏତିକି କହି ଶ୍ରୀଳ ମହାରାଜ ମୌନ ହୋଇଗଲେ । ତହୁଁ କୌଣସି ସେବକ ଶ୍ରୀଳ ମହାରାଜଙ୍କୁ କହିଲେ, "ଆପଣଙ୍କ ଆଦର୍ଶ ତଥା ସତ୍-ସାହସ ଅତୁଳନୀୟ ଅଟେ, ଏହି ବୃଦ୍ଧ ବୟସରେ ମଧ୍ୟ ଆପଣ ଏଭଳି ଚିନ୍ତା କରି ପାରୁଛନ୍ତି, କହି ପାରୁଛନ୍ତି ତଥା ସବୁକିଛିକୁ ସମ୍ମୁଖୀନ ହେବାକୁ ଟିକିଏ ହେଲେ ଚିନ୍ତିତ ନୁହଁନ୍ତି । କିନ୍ତୁ ଆମ୍ଭେମାନେ ତ ବଦ୍ଧଜୀବ, ଭଗବାନଙ୍କ ଉପରେ ସମ୍ପୂର୍ଣ୍ଣରୂପେ ନିର୍ଭରଶୀଳ ହୋଇପାରିନାହୁଁ, ଆମ୍ଭଙ୍କୁ ଚିନ୍ତା ହେଉଛି ଯେ, ଆଜି ଭଗବାନ୍ ନ କରନ୍ତୁ, ଯଦି ଆପଣ ମଧ୍ୟ ଅନ୍ୟ କୌଣସି ଗୁରୁବର୍ଗଙ୍କ ଭଳି ଅଧିକ ସମୟପର୍ଯ୍ୟନ୍ତ ଅସ୍ୱସ୍ଥ-ଲୀଳା ପ୍ରକାଶ କରନ୍ତି, ତେବେ ଆମ୍ଭମାନେ କ'ଣ କରିବୁଁ? ଆପଣଙ୍କୁ ନେଇ କେଉଁଠି ରହିବୁଁ? ଆପଣ କୌଣସି ସଂସ୍ଥାରେ ଯୋଗଦାନ କରିବାକୁ ଚାହୁଁନାହାଁନ୍ତି, ଏଭଳି ଶାରୀରିକ ଅବସ୍ଥାରେ ବାରମ୍ବାର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଭ୍ରମଣ କରିବା ମଧ୍ୟ ଅତ୍ୟଧିକ କଠିନ । ତେବେ କ'ଣ କରିବା କର୍ତ୍ତବ୍ୟ ?" ତହୁଁ ଶ୍ରୀଳ ମହାରାଜ ଉତ୍ତର ଦେଲେ,—"ମୁଁ ଲୋମଶ ଋଷିଙ୍କ ଭଳି କୌଣସି ଗୋଟିଏ ବଡ଼ ପତ୍ରରେ ମୁଣ୍ଡକୁ ଢ଼ାଙ୍କି ରଖିବା ପାଇଁ ଅଭ୍ୟାସ କେଉଁ କରି ନାହିଁ, ଅତଏବ କୌଣସି ଗୋଟିଏ-ଅଧେ ସ୍ଥାନ  କରିବାକୁ ପଡ଼ିବ । ଯେଉଁଠାରେ ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ରହିବାର ବ୍ୟବସ୍ଥା ନ କରି ପାରିଲେ ମଧ୍ୟ କିଛିକ୍ଷଣ ବସି ହରିକଥା-କୀର୍ତ୍ତନ କରିବା ଭଳି ଯୋଗ୍ୟ ସ୍ଥାନ ହୋଇଥିବା ଆବଶ୍ୟକ । ଅତି-ଆରାମର ଆବଶ୍ୟକତା ନାହିଁ, ଟିଣ-ଛାତ ମଧ୍ୟ ଚଳିବ, କିନ୍ତୁ ଯଦି କୌଣସି ଆରାମଦାୟକ-ସ୍ଥାନ ହୋଇଯାଏ, ତେବେ ମଧ୍ୟ ସେଥିରେ ମୋର କୌଣସି ଆପତ୍ତି ନାହିଁ । ମୁଁ ଏହାକୁ ମୋ' ପ୍ରଭୁଙ୍କ ଇଚ୍ଛା ହିଁ ମଣିବି । କିନ୍ତୁ ମୋ' ସମ୍ମୁଖରେ ଆଦର୍ଶ ସହିତ କେଉଁହେଲେ କାହାକୁ ଖେଳୁଥିବାର ଦେଖି ଚୁପ ହୋଇ ରହି ପାରିବି ନାହିଁ ।

।।କ୍ରମଶଃ।।

(ଶ୍ରୀ ଶ୍ରୀଭାଗବତ ପତ୍ରିକା, ୧୪ଶ ବର୍ଷ, ୧୧ଶ-୧୨ଶ ସଂଖ୍ୟାରୁ ଅନୁଦିତ)

**ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ।**
**ହରେ ରାମ ହରେ ରାମ ରାମ ରାମ ହରେ ହରେ ।।**

# ଶ୍ରୀବ୍ରଜମଣ୍ଡଳ-ପରିକ୍ରମା—୨୦୨୦




































